

ସୃଜନ
SRUJAN
The Creativity Journal
2021, Volume 1, Issue 2

2021, Volume 1, Issue 2

***Editor-in-Chief***
Dr Nilamadhab Kar

***Editorial board***
Prof Sarat Chandra Rath
Mona Dash
Mrs Nirupama Kar
Dr Suresh Rath
Prof Nandini Sahu
Prof Tanmay Panda
Mr Bijay Biswaal
Dr Chinmayi Nath
Dr Aloke Patnaik
Mona Lisa Jena
Shri Harish Chandra Kar
Shri Satya Pattanaik

**Regional Representatives**
Tapan Panda – America
Satyadeep Acharya – Australia
Pritisikta Panda – Europe
Antaryami Upadhyaya – UK

**Creative Support**
Shreyan Kar, Birmingham
GenX studios, Bhubaneswar

**Publisher**
The Institute of Insight, UK

**Sponsor**
Quality of Life Research and Development Foundation (QoLReF)

**Contact and submit articles at**
srujan.journal@gmail.com


Copyright of all published material in this journal is held by the authors. Please inform any concerns related to copyright or ethical issues to the authors and editors. Permission is required for commercial use of the articles.

SRUJAN The Creativity Journal
2021, Volume 1, Issue 2

# Contents


| | | |
|---|---|---|
| **Shreyan Kar** | **Awe** | 1 |
| ମାନସ ରଞ୍ଜନ ପଣ୍ଡା | ସଞ୍ଜ ମୋ ସରେ | 2 |
| | ଚିତ୍ରଲେଖାର ଚିତ୍ରଖାତା | 2 |
| | କହିବାକୁ ଥିଲା | 3 |
| ସୁଷମା ଲେଙ୍କା | ଭଲ ପାଇବାର | 5 |
| କମଳିନୀ ମଲ୍ଲିକ | ମୋ ବୋଉ | 6 |
| ସୁରେନ୍ଦ୍ର ପାଣିଗ୍ରାହୀ | ସ୍ମୃତି ତୁମେ ମୋର | 8 |
| ବିନୋଦିନୀ ପାତ୍ର | ସମ୍ପର୍କ | 9 |
| **Sugato Tripathy** | **Sitabinji – If Rocks Could Talk** | 11 |
| ସ୍ନେହଲତା ପୃଷ୍ଟି | ନିରବ ନାଉରି | 16 |
| ଜୟଶ୍ରୀ ପଟ୍ଟନାୟକ | ନିରବ ଝଡ଼ | 18 |
| ହରିଶ୍ ଚନ୍ଦ୍ର କର | ତଳ ବରଡ଼ାର ଆତ୍ମକଥନ | 23 |
| ଗୋଲକ ବିହାରୀ ନାୟକ | ପଶ୍ଚାତାପ | 25 |
| | କୁଜ୍‌ଝଟିକା | 26 |
| ସଂଘମିତ୍ରା ଭଞ୍ଜ | ତମେ କି ଈଶ୍ୱର ! | 28 |
| ମମତା ପଟ୍ଟନାୟକ | ଶବ୍ଦ | 30 |
| **Sumitra Mishra** | **An evening on the Arabian Sea** | 33 |
| | **Did you hear me SCREAM?** | 34 |
| ବୈଜୟନ୍ତୀ ମିଶ୍ର | ଅଙ୍ଗଦାନ | 35 |
| ଜୟଶ୍ରୀ ନନ୍ଦ | କାହିଁକି କୋଷନ୍ତି ସର୍ବେ ଧୃତରାଷ୍ଟ୍ରେ ପରା? | 42 |
| **Bijay Biswaal** | **Platform 1 Nagpur** | 44 |
| | **Who's that girl** | 45 |
| ମନୋଜ କୁମାର ଜେନା | ଫଟା କାନ୍ଥ | 46 |
| ପାବ୍ଲୋ ନେରୁଦା | ତୁମେ ଧୀରେ ଧୀରେ ମରିବାକୁ ଆରମ୍ଭ କରୁଛ *(ଅନୁବାଦ - ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ)* | 53 |
| ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ | ଜୀବନ ବୀଣାରେ ତୁମ ମୂର୍ଚ୍ଛନା | 54 |
| ନିରୁପମା କର | ଶୋଭାଯାତ୍ରା | 56 |

| | | |
|---|---|---|
| ସୁରେଶ ଚନ୍ଦ୍ର ରଥ | ଆଶାରେ ଆଶାରେ... | 63 |
| | ଚିଠିଟିଏ ତୁମପାଇଁ ... | 64 |
| ଅନୁପ କିଶୋର ଦାସ | ମୁହୁର୍ମୁହୁଃ | 65 |
| ଦେବାଶିଷ ମହାପାତ୍ର | ଦୁଇଟି ଛୋଟ କବିତା | 67 |
| **Barada Prasanna Das** | **Return to the Vedas** ***(Translated by Sugyan Choudhury)*** | 68 |
| ପ୍ରଣତି ମହାପାତ୍ର | ଶେଷ ଚିଠି ଲଳିତାର | 69 |
| ଭରତ ଚନ୍ଦ୍ର ଦାଶ | ଚିଠି | 73 |
| ପୁଷ୍ପାଞ୍ଜଳି ପଣ୍ଡା | ମୃତ୍ୟୁ | 75 |
| **Tanaya Kar** | **Oasis** | 77 |
| ଶ୍ରୁତକିର୍ତ୍ତୀ ତ୍ରିପାଠୀ | ହଲେ ପାଉଁଜି | 78 |
| ସ୍ୱାଗତିକା ସେଠୀ | ସୁପ୍ତ ସାବିତ୍ରୀ | 85 |
| **Ajay Upadhyaya** | **Something understood** | 92 |
| ଅଂଶୁମାନ ମିଶ୍ର | ଫିରଙ୍ଗୀଙ୍କ ପାଇଁ ପଦେ... | 96 |
| ଶରତ ଚନ୍ଦ୍ର ରଥ | ଅଭିଷେକ | 98 |
| | ଅଭିମାନ | 99 |
| | କାଶତଣ୍ଡୀ | 100 |
| ଯଶୋବନ୍ତ ସେଠୀ | ଅପ୍ରାପ୍ତି | 101 |
| ହିମାଦ୍ରୀ ତନୟା ମିଶ୍ର | ପ୍ରଣୟିନୀ | 103 |
| ମୋନାଲିସା ଜେନା | ମା’ | 105 |
| **Nilamadhab Kar** | **I just want you to return home** | 107 |
| | **Information about Srujan** | 109 |


**Prabhat Panda**, New Delhi, India. Cover Art

# ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ
# Srujan: The Creativity Journal

**Articles for Srujan**

This is an effort to put together a journal with the choicest creative articles in Odia Literature and creativity in other fields of artistic expressions linked to Odisha for *an international readership*; with an aim of propagating, promoting Odia literature and creativity worldwide.

Articles (‘poem, short story, art, and other creative forms’) are invited for the **Srujan: The Creativity Journal**. Please send your selected articles only. Submit one article at a time; for poems you can send up to 3 small poems. Do not send essays and critiques.

This is **a multi-lingual** journal accepting creative articles of translations from and to Odia from different languages; along with article from Odia people writing in other languages.

The journal will consider pre-published articles as well (you may have to acquire permission from the original publishers if they have such condition).

Selection of all the submitted articles is done by a peer group, ***except the invited ones***.

**ସୃଜନ ପାଇଁ ଲେଖା**

ଓଡ଼ିଆ ଭାଷା ଓ ସୃଜନ ସମ୍ଭାର ସବୁକୁ ନେଇ ସଂଯୋଜିତ ଏହି ପତ୍ରିକା ବିଶ୍ୱର ପାଠକପାଠିକାମାନଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ । ଓଡ଼ିଆ ସାହିତ୍ୟର ଓ କୀର୍ତ୍ତିସବୁର ପ୍ରଚାର ପ୍ରସାର ଏହାର ମୁଖ୍ୟ ଲକ୍ଷ୍ୟ ।

ଏହା ପାଇଁ ଆପଣ 'କବିତା, କ୍ଷୁଦ୍ରଗଳ୍ପ, ଚିତ୍ରକଳା, ଆଲୋକଚିତ୍ର ଓ ଅନ୍ୟ ସୃଜନଶୀଳ ଲେଖା ପଠାଇ ପାରିବେ । ଆପଣ ନିଜର ସୁନିର୍ବାଚିତ ଲେଖାଗୁଡିକୁ ହିଁ ପଠାନ୍ତୁ । ଥରକେ ଗୋଟିଏ ଲେଖା ପଠାନ୍ତୁ; ତେବେ କବିତା ପାଇଁ ଥରକେ ତିନୋଟି ପର୍ଯ୍ୟନ୍ତ ଛୋଟ କବିତା ପଠାଇ ପାରିବେ । ନିବନ୍ଧ, ଆଲୋଚନା ଆଦି ପଠାନ୍ତୁ ନାହିଁ ।

ଏହା ବହୁ ଭାଷିକ ପତ୍ରିକା । ଓଡ଼ିଆ କବି ଓ ଲେଖକ ନିଜର ଇଂରାଜୀ ଲେଖା, ଅନୁବାଦ ଲେଖା (ଓଡ଼ିଆରୁ ଅନ୍ୟଭାଷାକୁ ଓ ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ ହୋଇଥିବା ଲେଖା) ପଠାଇ ପାରିବେ ।

ପୂର୍ବ ପ୍ରକାଶିତ ଲେଖା ବି ପଠାଇ ପାରିବେ, ଯଦି ସେସବୁର ପୁନଃ ପ୍ରକାଶନ ପାଇଁ ଆପଣଙ୍କ ପାଖରେ ଅନୁମତି ଥାଏ ।

ଆମନ୍ତ୍ରିତ ଲେଖାକୁ ଛାଡିଦେଇ, ପଠାଯାଇଥିବା ଅନ୍ୟସବୁ ଲେଖାଗୁଡ଼ିକର ଚୟନ ଏକ ଲେଖକ-

Please refer to the ‘Instruction to authors’ for more information about submission. All the articles should be submitted in Word file, (preferably Kalinga font for Odia), author’s name, address (place and state/country), bio in 100 words, email are essential. Submit to the email below.

The article should be the authors’ own creation. Authors will remain responsible for any conflicts about their submission. Editorial board or the publishers will not have any liability.

Looking forward to your submissions.

Editorial Team,
Srujan: the creativity Journal
srujan.journal@gmail.com

ଲେଖିକା ଓ ପାଠକ ମଣ୍ଡଳୀ ଦ୍ୱାରା କରାଯାଏ I ଲେଖା ପଠାଇବା ପାଇଁ 'ଲେଖକୀୟ ନିର୍ଦ୍ଦେଶାବଳୀ' ଦେଖନ୍ତୁ । ଲେଖାସବୁ Word ଫାଇଲରେ ପଠାନ୍ତୁ, (ଓଡିଆ ଲେଖା ପାଇଁ କଳିଙ୍ଗ ଫଣ୍ଟ, ୟୁନିକୋଡ ଅଧିକ ବାଞ୍ଛନୀୟ), ନିଜର ନାମ, ଠିକଣା (କେବଳ ଗ୍ରାମ/ସହର ଓ ରାଜ୍ୟ/ଦେଶ), ନିଜ ବିଷୟରେ ଶହେ ଶବ୍ଦ, ଇମେଲ, ପଠାଇବା ନିହାତି ଦରକାର I ଲେଖାସବୁ ନିମ୍ନରେ ଦିଆଯାଇଥିବା ଇମେଲକୁ ପଠାନ୍ତୁ I

ଲେଖାସବୁ ଲେଖକ-ଲେଖିକାଙ୍କ ନିଜସ୍ୱ କୀର୍ତ୍ତି ହୋଇଥିବା ଆବଶ୍ୟକ I ଲେଖା ପ୍ରକାଶନର ନୀତି ନିୟମର କୌଣସି ଉଲଂଘନ ପାଇଁ ଲେଖକ-ଲେଖିକା ନିଜେ ଦାୟୀ ରହିବେ; ସେଥିରେ ସୃଜନ ସମ୍ପାଦନା ମଣ୍ଡଳୀ ବା ପ୍ରକାଶକଙ୍କର କୌଣସି ଦାୟିତ୍ୱ ରହିବ ନାହିଁ I

**ଆପଣଙ୍କ ଲେଖା ପଠାଇବା ପାଇଁ ଅଶେଷ ଧନ୍ୟବାଦ I**


**ସମ୍ପାଦନା ମଣ୍ଡଳୀ**
**ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ**
srujan.journal@gmail.com

**Information about the journal is given at the end of this issue.**

***For further information please contact***
Srujan Editorial Board: srujan.journal@gmail.com
Quality of Life Research and Development Foundation (QoLReF), India: qolref@gmail.com
The Institute of Insight, UK: theinstituteofinsight@gmail.com

# Awe

**Shreyan Kar**



∞∞

**Shreyan Kar**, Medical School, University of Birmingham, UK.

# ସଞ୍ଜ ମୋ ସରେ

**ମାନସ ରଞ୍ଜନ ପଣ୍ଡା**

ସଞ୍ଜ ମୋ ସରେ ଶୂନ୍ୟ ସମ୍ଭୋଗର ସଂହିତା ପଢିପଢି,
ରିକ୍ତ ରମଣର ରକବେଦ ଲେଖି ରାତ୍ରୀ ମୋ ଯାଏ ସରି ।
ସ୍ପନ୍ଦନହୀନ ସୁକୁମାରୀ ସେ ଯେ ଶୁଷ୍କ ମନରେ ତାର,
ଶୃଙ୍ଗାର ଶୋଷ ସରିକି ଯାଇଛି ମାଦକତା ରୋମାଞ୍ଚର ।

କମ୍ପନହୀନ କାୟାରେ ବା କାହୁଁ ରଚିବି ଯେ ଅଭିସାର,
ବାହୁଆପଣର ବନ୍ଧନ ଡେଇଁ ବର୍ଷିବି ଝରଝର ।
ଗୋପନ ଗପର ଗୋହିରୀରେ ଆଉ ଗାଇବି ବା କେଉଁ ଗୀତ,
ରଂଗରସର ଋତୁ ଯେ ମୋ ପାଇଁ ସାଜିଛି ଉଜୁଡ଼ା କ୍ଷେତ ।

ପ୍ରୀତିହୀନ ମୋର ଏଇ ପରମାୟୁ ତରଳ ତୃଷ୍ଣାର ତଟ,
ସିଏ କି ତପସ୍ୱୀ ବୁଝେନାହିଁ ଯିଏ ସମ୍ପର୍କର ଚିତ୍ରପଟ୍ଟ ।
ପୋଡା ପାଉଁଶର ଗେରୁଆ ଛାତିରେ ଗଢୁଛି ମିଥୁନ ଚିତ୍ର,
ଭୁଲିଯେ ଯାଇଛି ଜୀବନ ଜ୍ୟାମିତି ଗୋପନ ପ୍ରଣୟ ସୂତ୍ର ।

ବିଧୁର ବେଳାରେ ବିଧାତା ମୋ ଭାଗ୍ୟ ବେରଙ୍ଗୀ କାହିଁକି କଲା,
ଦୁଃଖର ଅଖଣ୍ଡ ଦୀପଟିଏ ଧରି ରାତ୍ରୀ ମୋ ଇତି ହେଲା ।
ഠഠഠ

# ଚିତ୍ରଲେଖାର ଚିତ୍ରଖାତା

**ମାନସ ରଞ୍ଜନ ପଣ୍ଡା**

ଆଜି ଆଙ୍କିଦେଲି ଆଖି ଅଗଣାରେ ଅନ୍ଧାର ଅବୟବ,
ଆଜି ଆଲୁଅର ଆଘାତେ ପାଇଛି ଅନ୍ତହୀନ ଅପବାଦ ।
ଆଜି ଆଞ୍ଜୁଳାରେ ଅଶ୍ରୁଅନଳ ସାଜିଛି ମୋ ଅଶାବରୀ,
ହସର ଆଲେଖ୍ୟ ଅଧରଧାରରୁ ଅଜାଣତେ ହେଲା ଚୋରି ।

କଲହାସିନୀର କାଉଁରୀ କିମିଆଁ କାଦମ୍ବରୀ ଥିଲା ସତେ,
କାଦମ୍ବିନୀ ପରି ତା ରୂପ କାନ୍ତିରେ କଲ୍ଲୋଳିତ କଲା ମୋତେ
କୃଷ୍ଣଚୂଡ଼ାର କୁଂକୁମ ନାଇ ହସେ ସତେ ଦୁଷ୍ଟ ଖରା
ହସ ତାର ଲାଗେ ଉପହାସ ଆଜି ମୁଁ କ୍ଲାନ୍ତ ପଥିକ ପରା

ଯେଉଁ ଚିତ୍ରିଣୀର ଚୋରା ଚାହାଣୀରେ ଚହଲିଥିଲା ଏ ଛାତି
ଚିତ୍ରୋତ୍ପଳାର ଚୋରାବାଲି ପରି ରଖିଲାନି କିଛି ଚୁକ୍ତି
ଭାବିଥିଲି ତାକୁ ଚନ୍ଦ୍ରମଲ୍ଲିକା ଛଳନା ଚିତ୍ରଶାଳରେ
ଚୋରା ବସନ୍ତର ଚିଠି କରି ମୋତେ ଖୋସିବ ଚନ୍ଦ୍ରହାରରେ

ଚିତ୍ରଲେଖାର ଚିତ୍ରଖାତାରେ ଚିତ୍ରଟେ ହୋଇ ରହିଗଲି
ଚମ୍ପାବନର  ଚୁଇଁ ଚଢେଇ ମୁଁ ଚମ୍ପକବାସ  ଚାହୁଁଥିଲି ।
ଠଠ

# କହିବାକୁ ଥିଲା

**ମାନସ ରଞ୍ଜନ ପଣ୍ଡା**

କହିବାକୁ ଥିଲା କେଉଁ କାହାଣୀଟେ କାହାକୁ ଯେ କେତେବେଳେ,
ଗଢିବାକୁ ଥିଲା ଗୋପନ ଗପଟେ ଗଭୀର ନିଶିଥି କାଳେ ।
ଦେଖିବାକୁ ଥିଲା ଦେହ ଦରପଣ ଦିନ ଆଲୁଅରେ ଦିନେ,
ଅନୁଭବିବାର ଅନାହତ ଇଛା ଥିଲା ପୂର୍ଣ୍ଣିମୀ ଜହ୍ନେ ।

ସପନ ଶିଢ଼ିରେ ସବାର ସେବେଠୁ ଶୂନ୍ୟ ହେଲେବି ସ୍ମୃତି,
ଗାଉଛି ଗୋଟିଏ ଗୀତର ଧାଡ଼ି ମୁଁ ଜୀବନ ଗଲାଣି ବିତି
ଅନ୍ଧକାରକୁ ଆଇନା ସଜେଇ ନୀରେଖେ ତା ଅଙ୍ଗରେଖା
ପବନ ହେଇ ସେ ଖେଳେ ସାରାରାତି ମୁଁ ଅବା ମରୁବାଲୁକା ।

ସାରାରାତି ସିନା ସପନର ସୁରା କରେ ମୋତେ ମତୁଆଲା
ସକାଳ ସୁରୁଜ ବୁଣେନି ମୁରୁଜ ଖାଲି ଥାଏ ମୋ ପିଆଲା ।
ଚିତ୍ରନଦୀର ଚାରୁଶାଳାରେ ମୁଁ ଚୁମ୍ବନ ଚିତ୍ର ଦେଖି
ଚହଲିଛି ସିନା ଶୁନ୍ୟ ଶୃଂଘାରେ ନିଜକୁ ନିଜେ ମୁଁ ଠକି ।

କୋହ କଦମ୍ବର କେଶରରେ ଲେଖା କାରୁବାକୀର  କାହାଣୀ
ଜହ୍ନ ଯେଉଁଠି ଯାତନା ଜୁଇରେ ନିତି ଜଳେ ଜାଣି ଜାଣି ।

ooo

**ମାନସ ରଞ୍ଜନ ପଣ୍ଡା,** ଆରଡ଼ି, ଭଦ୍ରକ, ସୃଜନଶୀଳ ସାହିତ୍ୟ ପତ୍ରିକା "ଏଯାବତ"ର ସମ୍ପାଦକ । ୨୦୧୮ ମସିହାରେ ପ୍ରକାଶିତ ତାଙ୍କର ଗୀତିକବିତା ସଂକଳନ "ମିଠା ଦହନର ଦୋହା" ପାଠକୀୟ ଆଦୃତି ଲାଭ କରିଛି । ସେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ଓ ପୁରସ୍କୃତ । ସେ ଭାରତୀୟ ବାୟୁସେନାର ଜଣେ ଭୂତପୂର୍ବ ବାୟୁଯୋଦ୍ଧା ଏବଂ ଏବେ ସେ ବ୍ୟାଙ୍କ ଅଫ ବରୋଦାରେ କାର୍ଯରତ ।

# ଭଲ ପାଇବାର

**ସୁଷମା ଲେଙ୍କା**

ଭଲ ପାଇବାର ଗଭୀରତା କେତେ
ମାପି କେବେ ହୁଏ ନାହିଁ
ମନ କଥା କେବେ କହିତ ହୁଏନା
ମନ ତଳେ ଯାଏ ରହି ------ (୧)
ପଚାରିକି କେହି ପ୍ରେମ କରେନାହିଁ
ଆପେ ଆପେ ହୋଇଯାଏ
ଦରଦୀ ମନକୁ ବୁଝାଇ ହୁଏନି
ମନ ତାକୁ ଖୋଜୁଥାଏ
ନ ଦେଖିଲେ ଦିନେ ହୁଅଇ କଷଣ
ଭଲ କିଛି ଲାଗେ ନାହିଁ
ଭଲ ପାଇବାର ଗଭୀରତା କେତେ
ମାପି କେବେ ହୁଏ ନାହିଁ -------- (୨)
ବଡ଼ ଦାରୁଣ ସେ ପ୍ରେମର ପୀରତି
ମନ କାହିଁ ହଜିଯାଏ
ଯୁଆଡେ ଚାହିଁଲେ ମନର ମଣିଷ
ମୋ ଆଖିରେ ଦିଶୁଥାଏ
ହୃଦୟ ଭିତରେ ବସିଗଲେ ଥରେ
ପୀରତି ଯାଏରେ ହୋଇ
ଭଲ ପାଇବାର ଗଭୀରତା କେତେ
ମାପି କେବେ ହୁଏ ନାହିଁ -------- (୩)

ଦଦଦ

**ସୁଷମା ଲେଙ୍କା,** ଭୁବନେଶ୍ୱର, ଓଡ଼ିଶା । ଗୃହିଣୀ ଓ ମା । ସାହିତ୍ୟରେ ରୁଚି ହେତୁ କବିତା, ଗୀତି କବିତା ଏବଂ ପ୍ରବନ୍ଧ ଓ ଗଳ୍ପ ରଚନାରେ ମନ ନିବେଶ କରିବା ସହ ବିଭିନ୍ନ କୁଇଜ, ରୋଷେଇ ,ଝୋଟି, ରଙ୍ଗୋଲି, ପୁଷ୍ପ ଓ ଫଳ ପ୍ରଦର୍ଶନୀମାନଙ୍କରେ ଅଂଶଗ୍ରହଣ କରି ବହୁବାର ପୁରସ୍କୃତ । ତାଙ୍କ ରଚିତ ଗଳ୍ପ କବିତା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇ ଆସୁଛି । ଗୋଟିଏ କବିତା ଓ ଦୁଇଟି ଗୀତି କବିତା ସଂକଳନ ପ୍ରକାଶିତ: 'ସବୁଜିମାର ସ୍ୱପ୍ନ', 'ସୁରଭି', 'ଶ୍ରୀକ୍ଷେତ୍ର ମହିମା' । ତାଙ୍କ ଗଳ୍ପ ବହି 'ନୂଆ ସକାଳର ସୂର୍ଯ୍ୟ' ଉନ୍ମୋଚିତ ହେବା ଅପେକ୍ଷାରେ । ସେ ବହୁ ସାହିତ୍ୟ ଅନୁଷ୍ଠାନ ସହିତ ଜଡ଼ିତ ଓ ସମ୍ବର୍ଦ୍ଧିତ ।

ଦଦଦ

# ମୋ ବୋଉ

**କମଳିନୀ ମଲ୍ଲିକ**

ମୋ ବୋଉ
ଯିଏ ଦିନେ ଶ୍ରାବଣ ପରି
ଝରଝର ଝରୁଥିଲା
ଆଜି ଶୋଷ କଲେ ପିଉଛି
ନିଜ ଲୁହ, ନିଜ ଲହୁ ।

ମୋ ବୋଉ
ଯିଏ ଦିନେ ବୈଶାଖ ପରି
ଡହଡହ ରଡୁଥିଲା
ଆଜି ଓଦାକାଠ ଭଳି ଆଦରି ନେଇଛି
ଭୁଷୁଡି ଯିବାର ଦାଉ ।

ମୋ ବୋଉ
ଯିଏ ଦିନେ ବସନ୍ତ ପରି ବହୁଥିଲା
ବାସୁଥିଲା, ବାଂଟୁଥିଲା
ଆଜି ତା ଥୁଂଟାଗଛ ପରି ଦେହଟାରେ
ମାଡି ଗଲାଣି ନିଥର ତତଲା ଜଉ ।

ହାୟ, ମୋ ବୋଉ,
ବର୍ଷା, ବୈଶାଖ ଓ ବସନ୍ତର
ଦୁନିଆଁକୁ ଆଡେଇ ଦେଇ
କେଉଁ ନିଷିଦ୍ଧ, ନିଘଂଚ ଇଲାକାରେ
ଆତ୍ମଗୋପନ କଲା ଯେ
ଯେତେ ଡାକିଲେ ଜମା ଶୁଣିଲାନି
ଯେତେ ମାଗିଲେ ଠିକଣା ଟିକେ ବି ଦେଲାନି

କେଜାଣି ସେ କଣ ପାଇଲା
ବିଷ ନା ମହୁ,
ଜୀବନସାରାର ଏତେ ତ୍ୟାଗ ଓ
ସମର୍ପଣ ପରେ ବି
କାହିଁକି ଏମିତି ହେଇଯାନ୍ତି
ଦିନେ ସମସ୍ତଙ୍କର ବୋଉ ।

ꝏꝏ

**କମଳିନୀ ମଲ୍ଲିକ,** ଭୁବନେଶ୍ୱର । ବହୁ ଗଳ୍ପ,କବିତା ଓଡିଶାର ବହୁ ପତ୍ରପତ୍ରିକାରେ ପ୍ରକାଶିତ । ବିଶେଷକରି ଜଣେ ଶିଶୁ ସାହିତ୍ୟିକା । ଝୁମୁକା, କୁଆଁତାରା, ଶିଶୁ ସାହିତ୍ୟ ଅନୁଷ୍ଠାନ ତରଫରୁ ସମ୍ମାନୀତ । ଚଲାପଥ, ମା ମାଟି ସାହିତ୍ୟ ସଂସଦ, କଳିଙ୍ଗ ସାମ୍ବାଦିକ ସଙ୍ଘ ଏବଂ ଆହୁରି ବହୁ ଅନୁଷ୍ଠାନ ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ । ଏହାଛଡା ଅଭିନୟ କ୍ଷେତ୍ରରେ ସଚିବାଳୟ ଆନ୍ତଃ ବିଭାଗୀୟ ନାଟକ ପ୍ରତିଯୋଗୀତାରେ ଲଗାତାର ପାଂଚ ବର୍ଷ ଧରି ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତା । ରାଜ୍ୟ ଓଡିଶା ସଚିବାଳୟର ସ୍ୱରଷ୍ଟ୍ର ବିଭାଗରେ ବରିଷ୍ଠ ବ୍ୟକ୍ତିଗତ ସଚିବ ଭାବେ ଅଧୁନା କାର୍ଯ୍ୟରତା ।

ꝏꝏ

# ସ୍ମୃତି ତୁମେ ମୋର

## ସୁରେନ୍ଦ୍ର ପାଣିଗ୍ରାହୀ

ସ୍ମୃତି ତୁମେ ମୋର ଗଂଗଶିଉଳିର ଗୀତି
ସ୍ମୃତି ତୁମେ ମୋର କୁଆଁର ପୁନେଇଁ ରାତି ।

ସ୍ମୃତି ତୁମେ ମୋର ଯୋଗୀର କେଂଦରା ଗୀତ
ସ୍ମୃତି ତୁମେ ମୋର ପରବାସୀ ମନ ମିତ ।

ସ୍ମୃତି ତୁମେ ମୋର ଶ୍ରାବଣର ମେଘ ଧାରା
ସ୍ମୃତି ତୁମେ ମୋର ଆଷାଢ଼ର ଦୋଳି ଖେଳା ।

ସ୍ମୃତି ତୁମେ ମୋର ଚଇତେ ମଲ୍ଲୀ ମହକ
ସ୍ମୃତି ତୁମେ ମୋର ମାଆର ମଧୁର ଡାକ ।

ସ୍ମୃତି ତୁମେ ମୋର ଖୁଦୁରୁକୁଣିର ଖଇ
ସ୍ମୃତି ତୁମେ ମୋର ଶିଳରେ ରଗଡ଼ା ଜାଇ ।

ସ୍ମୃତି ତୁମେ ମୋର ପ୍ରେମର ପହିଲି ଛୁଆଁ
ସ୍ମୃତି ତୁମେ ମୋର ଶୀତରେ ଉମେଇଁ ନିଆଁ ।

ସ୍ମୃତି ତୁମେ ମୋର ବାସଂତୀ ବେଳାର କୁହୁ
ସ୍ମୃତି ତୁମେ ମୋର ଆଂବ ବଉଳର ମହୁ ।

ସ୍ମୃତି ତୁମେ ମୋର ଅଂଧାର ରାତିର ତରା
ସ୍ମୃତି ତୁମେ ମୋର ମିଠା ସରାଗର ଗରା ।

ସ୍ମୃତି ତୁମେ ମୋର ଖରାବେଳ ଗଛ ଛାଇ
ସ୍ମୃତି ତୁମେ ମୋର ଜୀବନ ଯମୁନା ନଈ ।

ଠଠଠ

**ସୁରେନ୍ଦ୍ର ପାଣିଗ୍ରାହୀ,** ଭୁବନେଶ୍ୱର, ରାଜଭାଷା ଅଧିକାରୀ । କବିତା ପୁସ୍ତକ: ମେଘ ମେଘ ଆକାଶ, କିଆ କେତକୀର କବିତା, ପଂଝୁରି ପାରିର ପକ୍ଷୀ, ଖାଳେଇ, ସାରା ଆକାଶ ଅଂଧାର, କବଂଧ ହେଇଯାଇଥିବା ସମୟ । ସଂପାଦନା: ଓଡ଼ିଆ କବିତାରେ "ଗାଁ" ଓ "ବର୍ଷା " । କେଂନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ବାରା ୩ଟି ଅନୁବାଦ ପୁସ୍ତକ । ପୁରସ୍କାର ଓ ସଂବର୍ଦ୍ଧନା: କାବ୍ୟ ଭୂଷଣ: ଶାଂତିନିକେତନ, ଫକୀର ମୋହନ କବିତା ସମ୍ମାନ, ଗୋଦାବରୀଶ କବିତା ସମ୍ମାନ, ଟାଇମ୍ ପାସ୍ ବେଷ୍ଟ ସେଲର୍ ପୁରସ୍କାର, ଏବଂ ଆହୁରି ଅନେକ ।

ଠଠଠ

# ସମ୍ପର୍କ

## ବିନୋଦିନୀ ପାତ୍ର

ସବୁଠାରୁ ଯତ୍ନରେ ତାକୁ
ସାଇତିବାକୁ ହୁଏ ।
କଥାରେ, କାମରେ ,ଆଚାରରେ  ଆଉ ବ୍ୟବହାରରେ ।
ଆଦାନ, ପ୍ରଦାନ
ଗ୍ରହଣ ଓ ସମର୍ପଣର ସଂଭ୍ରମତା ଭିତରେ ।

କେଉଁଠୁ ଆସେ ସେ?
ଅଦୃଶ୍ୟରୁ କି ଦୃଶ୍ୟରୁ,
ରକ୍ତରୁ ନା ହୃଦୟରୁ?
ଜମେଇ ଦିଏ ତାର ଥାଟ
ଖୁସି,ଆନନ୍ଦ ର ଡୋରୀରେ
ବାନ୍ଧିରଖେ ମଣିଷର ବିଶ୍ୱାସ ।

ଗଲାବେଳେ
ଧୂଆ ବାସନକୁ ଉଗୁଡେଇ ରଖିବା ପରି,
ସବୁକିଛିକୁ ଓଲଟେଇ ଦେଇଯାଏ।
ଯାହା ସବୁ ସିଏ ସାଥିରେ ନେଇ ଆସିଥାଏ ।

ସୁରକ୍ଷିତ ସମ୍ପର୍କଟିଏ
ତମ ହାତରେ ଧରାକୁ ସରା କରି
ଧରେଇ ଦିଏ ।
ଆକାଶକୁ କରି ରଖେ
ତମ ପାଇଁ ଢାଲଟିଏ,
ସାଗରକୁ ତମ ପାଦ ତଳେ
ପା ପୋଛ ପରି ବୁହେଇ ଦିଏ ।

ତୁମ ଆଖିରେ ଭରିଦିଏ
କେବେ ନ ଦେଖିଥିବା ସ୍ୱପ୍ନ,

ହୃଦୟରେ କୃଷ୍ଣ ଚୂଡାର ସ୍ପନ୍ଦନ ।
ରୋମାଞ୍ଚିତ କରିଦିଏ ତମ
ଲୁହର ଶ୍ରାବଣ ।

ସମ୍ପର୍କକୁ କିଂତୁ
ସଜାଡି ସମ୍ଭାରି ସସମ୍ମାନେ
ଥାପିବାକୁ ହୁଏ,
ନୂଆଧାନ ଭରା ମାଣ ଭିତରର
ସିନ୍ଦୂର ମଖା ଗୁଆ ପରି
ତାକୁ ନିତିନିତି ପୂଜା
ଆରାଧନା କରିବାକୁ ହୁଏ
ଖୁବ୍ ନିଷ୍ଠା ସହକାରେ ।

ଗଙ୍ଗା ଓ ଗାଙ୍ଗୀର ନ୍ୟାୟରେ,
ଅଜାଣତେ ହାତବାଜି
ଭରା କଳସୀର ଜଳ ପରି
ଯେପରି ସେ ଢଳି ନ ଯାଏ
ମାଟିରେ ମିଶି ନ ଯାଏ ।
ଫେରି ନ ଯାଏ ।

ଫେରିଯାଏ ଯଦି ସମ୍ପର୍କ,
ତମ ଛାତିର ଗର୍ଭଗୃହରୁ
ଖାଲି ଅବସୋସର ରକ୍ତ
ଝରୁଥାଏ ଯେ,
କେବେ ବି ତା ବନ୍ଦ ହେବାର ନ ଥାଏ ।
ପୁଣି ଥରେ ଆପଣା ଖୁସିରେ
ସେ ଫେରି ନ ଆସିବା ଯାଏ ।

ଠଠଠ

**ପ୍ରଫେସର ଡ. ବିନୋଦିନୀ ପାତ୍ର** । ଭୁବନେଶ୍ୱର । କବୀ, କଥାକାର, ଅନୁବାଦିକା ଓ ଶିଶୁ ସାହିତ୍ୟିକା ଡ. ବିନୋଦିନୀ ପାତ୍ର ଏ ଯାବତ୍ ପନ୍ଦରରୁ ଉର୍ଦ୍ଧ୍ୱ ପୁସ୍ତକର ରଚୟିତ୍ରୀ । ନିଜ ଛାତ୍ରୀ ଜୀବନରୁ ସେ ପ୍ରଜାତନ୍ତ୍ର ଗଳ୍ପ ପୁରସ୍କାର ଠାରୁ ଆରମ୍ଭ କରି  କାଦମ୍ବିନୀ ପୁରସ୍କାର, ଲେଖିକା ସଂସଦ ପୁରସ୍କାର, ଫକୀରମୋହନ ସାରସ୍ୱତ ପୁରସ୍କାର, ଚଲାପଥ, ବର୍ତ୍ତିକା ପୁରସ୍କାର ଓ ଆହୁରି ଅନେକ ଅନୁଷ୍ଠାନରୁ ନିଜର ସାରସ୍ୱତ ଉତ୍କର୍ଷ ପାଇଁ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି । ସେ ଉଭୟ ଓଡ଼ିଆ ଓ ଇଂରାଜୀରେ ଅନୁବାଦ ଓ ରଚନା କରନ୍ତି । ତାଙ୍କର ଅନେକ ରଚନା ଆମେରିକା, ମାଲେସିଆ ତଥା ବିଭିନ୍ନ ଭାରତୀୟ ପ୍ରଦେଶରେ ପ୍ରକାଶିତ ।

ଠଠଠ

# Sitabinji – If Rocks Could Talk

**Sugato Tripathy**

History has a strange way of preserving itself. Be it age old scriptures, venerable monuments, archeological excavations and even cave paintings, it almost always fascinatingly finds a way to be revealed in the most improbable of places and often in the most incredible manner. Sitabinji in Keonjhar district of Odisha is witness to one such episode of history which is preserved amidst an outcrop of gigantic rock boulders resembling a small platoon of "rocky soldiers" safeguarding an ancient treasure trove.

## History, Legend and Myths

Deriving its name from a nearby stream known as Sita, this small obscure village of Sitabinji with a population of less than 1000, is steeped in history and folklore. Legend has it that Maa Sita used this place as a shelter when she was deserted by Lord Rama. The locals also believe that she gave birth to Luv and Kush at this very place.  A small temple (actually a mud and brick structure) with the carved stone idols of Maa Sita and her two sons is located between a natural cavity formed by two seemingly perilous, humongous boulders perched against each other at different angles. Gouranga Charan Dehury, the local priest has been performing puja here for the past 40 years and laments the lack of care for the age old structure due to the remote location. An enormous boulder which looks the most enigmatic among its accomplices is known as "Bhandaraghara" (store house in Odia) which is believed to be the hiding place of looted treasures by the famous dacoit "Ratnakar" who later turned into Valmiki and wrote the epic saga of Ramayana. According to historians, there is also enough evidence to suggest that few Buddhist monks of the Hinayana sect inhabited Sitabinji during 4$^{th}$ -6$^{th}$ century BC.

## Ravana Chhaya

Perhaps the most famous structure in Sitabinji is the rock of Ravana Chhaya (Shadow of Ravana). Again typical to this mysterious place, two gigantic granite boulders are lounged against each other creating a triangular crevice which is 6.7 m in height and 4.7 m in depth. It would seem that the two boulders were deliberately stacked in such a unique manner to preserve


precious artwork for centuries to come. May be the demon king Ravana, the king of Lanka, famous for his celestial powers, had a hand in this. Standing tall at about 22 feet above the ground, the main rock (in the shape of a half-closed umbrella) is situated on top of another boulder.





## Tempera Paintings

Dating back to 7th century BC, the paintings in the rock shelter of Ravana Chaya were created using the tempera technique. The rough granite surface was smoothened with the help of thin layer of lime, before applying the quick drying colours synonymous to tempera paintings. Spread across 1000 sq.cm, the paintings do not show any links to religious artwork. It portrays an imperial figure with a sword, sitting on top of an elephant probably in a royal procession. A number of followers escort the procession on foot, along with women who seem to be dancing with a few accompanying horsemen. Rarely the sun rays penetrate the dense canopy surrounding the rocky structure, but when it does, it illuminates the centuries old fresco paintings giving a clear view of the entire "canvas", a testament to the artistic endeavor in those times. Some historians also believe that this location was used as a royal retreat while hunting.




## Rock Inscriptions

Inscriptions dating back to more than 1,000 years were discovered here by researchers a few years ago. The site contains fragments of bricks from unidentified structures replete with Pali inscriptions. Soapstone figurines and even ancient coins of the Kushanas have been unearthed indicating that Sitabinji might have been an active hub in those days.



**Rustic Charm**

Apart from being rich in mythological and historical artifacts, Sitabinji is also a very picturesque place. During autumn, when the old leaves give way to the new ones, the trees ensemble themselves with various hues of red, yellow and green giving the place look of a rustic European village. With so many rock shelters and boulder formations in this place, it might seem familiar to scenes in the famous anime American television sitcom "The Flintstones".



**A Puny Feeling**

Some geologists have argued that these boulders are one of the oldest formations on earth. Surrounded by huge imposing rock formations, one is bound to experience a dwarfish feeling and can't help but wonder about the majestic outcrop of such monumental and massive structures in one particular place where boulders are seemingly arranged in asymmetrical patterns by invisible hands. These million year old rocks manifested a certain *je ne sais quoi*. It felt hyper real up close and surreal once one stepped back. If these rocks could talk, one wonders what tales they would tell!



The village of Sitabinji is 30 kms from Keonjhar. Approximately 200 kms from Bhubaneswar, Keonjhar is well connected by rail and road.

∞∞

**Sugato Tripathy,** Asst. Professor, and Head – Branding and Marketing, KIIT School of Management & KIIT School of Rural Management; Social Media Head, 16 schools of KIIT DU; A member of International Travel Writers Alliance and ALCS (Authors' Licensing & Collecting Society) UK, with more than 80 publications (National and International) across travel magazines, travel portals, newspapers and inflight magazines.

∞∞

# ନିରବ ନାଉରି

## ସ୍ନେହଲତା ପୃଷ୍ଟି

ଆକାଶରେ ଚିକ୍ ଚିକ୍ ଖରା
ପାଣିରେ ଛୋଟ ଛୋଟ ଢେଉ
ନଈ ମଝିରେ ବିକଳ ବ୍ୟାକୁଳ ଡଙ୍ଗା
ଭାବୁଥିଲା
ଏକୂଳ ସେକୂଳ
ପହଁରିଯିବ ନଈ ସାରା ।
ହଠାତ୍ ନିରବିଗଲା ଢେଉ
ଲୁଚିଗଲା ଖରା
ଖୁସିଭର୍ତ୍ତି ମନଟା
ଝାଉଁଳି ଗଲା ଡଙ୍ଗାର ।
ଆକାଶରେ ମେଘ ଦେଖି
ସଂଜ ନଇଁବା ଭ୍ରମରେ
ଉଡ଼ିଗଲେ ପକ୍ଷୀ
ଶୂନଶାନ ନଈତୁଠ
ଚହଲୁ ନଥିଲା ପାଣି
ଘାଟରୁ କେହି ଡାକୁ ନଥିଲେ
'ଡଙ୍ଗା ଆଣ ହୋ ଏପଟକୁ' ।
ଅକୁହା ଯନ୍ତ୍ରଣାରେ ଛଟପଟ ହେଉଥିଲା ଡଙ୍ଗା
ଭାବୁଥିଲା
ନାଉରି ଏବେ କାତମାରି
ଚହଲାଇ ଦେବ ପାଣିକୁ
ଗୀତ ଗାଇବ
'ଗଲାଣି ତ ଗଲା କଥାରେ ସଙ୍ଗାତ'
ସବୁକିଛି ଠିକ୍ ହେଇଯିବ
ପୁଣିଥରେ ନାଆ ଚାଲିବ ନାଉରିର ହାତ ଧରି

ଅଥଚ
ସବୁ ଦେଖି ନଦେଖିଲା ପରି
ମଙ୍ଗ ଉପରେ କାତଧରି ବସିଥିଲା
ନିରବ ନାଉରି ।

ooo

**ସ୍ନେହଲତା ପୃଷ୍ଟି,** ଲେଖିକା, ଉପସ୍ଥାପିକା ଓ ଅଧ୍ୟାପିକା । ପ୍ରକାଶିତ ପୁସ୍ତକ: ଭଲପାଇବାର ଭାଷା, ବୋଉକୁ ଚିଠି, ପାହି ଆସୁଥିବା ରାତି, ଅତିକାୟ (ଉପନ୍ୟାସ), କୃଷ୍ଣା, ଭାରିଜଣେ ତୁମେ, ଶ୍ୟାମଳ ପ୍ରୀତିର ଦୁଃଖ, ଶ୍ରାବଣ ପାଉନି ଭଲ ମେଘକୁ (କବିତା), ଦୂର ବନାନୀର ଫୁଲ (ଗଳ୍ପ) । ପାଇଥିବା ପୁରସ୍କାର: ସେବାଶ୍ରୀ ନୀରଦ ପ୍ରଭା ଲେଖିକା ସମ୍ମାନ, ସ୍ମୃତିଲିପି ସାରସ୍ୱତ ସମ୍ମାନ, ଅଖିଳଚକ୍ର ସାରସ୍ୱତ ସମ୍ମାନ। ଗୋକର୍ଣିକା କବିତା ସମ୍ମାନ ।

ooo

# ନିରବ ଝଡ

**ଜୟଶ୍ରୀ ପଟ୍ଟନାୟକ**

ସେମିତି ଖୋଜି ଚାଲିଥିଲା ଦୀପଙ୍କର ମିତାଲିକୁ । ହେଲେ, କେଉଁଠାରେ ବି ତାକୁ ପାଇ ନ ଥିଲା । ବହୁତ ଖୋଜି ଖୋଜି ନିରାଶ ହୋଇ ପଡିଥିଲା । ସବୁ ଆଡେ ଫୋନରେ ପଚାରି ସାରିଲାଣି କିନ୍ତୁ କେଉଁଠାରୁ ବି କିଛି ଖବର ଆସିଲା ନାହିଁ । ତା ହେଲେ ଗଲା କୁଆଡେ ଏ ମିତାଲି ? ଦୀପଙ୍କର ଭାବି ବସିଲା, ଆଉ ସେ ଖୋଜି ପାରିବନି ମିତାଲୀକୁ । ନିଜ ଭୁଲ ପାଇଁ ମିତାଲୀ ଏଥର ଯାହା କହିବ ବା ଶାସ୍ତି ଦେବ ତାକୁ ମଥାପାତି ସହିନେବ । ଏଥର ଗୋଟିଏ ଭଲ ମଣିଷ ହିସାବରେ ନୈତିକତାର ଜୀବନ ବ୍ୟତୀତ କରିବ । ପୁଣି କେମିତି ଗୋଟିଏ ଅଶୁଭ କଥା ତାର ମନରାଜ୍ୟରେ ଜୀବନ୍ତ ହୋଇ ପଡୁଥିଲା । କେମିତି ଗୋଟିଏ ଅଡୁଆ ଅଡୁଆ ଲାଗୁଥିଲା ତାକୁ । କିଛି ଗୋଟିଏ ଅଘଟଣ ଆଗକୁ ଘଟିବାକୁ ଯାଉଛି ଭାବି ଭାବି ଭାବି ଦୁଇ ରାତି ହେଲା ଆଖିରେ ନିଦ ନ ଥିଲା ।

ଗଲାଦିନର ସ୍ମୃତି ସବୁ ଆଜି କେମିତି ମନେ ପଡି ଯାଉଥିଲା । ସେଦିନ ବିବାହ ପଞ୍ଜିକରଣ ଅଧିକାରୀଙ୍କ ପ୍ରକୋଷ୍ଠରେ ଶପଥ ପାଠ କରି ରେଜିଷ୍ଟରରେ ଦସ୍ତଖତ କରି ଫୁଲ ମାଳ ଆଦାନ ପ୍ରଦାନ ପରେ ସ୍ୱାମୀ ସ୍ତ୍ରୀ ହେବାର ସ୍ୱୀକୃତି ପାଇ ସାରିଥିଲେ ଦୀପଙ୍କର ଓ ମିତାଲି । ଅନେକ ଦିନର ପ୍ରତୀକ୍ଷାକୁ ଦୂରେଇ ଏକାତ୍ମ ହୋଇ ରହିବାର ସ୍ୱପ୍ନ ସେମାନଙ୍କ ମନରେ ଢେଉ ଖେଳୁଥିଲା । ମନ ଭିତରେ ବସନ୍ତର ଶିହରଣ । ଗୀତାର ସାରତତ୍ତ୍ୱ ଭିତରୁ ଶପଥ, ବନ୍ଧୁତ୍ୱ ଓ ପ୍ରେମ ଏ ତିନୋଟି କଥା ଜୀବନରେ ସର୍ବଦା ରକ୍ଷାକର । ଏହି ଉକ୍ତିଟିକୁ ବୁଝିପାରି ମିତାଲିକୁ ପତ୍ନୀ ରୂପେ ସ୍ୱୀକୃତି ଦେଇଥିଲା ଦୀପଙ୍କର । ଏକ ସୁନ୍ଦର, ସ୍ୱାଚ୍ଛନ୍ଦ୍ୟର ଗୃହସ୍ଥ ଜୀବନ ଅତିବାହିତ କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ ସେମାନେ ।

ଦୀପଙ୍କର ଏକ ବେସରକାରୀ କଲେଜର ଅଧ୍ୟାପକ । ମିତାଲି ଗୋଟିଏ ଘରୋଇ ସଂସ୍ଥାରେ ଡାଟା ଏଂଟ୍ରୀ ଅପରେଟର ଥିଲା । ଯାହା ବି ରୋଜଗାର ହେଉଥିଲା ସେଥିରେ ପରିବାର ଚଳି ଯାଉଥିଲା । କିଛି ବର୍ଷ ପରେ ସେମାନଙ୍କର ଦୁଇଟି ଯାଆଁଳା ସନ୍ତାନ ହୋଇଥିଲା ପିଲାଙ୍କ ପଛରେ ଗୋଟିଏ ଆଦର୍ଶ ମାଆ ପରି, ଦିନରାତି ସେମାନଙ୍କୁ ମଣିଷ କରିବାରେ ଲାଗି ପଡିଥିଲା ମିତାଲୀ । ଏମିତି ଦୁଃଖ ସୁଖ ଜୀବନର ଅନୁଭୁତିରେ ଖାପ ଖୁଆଇ ଦଶବର୍ଷର ସଂସାର ଚଳେଇ ସାରିଥିଲେ ସେମାନେ । ଦିନେ ବେସରକାରୀ କଲେଜ ଗୁଡିକୁ ସରକାର ହାତକୁ ନେଇଛନ୍ତି, ଅସ୍ଥାୟୀ ଅଧ୍ୟାପକ ମାନେ ସ୍ଥାୟୀ ହେବେ ଏବଂ ୟୁ.ଜି.ସି ହାରରେ ଦରମା ପାଇବେ ଏହି ଖୁସୀ ଖବରଟା ମିତାଲୀକୁ ଶୁଣାଇ ଚମକାଇ ଦେଇଥିଲା ଦୀପଙ୍କର । ଏ ଖବର ଶୁଣି ସମୁଦ୍ରରେ ଜୁଆର ଆସିଲା ପରି ଉଛୁଳି ପଡିଥିଲା ମିତାଲି । ତା ମନ କୁଣ୍ଢେମୋଟ ହୋଇ ପଡିଥିଲା । ଆଖିରେ କେତେ କଣ ସ୍ୱପ୍ନ ଦାନା ବାନ୍ଧିଥିଲା ତାର ।

ତାପରେ ଦୀପଙ୍କରର ଅନୁରୋଧ ରକ୍ଷାକରି  ପିଲାଙ୍କର ଯତ୍ନ ନେବାପାଇଁ ଚାକିରୀ ଛାଡି ଦେଇଥିଲା । ଏ ଖୁସୀ ତାର ବହୁତ ଦିନ ତଳର ଅବଦମିତ ଦୁଃଖକୁ ଧୋଇ ପାରି ନ ଥିଲା । ଯେତିକି ଖୁସୀ ଓ ଉତ୍ସାହ ଦୀପଙ୍କର ପାଇଁ ହୋଇଥିଲା ସେତିକି ଦୁଃଖୀ ମଧ୍ୟ ହୋଇଥିଲା  ପ୍ରତିଦିନ ସାଙ୍ଗସାଥୀ ମାନଙ୍କ ସହ ମଦ ପିଇବା, ରାତି ଅଧରେ ଘରକୁ ଫେରିବା, ରାତି ଅନିଦ୍ରା ହୋଇ ସିନେମା ଦେଖିବା, ଫେସବୁକ ଓ ହ୍ୱାଟସ୍ ଆପରେ ଚାଟିଙ୍ଗ କରିବା, ବାରଣ କଲେ ମିତାଲୀ ଉପରକୁ ହାତ ଉଠେଇବା ଏସବୁ ଥିଲା ଦୀପଙ୍କରର ଗୋଟିଏ  ଗୋଟିଏ ବଦଅଭ୍ୟାସ ।

ଅନେକ ବୁଝାଇଥିଲା ମିତାଲି । ଦେଖ, ଦୀପଙ୍କର ! ତୁମେ ଯଦି ଏମିତି ହେବ ତା ହେଲେ ମୁଁ ଆତ୍ମହତ୍ୟା କରିଦେବି ।  ମୁଁ ଜମା ବଂଚିପାରିବି ନାହିଁ । ସାହି ପଡିଶା ଲୋକମାନେ  ଅନେକ ପରିହାସ କଲେଣି । ପିଲାମାନଙ୍କର ବିତୃଷ୍ଣା ଭାବ ମୋତେ ଅସହ୍ୟ ଲାଗିଲାଣି । ଆଜି ଆମ ସମାଜ ଆଧୁନିକତାର ଡେଙ୍ଗୁରା ଯେତେ ପିଟିଲେ ବି, ଭଲ ପାଇ ବିବାହ କରିଥିବା ଯୁବକ ଯୁବତୀଙ୍କୁ କାହାର ବିଶାଳ ହୃଦୟ ଆଗେଇ ଆସେନି ନିଜର କରିବାକୁ । ଭାଗ୍ୟ, ଭଗବାନ, ବିଶ୍ୱାସ ଏମାନଙ୍କୁ ପାଥେୟ କରି ବଂଚିବାକୁ ହୁଏ । ଆମେ ମଧ୍ୟ ଏହି ଦୃଷ୍ଟାନ୍ତରୁ ଗୋଟିଏ ଦୀପଙ୍କର । ଯେଉଁଦିନ ମ୍ୟାରେଜ ରେଜିଷ୍ଟ୍ରେସନ ଫର୍ମରେ ଦସ୍ତଖତ କରି ଆମେ ବିବାହ ବନ୍ଧନରେ ଆବଦ୍ଧ ହେଲୁ ସେହି ମୁହୂର୍ତ୍ତରୁ ବାପା, ମାଆ, ଭାଇ, ଭଉଣୀ, ଆତ୍ମୀୟ ସ୍ୱଜନଙ୍କ ଠାରୁ ଆମେ ଦୂରେଇ ଯାଇଥିଲୁ । ଆମର କେବଳ ଗୋଟିଏ ଭୁଲ ଥିଲା ଯେ ଆମେ ଭଲ ପାଇ ବିବାହ କରିଥିଲୁ । ସମସ୍ତେ ଆମର ନିଜର ଥିଲେ ତଥାପି ଆମେ କେତେ ଅଣନିଃଶ୍ୱାସୀ ହୋଇ ଶେଷକୁ କୋର୍ଟର ଆଶ୍ରୟ ନେଇଥିଲୁ । କେହି ବୁଝି ନ ଥିଲେ ଆମ ମାନସିକତାକୁ । ଆଉ ଠିକ ସେହି ସମୟରେ ଶପଥ ବି ନେଇଥିଲେ ବଂଚିଥିବା ଯାଏଁ କେହି କାହାରିକୁ ଦୁଃଖ ଦେବାନାହିଁ ସୁଖରେ ଦୁଃଖରେ ସମଭାଗୀ ହୋଇ ଚାଲିବା । ସବୁବେଳେ କାୟା ପଛରେ ଛାୟା ପରି ପଥ ଅନୁସରଣ କରି ଚାଲିବା । ଆଉ ଆଜି ତୁମର ଏ ଅଧଃପତନରେ ମୁଁ କାହାର ଆଶ୍ରା ନେବି ? ସେହି ମୁହୂର୍ତ୍ତରେ ମିତାଲିର ହୃଦୟସ୍ପର୍ଶୀ କଥା ଶୁଣି ବଦଳି ଯାଉଥିଲା ଦୀପଙ୍କର । ପର ମୁହୂର୍ତ୍ତରେ ଯଥା ପୂର୍ବଂ ତଥା ପରଂ ନୀତି ହିଁ ଅନୁସରଣ କରୁଥିଲା । ଦିନକୁ ଦିନ ଦୀପଙ୍କରର ଏପରି ବ୍ୟବହାରରେ ଖୁବ୍ ମର୍ମାହତ ହୋଇ ପଡୁଥିଲା ମିତାଲି । କାହାକୁ କହିବ ମନର କଥା । ବନ ପୋଡିଗଲେ ସିନା ସଭିଏଁ ଜାଣନ୍ତି ମନ ପୋଡିଗଲେ କିଏ ବା ଜାଣିବ ? ଆତ୍ମୀୟ ସ୍ୱଜନ ଯିଏ ବି ଆସନ୍ତି ଏମିତି ଉପର ଠାଉରିଆ ଭଲମନ୍ଦ ପଚାରି ଚାଲିଯାଆନ୍ତି । ଥରେ ଦୁଇଥର ଏମିତି ଅନେକ ଥର ବୁଝାଇଥିଲା ଦୀପଙ୍କରକୁ । ଏତିକି ବି ଡରେଇଥିଲା ତୁମେ ଯଦି ଏମିତି ହେବ ତା ହେଲେ ମୁଁ ନିଜକୁ ତୁମ ସହ ଖୋପ ଖୁଆଇ ଚଳି ପାରିବିନି । ସକାଳ ହେଲେ ଲୋକେ ବାରକଥା ମୋତେ କୁହନ୍ତୁ, ମୁଁ ଏହା କେମିତି ସହିବି ? ଦିନେ ଦେଖିବ ତୁମ ସମସ୍ତଙ୍କୁ ଛାଡିଦେଇ ମୁଁ ବହୁତ ଦୂରକୁ ଚାଲିଯିବି ଖୋଜିଲେ ବି ପାଇବନି । ଦୀପଙ୍କର ନିଜକୁ ସଜାଡିବାକୁ ବହୁତ ଚେଷ୍ଟା କରିଥିଲା, ହେଲେ ନିଶା କବଳିତ ଶରୀର କଣ ବୋଲ ମାନିବ ?

ସେଦିନ କଲେଜରେ ନୂଆ ଅଧକ୍ଷ ଆସିଥାନ୍ତି ତାଙ୍କୁ ସ୍ୱାଗତ କରିବା ପାଇଁ  ଗୋଟିଏ ସ୍ୱାଗତ ଉତ୍ସବର ଆୟୋଜନ କରା ଯାଇଥିଲା । ସଭା ଶେଷ ହେଲା ପରେ ସାଙ୍ଗ ସାଥୀ ମାନଙ୍କ ସହ ମଦ ପିଇଦେଇ ମାତାଲ ହୋଇ ପଡିଥିଲା ଦୀପଙ୍କର । କିଛି ଅନର୍ସ କ୍ଲାସର ଛାତ୍ରମାନଙ୍କ ସାହଚର୍ଯ୍ୟରେ ଟଳି ଟଳି ପହଂଚିଥିଲା ଘରେ । ସମୟ ସେତେବେଳକୁ ରାତି ବାରଟା । ପଲଙ୍କ ଉପରେ ଶୁଆଇ ଦେଇଥିଲା ମିତାଲି । ଗୋଡରୁ ଜୋତା, ମୋଜା କାଢ଼ି ଦେଇଥିଲା । ଖୁବୁ କଷ୍ଟରେ ନିଜ ଭିତରର କୁହୁଳି ଉଠୁଥିବା ନିଆଁକୁ ଶାନ୍ତ କରୁଥିଲା ଲୁହର ସ୍ୱାକ୍ଷରରେ । ଅନେକ କିଛି କଥା ତାର ଲୋମଛିଦ୍ର ଦେଇ ବାହାରକୁ ବାହାରି ଆସିବାକୁ ଚେଷ୍ଟା କରୁଥିଲା ।

ସକାଳ ହେଲା । ଘରଭଡା, ଇଲେକଟ୍ରିକ ବିଲ, ରେସନ, ପିଲାଙ୍କ ବହିପତ୍ର ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚର ଲମ୍ବା ତାଲିକା ବଢ଼େଇ ଦେଇଥିଲା ଦୀପଙ୍କରର ହାତକୁ । ସ୍ତ୍ରୀ ହିସାବରେ ଅନେକ ଗାଳି ଗୁଲଜ ବି କରିଥିଲା । ଶିକ୍ଷିତ ହୋଇ ଯଦି ତମପରି ମଦ୍ୟପ ମାନଙ୍କ ହାତରେ ଶିକ୍ଷାଭାର ନ୍ୟସ୍ତ କରି ଦିଆଯାଏ ତେବେ ଶିକ୍ଷାର ମାନଦଣ୍ଡ ଅଚିରେ ଭୁଷୁଡି ପଡିବ । ଯେଉଁ ପିଲାମାନଙ୍କୁ ପାଠ ପଢ଼େଇ ଉଚିତ ଶିକ୍ଷା ଦେଇ ସମାଜରେ ସୁନାଗରିକ କରି ଗଢ଼ି ତୋଳିବାର ସ୍ୱପ୍ନ ଥାଏ ତାହା ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ପାରେନାହିଁ । ଏହାଠାରୁ ଚାକିରୀ ଛାଡି ଘରେ ବସିବା ବରଂ ଶ୍ରେୟସ୍କର ହେବ । କିଛି ଭଲମନ୍ଦ, ଆଗପଛ ବିଚାର ନ କରି ରାଗରେ ତମ ତମ ହୋଇ ବିଧା, ଗୋଇଠା କଷି ଦେଇଗଲା ଦୀପଙ୍କର ମିତାଲିକୁ । ସ୍ତ୍ରୀ ବୋଲି ଟିକିଏ ବି ଅଙ୍ଗୀକାର କରି ନ ଥିଲା ବରଂ ନିଜ ପୁରୁଷ ପଣିଆକୁ ଜାହିର କରି ନିଜକୁ ଖୁବ ଗର୍ବିତ ମନେ କରୁଥିଲା । ଅନେକ କାନ୍ଦିଥିଲା ମିତାଲି ବହୁତ ହେଲାଣି । ସହିବାର ସୀମା ଟପିଗଲା ପରେ ମଣିଷ ଅନ୍ୟପନ୍ଥାର ଆଶ୍ରୟ ନେବାକୁ ବାଧ୍ୟ ହୁଏ । ସକାଳ ପ୍ରହରୁ ନ ଖାଇ ନ ପିଇ ମନର କ୍ଷତକୁ ଲୁହରେ ଧୋଉଥିଲା । ରାତିରେ ପିଲାମାନଙ୍କୁ ଖୁଆଇ ପିଆଇ ଶୁଆଇ ଦେଲା । ପିଲା ମାନଙ୍କୁ ସ୍କୁଲ ହଷ୍ଟେଲ ରେ ଛାଡି ଦେବାପାଇଁ  ମନସ୍ଥ କଲା । ନଚେତ ବାପାର ଏତାଦୃଶ କାର୍ଯ୍ୟକଳାପ ପିଲାଙ୍କ ଉପରେ କଣ ପ୍ରଭାବ ନ ପକାଇବ ସେ କଥା କିଏ କହିବ ? ତାପରେ ପିଲାଙ୍କୁ ବୁଝାଇ ସୁଝାଇ ସ୍କୁଲ ଯାଇ  ହଷ୍ଟେଲ ଆଡମିସନ କରି ଛାଡି ଦେଇ ଆସିଲା । ଅନେକ ସ୍ୱପ୍ନର ସୌଧ ଗଢ଼ିବା ପାଇଁ ସେ ଯେଉଁ ଆଶା ଟିକକ କରିଥିଲା ତାହା କେମିତି ଅଶୁଭ ସମୟର ଇଙ୍ଗିତରେ ଭାଙ୍ଗି ଚୁରମାର ହୋଇ ଯାଉଥିଲା । ଦୀପଙ୍କର କଲେଜକୁ ବାହାରି ପଡିବାର ଦେଖି ରୋଷେଇ ସାରି, ଚିଠି ଖଣ୍ଡେ ଲେଖିଦେଲା ଦୀପଙ୍କରକୁ - ମୋତେ ଆଉ ଖୋଜିବନି । ପିଲାଙ୍କୁ ହଷ୍ଟେଲରେ ଛାଡି ଦେଇ ଆସିଛି । ଚିଠିରେ ପିଲାଙ୍କ କଥା ଲେଖିଦେଇଛି । ଏଥର ନିଜ ସ୍ୱାଧୀନତାକୁ ତୁମେ ବେଶ୍ ଭାବେ ଉପଭୋଗ କର । କେହି ତୁମକୁ ଆଉ ଆକଟ କରିବେନି । ତୁମକୁ ଭଲପାଇ ବିବାହ କରିଥିଲି ଅନ୍ତତଃ ମୋ ଭଲ ପାଇବାକୁ ବୁଝିବ ବୋଲି, ଆଉ ସମ୍ମାନ ଦେବ ବୋଲି । ତୁମେ ଯେତିକି ମାରିଛ ପିଲାଙ୍କର ସାମନାରେ ସେତକ ମୋ ଭଲ ପାଇବାର ଉପହାର ନୁହେଁ ତ ଆଉ କଣ? ଚିଠିକୁ ଚାରି ଚଉତା କରି ଟେବୁଲ ଉପରେ ରଖି, କବାଟରେ ତାଲା ପକାଇ, ପଡିଶା ଘରେ ଚାବି ଦେଇ ବାହାରି ପଡିଲା, ନିଜର ଅସାର ଜୀବନକୁ ଶେଷ କରି ଦେବାପାଇଁ ।

ଦୋଛକିରେ ଏବେ ଜୀବନ । ଟିକିଏ ରହି ପୁଣି ଭାବିଲା, ସେ କଣ ଠିକ କାମ କରୁଛି ? ନା ସେ ଆତ୍ମହତ୍ୟା କରିଦେଲେ ବଦଳିଯିବ ଦୀପଙ୍କର ? ପିଲାମାନଙ୍କୁ ସେ ଉଚିତ ନ୍ୟାୟ ଦେଇ ପାରିବ ତ ? ସେ କଣ ଏତେ ଦୁର୍ବଳା ? ନା, ସେ ବଂଚିବ । ସେ ସ୍ୱାବଲମ୍ବନଶୀଳା ହୋଇ ନାରୀଶକ୍ତିକୁ ଉଜ୍ଜୀବିତ କରିବ । ପିଲାଙ୍କ ପାଇଁ  ଆଜି ତାକୁ ବଂଚିବାକୁ ହେବ । ଏହି ସମୟରେ ଅଚାନକ ଦେଖା ହୋଇଗଲା ସନାତନ ମଉସା ସହ । ସନାତନ ମଉସାଙ୍କର ସବୁ ପ୍ରଶ୍ନର ଉତର ଦେବା ଛଳରେ କହିଲା ଦୀପଙ୍କର ସହ ଘଟିଥିବା ସବୁ କଥା । ମିତାଲି ମୁହଁରୁ ସବୁ ଶୁଣିସାରି ମଉସା କହିଲେ-- ଯାହା ହେବାର ହୋଇଗଲା ଏବେ ଘରକୁ ଫେରିଯା ମା' । ହେଲେ, ମିତାଲିର ଏକା ଜିଦ୍ ସେ ଘରକୁ ଫେରିବ ନାହିଁ । କାହା ପାଖକୁ ବା ଫେରିବ ? ଯେଉଁଠି ଭଲ ପାଇବାର ଛଳ ଛଳ ହୃଦୟଟିଏ ନାହିଁ ସେଠି ଯେତେ ତପସ୍ୟା କଲେ ବି ପ୍ରତାରଣା ହିଁ ମିଳିଥାଏ । ବିଶ୍ୱାସ ଯେଉଁଠି ଛଳନାର ରୂପ ନିଏ ସେଠି ସଂପର୍କର ମାନେ କିଛି ନ ଥାଏ । ନାରୀ କେବେ ଭୋଗ୍ୟବସ୍ତୁ ନୁହେଁ ।

ସେଦିନ ବହୁ ତ ଖୋଜିଲା ଦୀପଙ୍କର ହେଲେ ପାଇଲାନି ମିତାଲିର ଖୋଜ ଖବର କିଛି । ଧିକ୍କାର କରୁଥିଲା ନିଜର ପାରିଲା ପଣିଆକୁ ? ନିଜ ଅପାରଗତାକୁ ? ପିଲାମାନଙ୍କୁ ? କଣ କହି ବୁଝାଇବ ସାହି ପଡିଶାଙ୍କୁ ? ନିଜର ବୁଦ୍ଧି ଓ ବିବେକକୁ ? କିଛି ପିଲା ସେ ଖୋଜୁଥିବାର ଦେଖି ଧାଇଁ ଧାଇଁ ଆସି ଖବର ଦେଲେ, 'ସାର୍ ରେଳଧାରଣାରେ ଗୋଟିଏ ସ୍ତ୍ରୀ ଲୋକର କଟା ଶରୀର ପଡିଛି । ବୋଧହୁଏ ଆପଣଙ୍କ ମାଡାମଙ୍କର ।' ପୋଲିସରେ ଏଫ.ଆଇ.ଆର ଦର୍ଜ କରିବା ଅନୁସାରେ, ପୋଲିସର ଫୋନ ପାଇ ପହଂଚି ସାରିଲାଣି ଇତି ମଧରେ ପୁଲିସ କଷ୍ଟଡିରେ ଥିବା ଲାସ୍ ପାଖରେ । ଝାଳନାଳ ହୋଇ ଖୁବ୍ ଉଦ୍‌ବିଗ୍ନତାର ସହିତ ଚାହିଁ ରହିଥିଲା ଲାସଟିକୁ । ପୁଲିସ ଲାସଟିର ମୁହଁ ଉପରୁ ଢଙ୍କା ଯାଇଥିବା ଲୁଗାଟା କାଢି ପଚାରିଲେ – 'ଏ ଲାସ୍ ଆପଣଙ୍କ ମାଡାମଙ୍କର? ଚିହ୍ନନ୍ତୁ ତ ?' ମେଂଚେ ଛେପ ଢୋକିଦେଇ ଅନାଇଦେଲା ଲାସଟିକୁ । କହିଲା, 'ନା ସାର୍ । ଏ ମୋ ପତ୍ନୀ ନୁହେଁ । ଓଃ ଭଗବାନ ! ବଂଚିଗଲା ମଣିଷ,' କହି ଏକମୁହାଁ ହୋଇ ଧାଇଁଲା ଘର ଆଡେ । ମନେପଡି ଯାଉଥିଲା ମିତାଲିର କାନ୍ଦୁରା ମୁହଁ । ଲାସଟିକୁ ଦେଖିଦେଲା ପରେ ତାକୁ ଲାଗୁଥିଲା ମିତାଲି ଯେମିତି କହୁଛି ଆଉ ପାରିଲିନି ଦୀପଙ୍କର । ମୋତେ ଭୁଲ ବୁଝିବନି । ନାରୀଟିଏ ଯେତେବେଳେ ଅସହାୟ ହୋଇପଡେ ସେତେବେଳେ ତାର ଆତ୍ମହତ୍ୟା ବ୍ୟତୀତ ଆଉ କିଛି ରାସ୍ତା ନ ଥାଏ । ନା, ନା ସେ ଏ ଅଶୁଭ କଥା ଭାବୁଛି କେମିତି ? ମିତାଲିକୁ ଆଉ କିଛି କହିବନି ବୋଲି ମନସ୍ଥ କଲା । ତାକୁ ଆଉ ଅସହାୟ ହେବାକୁ ଦେବନି । ଏଣିକି ତାରର ସବୁ କଥା ମାନିବ । ନିଜକୁ ଆଉ ନଷ୍ଟ ହେବାକୁ ଦେବନି । ଉପରକୁ ଚାହିଁ ଊର୍ଦ୍ଧ୍ୱ ନିଃଶ୍ୱାସ ମାରି ତାଲା ଖୋଲି ବେଡ ଉପରେ ଗଡି ପଡିଲା ଦୀପଙ୍କର ।

ଶରୀର କ୍ଳାନ୍ତ । ମନ ବି କ୍ଳାନ୍ତ । ମିତାଲି ଓ ପିଲାମାନଙ୍କର ଅନୁପସ୍ଥିତି ତାକୁ ଅତିଷ୍ଠ କରି ପକାଉଥିଲା । ଏତେ ଅଭିମାନୀ ହୋଇ ମିତାଲି ତାକୁ ଏକଲା କରି, ତା'ଠାରୁ ଦୂରେଇଯିବ ବୋଲି ସ୍ୱପ୍ନରେ ସୁଧା ଭାବି ନ ଥିଲା । ଦୀପଙ୍କର ଯଦି ମିତାଲି କଥା ଟିକେ ଶୁଣି ଥାଆନ୍ତା ତାହେଲେ ଆଜି ଏ ଦିନ ହୁଏତ ତାକୁ

ଦେଖିବାକୁ ପଡି ନ ଥାଆନ୍ତା । ହସଖୁସୀର ଗୋଟିଏ ଭରା ସଂସାର ତା କୃତକର୍ମ ପାଇଁ କେତେ ଯେ ଦୂରେଇଗଲେ ତାହା ସେ ଏକଲା ହୋଇଗଲା ପରେ ଆଜି ଠିକ ଅନୁତାପ କରୁଛି । ତାକୁ ଲାଗୁଥିଲା ନିରବ ଝଡଟିଏ ବହି ଯାଇ ତା ସଂସାରକୁ ତା ଠାରୁ  ବିଚ୍ଛିନ୍ନ କରି ପକାଇଛି ।  ଆଉ, ଏସବୁ ପାଇଁ ସେ ନିଜକୁ ହିଁ ଦାୟୀ  କରୁଥିଲା । କାନ୍ଥରେ ଲଟକା ଯାଇଥିବା ଭରା ସଂସାରର ଫଟୋକୁ ଚାହିଁଦେଲା ଦୀପଙ୍କର । ବହି ଆସୁଥିବା ଆଖିର ଲୁହକୁ ରୁମାଲରେ ପୋଛିଦେଲା । କହି ଚାଲିଥିଲା ପାଗଳଙ୍କ ପରି - 'ମୋତେ କ୍ଷମା କରିଦିଅ ମିତାଲି । ମୁଁ ତୁମକୁ ଜମା ଭୁଲି ପାରିବିନି । ତୁମକୁ ଛାଡି ଜମା ଏକା ହୋଇ ରହି ପାରିବିନି । କଥା ଦେଉଛି ତୁମକୁ, ଆଉ କେବେ ମଦ ଛୁଇଁବିନି କି ତୁମ ଉପରକୁ ହାତ ବି ଉଠେଇବିନି । ତୁମେ ଯୋଉଠି ବି ଥାଅ ଫେରିଆସ । ସମସ୍ତେ ମିଶି ପୁଣି ଥରେ ଗଢିବା ଏକ ସୁନାର ସଂସାର । ସେଦିନ, ସୁନାର ସଂସାର ଗଢିବା ପାଇଁ ନିଜର ନିତ୍ୟକର୍ମ ସାରି ପ୍ରଭୁ ଜଗନ୍ନାଥଙ୍କୁ ମୁଣ୍ଡିଆଟିଏ ମାରି ବାହାରି ପଡିଲା ମିତାଲିକୁ ଖୋଜିବା ପାଇଁ  ଦୀପଙ୍କର । ଆଉ ଯେମିତି ଶେଷ ହେଉ ନ ଥାଏ ତାର ସେ ଖୋଜିବାର ରାସ୍ତା... । ସେ ଚାଲିଥିଲା ପାହୁଣ୍ଡ ଉପରେ ପାହୁଣ୍ଡ ପକାଇ ସବୁ ଗଳି, କନ୍ଦି, ରାଜରାସ୍ତା ମିତାଲିର ଅନ୍ୱେଷଣରେ ।

໐໐໐

**ଜୟଶ୍ରୀ ପଟ୍ଟନାୟକ,** ଏକାଧାରରେ ଜଣେ କବି, ଲେଖିକା, ପ୍ରାବନ୍ଧିକା । ଅନେକ ପତ୍ରପତ୍ରିକାରେ ତାଙ୍କର ଲେଖା ପ୍ରକାଶିତ ହୋଇ ଜନାଦୃତ ଲାଭ କରିଛି । ସେ ଆକାଶବାଣୀ କଟକର ଜଣେ ସ୍ବୀକୃତି ପ୍ରାପ୍ତ କଳାକାର । ତାଙ୍କ ରଚିତ କବିତା ସଙ୍କଳନ ଗୁଡିକ ହେଲା: ବିଭୋର ମୁହୂର୍ତ୍ତ, ତୁମେ, ମନ ଡାଏରୀର ପୃଷ୍ଠା, ଓ ଏକ ଗଳ୍ପ ସଂକଳନ ପ୍ରକାଶ ଅପେକ୍ଷାରେ । ସେ ସାରସ୍ଵତ ସମାଜର ସମ୍ପାଦିକା, ଓ ତାଙ୍କର ସାହିତ୍ୟକୃତି ପାଇଁ ସମ୍ବର୍ଦ୍ଧିତ । ଅଧୁନା ଗଙ୍ଗନଗର, ଭୁବନେଶ୍ୱରରେ ରହୁଛନ୍ତି ।

໐໐໐

# ତଳ ବରଡ଼ାର ଆତ୍ମକଥନ

**ହରିଶ୍ ଚନ୍ଦ୍ର କର**

ମା'କୁ ମୋ ଚାରିକୋଡ଼ି ଚଉଦ ଛ'ମାସ
ପାଞ୍ଚକୋଡ଼ି ପୁରିବାକୁ ଛଅଟି ବରଷ
କାହିଁକି କେଜାଣି ସେଦିନ
ମାଆ ଖାଲି ରାଗୁଥିଲା
ବେଳେବେଳେ ନିଜେ ନିଜେ ଚିଡ଼ି ଯାଉଥିଲା
ସକାଳ ପହରୁ
ଦାନ୍ତ ଘସା, ଚା' ଖିଆବେଳୁ
ତା'କଥା ବୁଝିବାରେ କେହି କଣ ହେଳା କରିଥିଲା?
କାହିଁ ତାର ନାସଦାନୀ ରୁମାଲ ପାନିଆ ସବୁତ
ହାତ ପାହାନ୍ତାରେ ଥିଲା
କାରଣ ଖୋଜୁଥିଲେ ଘର ଲୋକମାନେ ।
ଅବସନ୍ନ ମନ ତଳେ ଅଭିମାନର ଭାଷାମାନ
ଓଠ ଦେଇ ଡେଇଁ ପଡୁଥିଲେ
"କାହିଁକି ରଖିଛୁ ରେ
ଆଉ କେତେଦିନ ଏମିତି ଖଟରେ ଗଡ଼େଇବୁ ?
ଆଖି ନାହିଁ, କାନ ନାହିଁ
ସବୁତ ଗଲେଣି, ସବୁତ ନେଲୁଣି
ଆଉ କେତେ ଦିନେ ମୋ କଥା ତୁ ବିଚାର କରିବୁ ?"

ଜରାଗ୍ରସ୍ତ ମାଆ ମୋର
ଜରା ପ୍ରଶମନ ଲାଗି, ପ୍ରତିଦିନ ଖାଉଥିଲା
ଏକ ବିକୋସୁଲ
ସେ ଦିନ ସେ ମନାକଲା
ନା, ଆଉ ଔଷଧ ଦେନା
ଯେତେ ଯାହା ଖାଇଲିଣି ଗାଡ଼ିଏ ହେବଣି

କଣ ବା ହେଉଛି ଭଲ?
ନାତୁଣୀ ବୋହୂ ବୁଝାଇଲେ, "ମା ଖାଇଦିଅ ଦେହକୁ ଭଲ" ।
"ନା, ନା, କି ଭଲ ହେଉଛି?"
ନିଜ ବୋହୂ ବୁଝାଇଲେ ବହଲେଇ କେତେ
ଭାବିଲି ମୁଁ, ମାଆ ତ ମୋ କଥା ରଖେ,
"ମା', ତୋର କଣ ହେଇଚି ?
ଆମ ତାଳଗଛ ଶୁଖିଲା ତଳ ବରଡ଼ାଟିଏ ତୁ
ମଳୟ ବା ବତାସୀରେ ଦୋହଲୁଛୁ ଏପଟ ସେପଟ
ତୋ ପାଇଁ ଆମେ ଯେତେ ମଝି ବରଡ଼ାଏ
ଚାଲୁଅଛୁ ଆମ ହାଟ ବାଟ,
ତୁ କଣ ଆମକୁ ତଳ ବରଡ଼ା କରିବାକୁ ଚାହୁଁ ?"

ଏତିକିରେ ଚଟକିନା ମାଆ ବୁଝିଗଲା
ଅଭିମାନ ଅବସାଦ କେଉଁଆଡ଼େ ଅପସରି ଗଲା
କହିଲା, "ଆଣ ତୁ ଉଷୁଦ
ଆଉ କେବେ ମନା କରିବିନି
ଆଉ କେବେ ମନା କରିବିନି
ଝୁଲୁଥାଏ ଏଇଭଳି ବରଷୁ ବରଷ"
ମା'କୁ ମୋ ଚାରିକୋଡ଼ି ଚଉଦ ଛ'ମାସ ।

୦୦୦

**ହରିଶ୍ ଚନ୍ଦ୍ର କର ।** ଜଣେ ମାନବତାବାଦୀ, ହେତୁବାଦୀ ଭାବେ ସେ ସାମାଜିକ ଶିକ୍ଷା ଉପରେ ଗୁରୁତ୍ବ ଦିଅନ୍ତି । ଅନେକ କବିତା ସହ ସାମାଜିକ ବାର୍ତ୍ତା ଭିତ୍ତିକ ପ୍ରବନ୍ଧ ଲେଖିଛନ୍ତି ଓ କବିତା ପାଠୋତ୍ସବର ଆୟୋଜନ କରିଛନ୍ତି । ପ୍ରକାଶିତ ପୁସ୍ତକ: ସ୍ମୃତି ବିଚିତ୍ରା – ଏକ ସଙ୍କଳନ ଓ ଜୀବନ ଜିଜ୍ଞାସା – ଏକ ଆତ୍ମଲିପି । ସମ୍ବାଦ ପତ୍ର ଓ ଗଣମାଧ୍ୟମରେ ଅନେକ ଲେଖା ପ୍ରକାଶିତ । ପୁରସ୍କାର: ନଗର ବନ୍ଧୁ ସମ୍ମାନ', ଦଧୀଚି ସମ୍ମାନ, ଶ୍ୱେତ ସଙ୍କେତ ପାଠକ ସମ୍ମାନ ଓ କବିତା ପୁରସ୍କାର, ଜେରିକେୟାର ପାଇଁ ବୟୋଶ୍ରେଷ୍ଠ ସମ୍ମାନ, ଜନ କଲ୍ୟାଣ ସମିତି ପାଇଁ 'ପ୍ରକୃତି ମିତ୍ର ସମ୍ମାନ ଛଡା ବହୁ ଅନୁଷ୍ଠାନ ଦ୍ବାରା ସମ୍ବର୍ଦ୍ଧିତ ।  ସେ ଯୋଜନା ଓ ସମନ୍ୱୟ ବିଭାଗର ଅର୍ଥନୀତି ଓ ପରିସଂଖ୍ୟାନ ସଂସ୍ଥାରୁ ସହକାରୀ ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରି ଏବେ ଭୁବନେଶ୍ବରରେ ବସବାସ କରୁଛନ୍ତି ।

୦୦୦

# ପଶ୍ଚାତାପ

**ଗୋଲକ ବିହାରୀ ନାୟକ**

ପ୍ରବଣତାର ପଦ୍ମବନରେ
ଏବେ ବିବଶ ମୋ ପାଦଯୁଗ
ନା ବଢି ପାରୁଛି ଆଗକୁ
ନା ଫେରି ପାରୁଛି ପଛକୁ
ଯେମିତି ଅଟକି ରହିଛି
ଗୋଳିପାଣିର ମହାନର୍କରେ ।

ନାଲି ଆଖିର ଆକଟ,
ମର୍ଯ୍ୟାଦାର ଲକ୍ଷ୍ମଣ ରେଖା
ବିଶ୍ୱାସର ମହାଦ୍ରୁମ
କୋମଳ ସବୁଜିମା ସବୁକୁ
ଛିନ୍‌ଭିନ୍ କଲାପରେ
ଏବେ ସେହି ଶୃଙ୍ଖଳା ଡାହିରେ
ଦୋଳି ଖେଳିବାର ଦୁର୍ବାର ଇଚ୍ଛା
ବାରମ୍ବାର ଦଂଶନ କରୁଛି ମୋ ବିବେକକୁ ।

ଏଇ ବୋଧେ ଲୁହ ଢାଳିବାର ବେଳ
ଲୁହର ମହୋଦଧିରୁ
ଉପଳ ସାଉଁଟିବାର ଅବସର
ଦାରୁଣ ଦହନ ପରେ
ପାଉଁଶ ଗଦାରୁ ଦରପୋଡା ସ୍ମୃତିସବୁକୁ
ନିଜ ଭିତରେ ଉଜ୍ଜୀବିତ କରିବାର ଲଗ୍ନ
ଆଗାମୀ କାଲିକୁ
ସଫେଦ ଆକାଶ କୋଳକୁ
ଟେକିଦେବାର ବେଳ ।
ထထ

# କୁଜ୍‌ଝଟିକା

**ଗୋଲକ ବିହାରୀ ନାୟକ**

ସରିନାହିଁ ଯାତ୍ରା
ଯିବାକୁ ରହିଛି ବାକି ପଥ ବହୁଦୂର
ଅବଶ ହେଲାଣି ପାଦ
ଟୋପାଟୋପା କାକର ଟୋପାରେ ଏବେ
ହେମାଳ ହେଲାଣି ମନ, ଅଙ୍ଗ ଅଙ୍ଗବାସ
ଦେଖିବାକୁ  ଉଷାର ସୁଷମା
ବିଶ୍ୱାସରେ ପଡିଲାଣି ଭଙ୍ଗା
ପ୍ରତି ପଦପାତେ ମୋର
ଫୁଟେ ଯେତେ କଂଟା ।

ଚତୁଃପାଶ୍ୱେର୍ ଘେରିଛି ମୋ
ଧୂମାଳ  କୁଜ୍‌ଝଟିକାର ଘନ ଆସ୍ତରଣ
ଝାପସା ଦିଶେ ମୁହଁ କା'ର
ଜାଣିଜାଣି ଫେରାଏ କେ' ମୁହଁ
ଥିଲେ ଯେତେ ସାଥୀ ସହଯାତ୍ରୀ
କୃତ୍ରିମତା ଭରି କୁକ୍ଷିତଳେ
ଅତିକ୍ରମି ଗଲେଣି କେ' କାହିଁ କେତେ ଦୂର
ବିସ୍ତାରି ମୋ ନେତ୍ରପଥ
ନିରେଖି ଦେଖୁଛି ସିନା ପାରୁନାହିଁ ଜାଣି
ରୋଧେ କିଏ ପଥ ପୁଣି
ଅନୁସରେ ପଶ୍ଚାତେ ମୋହର ।

ଜାଣେନା ମୁଁ ପୂରିବ କି ନାହିଁ ମନୋବାଂଛା
ଛାତିତଳେ ତେଉ ତୋଳେ ଅନନ୍ତ ଅଭୀପ୍‌ସା
ନାହିଁ ଅଭିମାନ କିଏ ଦେଲା କି ନ ଦେଲା
ତିଳେ ସଦିଚ୍ଛା ଶୁଭେଚ୍ଛା
ବାଂଛି ହୃଦେ ସବୁରି ମଙ୍ଗଳ, ଚାଲୁଛି ମୁଁ ଚାଲୁଥିବି
ପଥ ମୋର ହେଉ ପଛେ କଙ୍କରିଳ

ମରୁ କି ମଟାଳ ।
ପ୍ରାପ୍ତି ଅପ୍ରାପ୍ତି
ମେଂଚା ମେଂଚା ପ୍ରବଂଚନା
ଅଭିଯୋଗ, ଅଭିସନ୍ଧି. ଅକଶ, ଅସୂୟା
ହତପ୍ରଭ କରିଛି ଶତଧା
ତଥାପି ସେ ହତାଶାର ପାଉଁଶ ଗଦାରୁ
ସ୍ଫୁଲିଙ୍ଗ ସାଉଁଟି ସୁଖେ
ଜାଳେ ନିତି ପ୍ରୀତିର ପ୍ରଦୀପ ।

ଏକାନ୍ତରେ ଅନୁକ୍ଷଣେ
ମହୋଦଧି ନୀଳ ଜଳ ରାଶି
ଉପଳ ସାଉଁଟେ  ତାର ବେଳା ତଟେ ବସି
ବଳି ନାହିଁ  ଚିତ କେବେ
ମଣି ମୁକ୍ତା ବୈଦୁର୍ଯ୍ୟ ସନ୍ଧାନେ
ଉତାଳ ବିଚି ନିଚୟ ପ୍ରଳୟ ପୟୋଧି
ଉଦ୍ଦାମତା ଭରିଛି ମୋ ପ୍ରାଣେ
ଶିଖାଇଛି  ଲଂଘିବାକୁ ଦୁର୍ଲଂଘ ଦୁର୍ଗମ ଘୋର
ଗିରିବନ ଝଟାଲଟା ଦୁସ୍ତର କାନ୍ତାର ।

ଜଳି ମୁଁ ଅନଳେ  ଶେଷେ
ଅଙ୍ଗାର ହୁଏ ଅଥବା ମୁଠାଏ ପାଉଁଶ
ଶୋଚନା ମୋ ନାହିଁ ତେଣୁ ତିଳେ
କଂଟକିତ ପଥେ ଚାଲୁଚାଲୁ
ଯଦି କେହି ପ୍ରସାରିତ କରି କର ଯୁଗ
ସାଦରେ ପାଛୋଟି ନିଏ ହୃଦୟ ଅଂଗନେ
ସେହି ମୋ ପରମ ତୃପ୍ତି
ଅପାର ଆନନ୍ଦ
ସେହି ମୋର ଜୀବନର ପ୍ରାପ୍ତି ମହାପ୍ରାପ୍ତି ।

ꝏꝏ

**ଗୋଲକ ବିହାରୀ ନାୟକ,** ଭୁବନେଶ୍ୱର । ରୀତିଯୁଗୀୟ ଶୈଳୀରେ ତାଙ୍କ ରଚିତ ଗୀତିକବିତା ପୁସ୍ତକ "ରାସ ରସଗୀତି" ଓ କବି ଜୟଦେବ ବିରଚିତ "ଗୀତ ଗୋବିନ୍ଦ"କୁ ଓଡିଶୀ ଛନ୍ଦରେ ଅନୁସୃଜନ କରିଛନ୍ତି । ତାଙ୍କର କବି କାଳିଦାସ କୃତ "ମେଘଦୂତ" କାବ୍ୟର ଓଡିଆ ରୂପାନ୍ତର ପ୍ରକାଶନ ଅପେକ୍ଷାରେ । ଏତଦ୍‌ଭିନ୍ନ ଗୀତିକବିତା, ଗଳ୍ପ, ପ୍ରବନ୍ଧ ଇତ୍ୟାଦି ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ । ସେ ମଧ୍ୟ ମଂଚ ସଂଯୋଜନା ଓ ସଂଗୀତରେ ରୁଚି ରଖନ୍ତି ।

ꝏꝏ

# ତମେ କି ଈଶ୍ୱର !

**ସଂଘମିତ୍ରା ଭଞ୍ଜ**

ବିନ୍ଦୁଏ ଆଲୁଅ
ଦୂରନ୍ତ ସେ ପ୍ରାସାଦ କି ମନ୍ଦିର ସେପଟୁ
ବାହାରି ଆସେ
ମଣିଷର ମୁହଁ-ଆଖି ଆକୃତି ଭଳି ଦିଶେ
ତମେ କି ଈଶ୍ୱର ?
ଯେ ରୂପକଟେ ଭଳି
ଚେନାଏ ଆଲୋକଭର୍ତ୍ତି ଅମୃତ କଳସୀରେ
ନିଜ ଜୀବନ ବାଣ୍ଟନ୍ତି
ମୁଁ ଏଠୁ ବିଦାୟ ନେଲେ
ଜଳ ଧାପେ ସିଞ୍ଚି
ଶୁଦ୍ଧି ହୋଇଯିବାପାଇଁ
କାଳେ ଈଶ୍ୱର ପ୍ରସ୍ତୁତ ଥା'ନ୍ତି ।
ଏତେ ପ୍ରବଣତା ମଣିଷପଣର
ଏକମାତ୍ର ତମେହିଁ ତ
ଦେଇପାର ଈଶ୍ୱର
ଯାବତୀୟ କ୍ଷୋଭ ଢୋକି
ଅନ୍ୟ ଆଗେ ତମେହିଁ ତ
ହସିପାର ଈଶ୍ୱର !
ଈଶ୍ୱର ଭିତରେ ଥିବା
ଅଣୁ-ଅଣୁ ଯନ୍ତ୍ରଣାର ସ୍ୱରଲିପି
ମୋ ହୃଦକୁ ଅସ୍ୱସ୍ତିରେ ଭରେ
ସାଦା ହସ ଯେବେ
କା' ଓଠରେ ଭଉଁରୀ ଖେଳାଏ
ଲାଗେ ଈଶ୍ୱର ହସିଲେ ।
କୃଶବିଦ୍ଧ ଜୀବନ ତମର

ବିଞ୍ଚୁଥାଉ ସଂସାରରେ
ମୋ' ଭଳି ଅନେକଙ୍କ ପାଇଁ
ବିଭୂତିର ଧାର
ତମେ କି ଈଶ୍ୱର !

ooo

**ଡ. ସଂଘମିତ୍ରା ଭଞ୍ଜ**, ଆସିଷ୍ଟାଣ୍ଟ ପ୍ରଫେସର, ଓଡ଼ିଆ ଭାଷା-ସାହିତ୍ୟ ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ooo

# ଶବ୍ଦ

**ମମତା ପଟ୍ଟନାୟକ**

ଶବ୍ଦରେ ପରଂବ୍ରହ୍ମ
ଶବ୍ଦରେ ସଂହାର
ଶବ୍ଦରେ ସଂସାର
ଶବ୍ଦରେ ସର୍ବସ୍ୱାନ୍ତ ।

ଶବ୍ଦ ତଣ୍ଟିପାଖେ
ଅଠାଲଗା ସଂସ୍କାର
ଓଠକୁ ଖସିଲେ ତିରସ୍କାର ।

ଶବ୍ଦରେ ପୁରିଯାଏ ପେଟ
ନହେଲେ ବିଦ୍ରୁପ
ଶବ୍ଦର କୋଳାହଳେ ସୃଜନ
ବିପ୍ରାତରେ ନଈକେ ବାଙ୍କ
ଘରକେ ଫାଙ୍କ ।

ଶବ୍ଦରେ ବହିକିଯାଏ ସାତରତ୍ନ
ଶବ୍ଦ ବି ଦିଏ ଖାଁ ଖାଁ ମରୁଭୂମିର
ତତଲା ଜୀବନ
ଶବ୍ଦରେ ସଗୁଣ, ଫୁଲେଇ ଗୁଣ
ଶବ୍ଦର ହୁଁକାରରେ କ୍ଷୀପ୍ର ଭୂକମ୍ପନ
ହାଟବସା ସଂପର୍କ, ଲୋକହସା ଘର ।

ଶବ୍ଦ ଓଦାଓଦା ଆଖିପତାର
ଅଭିଆଡି ସ୍ୱପ୍ନ
ଶବ୍ଦ ବା ସଜଡା ନିଦକୁ

ଉଜାଡ଼ି ଦିଏ ସ୍ୱପ୍ନଭଙ୍ଗର
ଶେଷ ସମ୍ବୋଧନ ।

ଶବ୍ଦ ଗୋଟେ ଦ୍ୱିଧାରୁଆ
ଉତଥିତ ଖଡଗ
ଖଣ୍ଡାଖଣ୍ଡାରେ ଥିବାଯାଏ ବରଦାନ
ମୁକୁଳିଲେ ମୃତ୍ୟୁଦାନ ।

ଶବ୍ଦ ସର୍ପର ହଳାହଳ
ଅଣୁରେ ଅମୃତ
ଦାନ୍ତରେ ବିଷାକ୍ତ ଚୋଟ
ନା ବୁଝେ ମିତ୍ର ନା ଶତ୍ରୁ
ବିନା ରକ୍ତପାତେ କଳିଜା ଦିଖଣ୍ଡ ।

ଶବ୍ଦ ବ୍ୟକ୍ତିଗତ ଜୀବନର
ସୂକ୍ଷ୍ମ ଅଙ୍କକଷା,
କେବେ ଅଯାଚିତ ଭାଗ୍ୟର ସୁଖ
କେବେ ସମାହିତ ଦ୍ୱନ୍ଦର
ପରାଜିତ ଅଛିଣ୍ଡା ଦୁଃଖ ।

ଶବ୍ଦ ଜମାଟ କ୍ଷୋଭର
ଆଗ୍ନେୟଗିରି ସୁପ୍ତ ଲାଭା,
ବିସ୍ଫୋରଣେ ଜାଳିଦିଏ
ଜୀବନର ସବୁଜିମା
ଶବ୍ଦ ମଲା ନଈର ଆତ୍ମା
କହୁଥାଏ ଏଇଠି ଆଜି ଯେଉଁ ଝରଝର
ବାଲିଚର ସେଠି କେବେ
ଥିଲା ଗୋଟେ କୁଆଁରି ଝରଣା ।

ଶବ୍ଦ ଅଶାନ୍ତରେ, କାନମୂଳେ ଫୁଙ୍ଗୁଳା ପାଶବିକତା
ଦାନବ ଦେହର ଅହମିକା
ଉଜୁଡା ରାତିର ସ୍ୱପ୍ନର ବିଭୀଷିକା
ଏବ୍ଦ ବି ସ୍ଥିର, ଶାନ୍ତ ମମତାର କାନିତଳେ
ପ୍ରଣୟର ଶ୍ୟାମଳ କ୍ଷେତର
ପ୍ରଥମ ବୀଜର କୁଆଁ ।

ꝏꝏ

**ମମତା ପଟ୍ଟନାୟକ,** ଭୁବନେଶ୍ୱର । ଅଦ୍ୟାବଧି ୧୦୦୦ରୁ ଉର୍ଦ୍ଧ୍ୱ କବିତା ଓଡ଼ିଆ ଭାଷାର ସମସ୍ତ ମର୍ଯ୍ୟାଦାପୂର୍ଣ୍ଣ ପତ୍ରପତ୍ରିକା ଓ ଦୈନିକ ଖବରକାଗଜଗୁଡ଼ିକରେ ପ୍ରକାଶିତ ଓ ପ୍ରଶଂସିତ । ପାଞ୍ଚଟି କବିତା ସଂକଳନ ପ୍ରକାଶିତ ଓ ଦୁଇଗୋଟି ଖୁବ୍‌ଶୀଘ୍ର ପ୍ରକାଶନ ଅପେକ୍ଷାରେ । କବିତାସହ ଗଳ୍ପ, ସମୀକ୍ଷା, ଓ ଭାଷା ସାହିତ୍ୟର ବିଭିନ୍ନ ଦିଗ ଉପରେ ବିଭିନ୍ନ ଗୁଣାତ୍ମକ ନିବନ୍ଧ ଲେଖି ସାରସ୍ୱତ ସାଧନା ପାଇଁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରଶଂସିତ ଓ ସମ୍ମାନିତ । ଆକାଶବାଣୀ ଓ ଦୂରଦର୍ଶନର ବିଭିନ୍ନ କାର୍ଯ୍ୟକ୍ରମରେ ସ୍ୱୀକୃତିପ୍ରାପ୍ତ ।

ꝏꝏ

# An evening on the Arabian Sea

**Sumitra Mishra**

As the soft golden gaze
Of the December Sun
Gloriously touched the voluptuous
Buxom body of the Arabian sea
And the western sky became red in shy
The horizon was dotted
With numerous *rangoli* patterns of passion,
And the golden ripples glittered

In the thrill of a cosmic union,
A cluster of beautiful sea gulls
Followed our ferry from the Elephanta caves
Towards the Gateway of India
Riding the waves of hunger or desire
I can not say,
For instead of returning to their
Nest of peace after
Winding up their busy hunting day
They regaled and rejoiced
swooping down on the green canvas of water
Bickering over bits of chips and grains
Thrown by the tourists on the ferry
Named "The Hannibal"
Their wings craving for the blue sky
Their dreams clinging to their nests.

While twilight prepared to draw her curtain
On the blackish water stage
The lusty queen Earth experienced
A fleeting moment of ecstasy
As the great golden sun now red in passion
Bowed its head
To plant a farewell kiss on the ripples of the sea
The sea gulls quailed in glee,
My heart filled with a tranquil joy
I had long forgotten to feel.

∞∞

# Did you hear me SCREAM?

**Sumitra Mishra**

Did you hear me scream
When the pain left me numb
The running water in the sink drowned
My pain when he force- pushed into my ass
His lips sucked my blood, his hands robbed my dignity
Yet I could not scream afraid of the dark tunnel of shame
For I knew, everyone would say, it was my fault, I smiled too much.

I tried to shout, "Don't touch me"
When he closed the door, switched off the light
But my words became smoke in the heat of his passion
I tried a kick and push when he groped and tied my mouth
I tried to scream when I could no more bear the pain, the anguish
I was getting bruised, burnt, bloodied, my fists wrenched in anger
I was dying for ever, yet did anyone hear my silent SCREAM?

∞∞

**Dr Sumitra Mishra**, is a retired Professor of English, She is a bilingual writer, writing in Odia and English. She has published 16 books in Odia and 8 in English. These include different genres like poetry, short story, essays, translation, plays etc. She has seven poetry collections titled The Soul of Fire, Penelope's Web, Flames of Silence, Still the Stones Sing, The Red Moon, Roses and Bruises, and Whispering Shadows. Her short story book in English is titled Reminiscences. She is from Bhubaneswar, Odisha.

∞∞

# ଅଙ୍ଗଦାନ

**ବୈଜୟନ୍ତୀ ମିଶ୍ର**

"ମୁଁ ତନିମା", ଇଂରାଜୀରେ ନିଜ ପରିଚୟ ଦେଇଥିଲେ ସେ । କିଛିଦିନ ହେବ କଲିକତାର ଆଇସି ବୋର୍ଡ ଅଫିସ୍‌କୁ ବାରମ୍ବାର ଆସିବା ମଧ୍ୟରେ ଏଇ ତରୁଣୀଙ୍କୁ ଦେଖିଛନ୍ତି ଗୌରବ । "ଆପଣ ଗୌରବ... ଗୌରବ ରାଜଗୁରୁ । ଓଡ଼ିଶାର, ମୁଁ ମଧ ଓଡ଼ିଆ", ଅଥଚ ପ୍ରତିଟି ଶବ୍ଦ ଥିଲା ଇଂରାଜୀରେ ।

ଗୌରବଙ୍କର ନାଁ ଠିକଣା ଜାଣିବା ଏଠାକାର ଜଣେ କର୍ମଚାରୀ ପକ୍ଷରେ କିଛି ବିସ୍ମିତ ବିଷୟ ନୁହେଁ । ତରୁଣୀ ଜଣକ ଗୌରବଙ୍କ କଥାକୁ ଅପେକ୍ଷା ନକରି କହିଲେ - "କଗ୍ରାଚୁଲେସନ୍ସ ଆପଣଙ୍କର କୋର୍ଡ ନମ୍ବର ଆସିଯାଇଛି । ଆଜି ପାଇଯିବେ ।"

ଆଶ୍ୱସ୍ତ ହୋଇଥିଲେ ଗୌରବ । ଧନ୍ୟବାଦ ଜଣେଇଥିଲେ ତନିମାଙ୍କୁ । ଏସବୁ କାମରେ ଅନେକ ଦିନ ଧରି ଦଉଡିବାକୁ ପଡେ । ଯା' ହେଉ ଓଡ଼ିଆ ଝିଅ ବୋଲି ସମ୍ବେଦନଶୀଳ ମନଦେଇ ଏଇ ତରୁଣୀ ଜଣକ ତାଙ୍କୁ ସାହାଯ୍ୟ କରିଛନ୍ତି ନିଶ୍ଚୟ । ଯଥାଶୀଘ୍ର ତନିମାଙ୍କ ସହାୟତାରେ ଜଏଣ୍ଟ ଡାଇରେକ୍ଟରଙ୍କୁ ଭେଟି ନିଜର କୃତଜ୍ଞତା ଜଣେଇ ଫେରିଆସିଥିଲେ ଗୌରବ ।

ତନିମା ନିଜ କ୍ୟାବିନ୍‌କୁ ଆମନ୍ତ୍ରଣ କରିଥିଲେ ଗୌରବଙ୍କୁ । ଦୁଇ କପ୍ କଫି ଅର୍ଡର କରି ଗୌରବଙ୍କ ସହିତ ଏକ୍ସପୋର୍ଟ ଇନ୍‌ପୋର୍ଟ ବିଷୟରେ ଆଲୋଚନା କରିଥିଲେ । ସେ ପର୍ଯ୍ୟନ୍ତ ତନିମା ପଦଟିଏ ଓଡ଼ିଆ କହିନଥିଲେ । ବରଂ ମଝିରେ ମଝିରେ ହିନ୍ଦୀରେ କଥାବାର୍ତ୍ତା କରୁଥାନ୍ତି । ଗୌରବ ଭାବୁଥିଲେ ହୁଏତ ସେ ଓଡ଼ିଶାରେ ବଢିନଥିବେ । କିମ୍ବା ଓଡ଼ିଶା ସହିତ କିଛି ସମ୍ପର୍କ ନଥିବ ତେଣୁ ଓଡ଼ିଆ ଭାଷାରେ କଥା କହିବାକୁ ଅକ୍ଷମ । କିନ୍ତୁ କଥା ପ୍ରସଙ୍ଗରେ ଜାଣିବାକୁ ପାଇଲେ ତନିମା ବାଲେଶ୍ୱରରେ ଜନ୍ମ ପାଠପଢ଼ା ମଧ ସେଇଠି । ଓଡ଼ିଶାରୁ ଏମ୍‌କମ୍ ପାସ୍ କରିବା ପରେ ଡିଲିଂ ଆସିଷ୍ଟାଣ୍ଟ ଭାବରେ ଏଠି ଜଏନ୍ କରିଛନ୍ତି ।

ଶୁଦ୍ଧ ଓଡ଼ିଆରେ ଏଥର କଥା ଆରମ୍ଭ କଲେ ଗୌରବ । କିନ୍ତୁ ତନିମାର ଭାଷାରୁ ଶୁଦ୍ଧତା ଲିଭି ଲିଭି ଗଲା ଭଳି ଲାଗୁଥିଲା । ସତେ ଯେମିତି ଏଇ ଦୁଇତିନିବର୍ଷ ଭିତରେ ସେ ପାଶୋରିଦେଲେଣି ନିଜର ଭାଷାକୁ । ଓଡ଼ିଆ ଇଂରାଜୀ ହିନ୍ଦୀ ସମ୍ମିଶ୍ରଣରେ ସେ ଫୁଲେଇ ଝିଅଟିଏ ଭଳି କଥାବାର୍ତ୍ତା କରୁଥିଲେ ।

ଗୌରବଙ୍କୁ ପସନ୍ଦ ଲାଗିନଥିଲା ତନିମାଙ୍କର ଆଚରଣ । କଫି ସରିଯାଇଥିଲା କିନ୍ତୁ କଥା ସାରିବାକୁ ଚାହିଁନଥିଲେ ତନିମା, ଗୌରବ ଉଠିଥିଲେ ଅନ୍ୟ କାମର ବାହାନା ନେଇ । ପୁନଶ୍ଚ ଦେଖା ହେବାର ଆଶା ନେଇ, ହାତ ମିଳେଇଥିଲେ ତନିମା । ତାଙ୍କ ନରମ ହାତର ସ୍ପର୍ଶରେ ଅନ୍ତରଙ୍ଗ ସମ୍ପର୍କ ଯୋଡ଼ିବାର

ଇସାରା ବେଶ୍ ବାରି ହୋଇଯାଇଥିଲା । ଆଖିରୁ ଝରି ପଡୁଥିଲା ମୁଗ୍ଧ କରିବାର ନିଆରା ପଣ । ଗୌରବଙ୍କ ବ୍ୟକ୍ତିତ୍ୱରେ ସେ ଆକର୍ଷିତ ଏକଥା ମଧ୍ୟ କହିଦେବାକୁ ଭୁଲିନଥିଲେ ତନିମା । ଶୁଖିଲା ଧନ୍ୟବାଦଟିଏ ଦେଇ ସେଠାରୁ ଫେରିଆସିଲେ ଗୌରବ ।

ତନିମାର ଅପରୂପ ଲାବଣ୍ୟ, ଅନ୍ତରଙ୍ଗ ହେବାର ପ୍ରଚେଷ୍ଟା କିଛି ପ୍ରଭାବ ପକେଇନଥିଲା ଗୌରବଙ୍କ ମନରେ । ନିଜର ଏକ୍ସପୋର୍ଟ କାମରେ ସେ ବ୍ୟସ୍ତ ରହିଲେ । ହଠାତ୍ କିଛି ଦିନ ପରେ ତନିମାର ଏସ୍ଏମ୍ଏସ୍ ତାଙ୍କୁ ବିସ୍ମିତ କରିଥିଲା । ଥରେ ନୁହେଁ ବିନା ପ୍ରତ୍ୟୁତ୍ତରରେ ବାରମ୍ବାର ଏସ୍ଏମ୍ଏସ୍ ପଠେଇ ଚାଲିଥିଲେ ତନିମା । ସତେ ଯେମିତି ବହୁ ପୁରୁଣା ସମ୍ବନ୍ଧ, ନିବିଡ଼ ଆନ୍ତରିକତା, ଗଭୀର ସମ୍ମୋହନ ଭରି ରହିଥିଲା ତାଙ୍କ ବାର୍ତ୍ତାରେ, ପୁନଶ୍ଚ ଭେଟିବାର ତୀବ୍ର ଲାଳସା ତନିମାଙ୍କ ମନକୁ ଅଥୟ କରୁଥିଲା ।

ଗୌରବ ଉପଲବ୍ଧି କରୁଥିଲେ ତନିମା ତାଙ୍କର ପିଛା ପଡ଼ିଛନ୍ତି । ଟିକ୍‌ନିଖ୍ ଖବର ରଖୁଛନ୍ତି, ତାଙ୍କ ବିଜିନେସ୍ ତାଙ୍କ ବ୍ୟକ୍ତିଗତ ଜୀବନ ସମ୍ବନ୍ଧରେ ପ୍ରତିଟି କଥା ସେ କିଭଳି ଜାଣୁଛନ୍ତି, ଭାବିଲେ ଭୟ ଆସୁଥିଲା ଗୌରବଙ୍କ ମନରେ । ଅଥଚ ସେ ଅଜ୍ଞ ଥିଲେ ତନିମାଙ୍କ ସମ୍ପର୍କରେ । ଏପରିକି ତନିମାର ଜାତି କ'ଣ ସେ ବ୍ରାହ୍ମଣ ନା ଅନ୍ୟ କେଉଁ ଜାତିର ଏକଥା ମଧ୍ୟ ତାଙ୍କୁ ଜଣାନଥିଲା । ବେଳେବେଳେ ଗୌରବ ଭାବୁଥିଲେ ତନିମା ଭଳି ସୁନ୍ଦର ତରୁଣୀଟିଏ ଏତେ ମିଠାମିଠା କଥା କହି ମଧ୍ୟ ତାଙ୍କର ଅବିବାହିତ ମନକୁ ଟାଣିପାରୁନି କେମିତି? କାହିଁକି ସେ ବିଭୋର ହେଇ ଯାଉନାହାନ୍ତି ତା' କଥାବାର୍ତ୍ତାରେ? କାହିଁକି ସମର୍ଥନ ଜଣାଇନାହାନ୍ତି ତା'ର ମୃଦୁ ଆମନ୍ତ୍ରଣରେ? ସେତେବେଳେ ଘରେ ଅନେକଗୁଡ଼ିଏ ବିବାହ ପ୍ରସ୍ତାବ ନେଇ ବାପାମା ବ୍ୟସ୍ତ ଥିଲେ । ମନପସନ୍ଦର ଜୀବନସାଥୀଟିଏ ନିଶ୍ଚୟ ଚାହୁଁଥିଲେ ଗୌରବ ।

ଏକ୍ସପୋର୍ଟ କାମରେ ଚେନାଇ ଯାଇଥିବାବେଳେ ଏକ ହୋଟେଲ୍‌ରେ ଦେଖାହେଲା ତନିମାଙ୍କ ସହିତ । ତନିମା କହିଥିଲେ ସେ ଆଉ ଏକ ଚାକିରି ପାଇଁ ଇଣ୍ଟରଭ୍ୟୁ ଦେବାକୁ ଆସିଛନ୍ତି ଏଠାକୁ । ଅଳ୍ପ କିଛି ସମୟ କଥାବାର୍ତ୍ତା ପରେ ଡିନର୍ ଟେବୁଲ୍‌ରେ ଦେଖାହେବାର ପ୍ରତିଶ୍ରୁତି ନେଇ ଦୁହେଁ ବିପରୀତ ଦିଗକୁ ଚାଲିଯାଇଥିଲେ ।

ସେଇ ସନ୍ଧ୍ୟାରେ ଦିନସାରାର କ୍ଲାନ୍ତି ନେଇ ରୁମ୍‌କୁ ଫେରିଥଲେ ଗୌରବ । କରିଡର୍‌ରେ ଅପେକ୍ଷାରତ ଥିଲେ ତନିମା । ଗୌରବଙ୍କ ଭଳି ସେ କ୍ଲାନ୍ତ ଜଣାପଡୁନଥିଲେ । ବେଶ୍ ଫ୍ରେସ୍ ଜଣାପଡୁଥିଲେ । ଲାଗୁଥିଲା ସେ ଯେମିତି ବ୍ୟଗ୍ର ଭାବରେ ଚାହିଁ ରହିଥିଲେ ଗୌରବଙ୍କ ଫେରିବା ବାଟକୁ । "ମୁଁ ଏଇଠି ତମକୁ ଅପେକ୍ଷା କରିଛି ଗୌରବ, ତମେ ଫ୍ରେସ୍ ହେଇ ଆସ ।" ସ୍ୱରରେ ଭରି ରହିଥିଲା ମୁଠା ମୁଠା ଆବେଗ ।

ତନିମାଙ୍କ ଦେହରୁ ଭାସି ଆସୁଥିବା ଫରଫ୍ୟୁମ୍‌ର ମହକ ସାଙ୍ଗରେ ମମତା ଭିଜା ସ୍ୱର ହଠାତ୍

ଛୁଇଁଗଲା ଗୌରବଙ୍କୁ ।

ଫ୍ରେସ୍ ହେଇସାରି ଡାଇନିଂ ହଲ୍‌ର ଗୋଟିଏ କଣରେ ପଡିଥିବା ଟେବୁଲ ପାଖରେ ଅପେକ୍ଷା କରିଥିଲେ ତନିମା, ଦେହରେ ଉଗ୍ର ଆଧୁନିକତାର ଆବରଣ । ଚିପା କଳାରଙ୍ଗର ବ୍ୟାକ୍‌ଲେସ୍ ଟପ୍ ସାଙ୍ଗକୁ କ୍ରିମ୍ ରଙ୍ଗର କେପ୍ରି । ଟେବୁଲ୍‌ର ଆରପଟ ଚେୟାରରେ ବସିଲେ ଗୌରବ । ଝରକା ଦେଇ ବାହାରର ସୌନ୍ଦର୍ଯ୍ୟ ସ୍ପଷ୍ଟ ଦେଖାଯାଉଥିଲା । ସୁସଜ୍ଜିତ ମର୍କ୍ୟୁରୀ ଲାଇଟ୍‌ରେ ଖୁବ୍ ସୁନ୍ଦର ଦିଶୁଥିଲା ବଗିଚା । କୃତ୍ରିମ ଝରଣାରୁ ଝରି ଆସୁଥିଲା ଜଳଧାରା କଳକଳ ଶବ୍ଦ କରି । ବିଦ୍ୟୁତ୍ ଆଲୋକ ଛଟାର ତାଳେତାଳେ ରଙ୍ଗ ବଦଳୁଥିଲା ବାରମ୍ବାର । ପାଖରେ ଶୋଭାପାଉଥିଲା ନକଲି ପାମ୍‌ଗଛ । ସେଇଠି ଝୁଲୁଥିଲା କେତେଟା ଚଢେଇ ବସା । ଭଳିକି ଭଳି ନକଲି ଚଢେଇ ସେଠି ବସା ଭିତରୁ ମୁହଁ ଦେଖେଇଥିଲେ ଅସଲି ଢଙ୍ଗରେ ।

ବିନା ସଂକୋଚରେ ତନିମା ପଚାରିଲେ "ତମେ କିଛି ଡ୍ରିଙ୍କ୍ ଚାହଁ"?

"ନାଁ ଆଦୌ ନୁହେଁ । ମୁଁ ପସନ୍ଦ କରେନା ।" ଗୌରବଙ୍କ କଥା ନସରୁଣୁ ୱେଟର ଟ୍ରେରେ ଦୁଇଟା ଗ୍ଲାସ୍ ଆଇସ୍‌ପଟ୍ ଏବଂ ଡ୍ରିଙ୍କ୍‌ସ ଆଣି ରଖିଲା ।

ତନିମାଙ୍କ ବୟସ ଯଥେଷ୍ଟ ତଳକୁ ଖସିଗଲା ଭଳି ଲାଗୁଥିଲା । ତାଙ୍କର କଥାବାର୍ତ୍ତା, ଅଙ୍ଗଭଙ୍ଗୀରେ ଗୌରବଙ୍କୁ ପ୍ରଭାବିତ କରିବା ପାଇଁ ଯେମିତି ସେ ଅଜସ୍ର ପ୍ରଚେଷ୍ଟା ଜାରି ରଖିଥିଲେ । ନିଜକୁ ସହଜ କରିପାରୁନଥିଲେ ଗୌରବ । ଭିତରର ରକ୍ଷଣଶୀଳ ମନୋଭାବ ବୋଧହୁଏ ପ୍ରତିରୋଧ କରୁଥିଲା ।

ସେତେବେଳକୁ ତନିମା ଜଣେଇ ସାରିଥିଲେ ପ୍ରଥମ ଦେଖାରୁ ହିଁ ସେ ମନ ମନେ ଭଲ ପାଇ ବସିଛନ୍ତି ଗୌରବଙ୍କୁ । ସେଇଦିନରୁ ସେ କ୍ଷଣକ ପାଇଁ ମଧ୍ୟ ମନରୁ ଦୂରେଇ ଦେଇ ପାରିନାହାନ୍ତି ।

ଏମିତି ଅଯାଚିତ ଅର୍ଥହୀନ ଭଲ ପାଇବା ଗୌରବଙ୍କ ମନରେ ବିସ୍ମୟ ସୃଷ୍ଟି କରୁଥିଲା । ଜଣେ ଅବିବାହିତ ଯୁବକକୁ ପ୍ରଭାବିତ କରିବାର ଯଥେଷ୍ଟ ସୌନ୍ଦର୍ଯ୍ୟ ଥିଲା ତନିମାଙ୍କ ପାଖରେ । କିନ୍ତୁ ଗୌରବ ହାତେମାପି ଆଙ୍ଗୁଳିଏ ଭୂଇଁରେ ପାଦଦେବା ଭଳି ଯୁବକ ଅଟନ୍ତି, ଏତେ ଶୀଘ୍ର ବିଶ୍ୱାସ କରିପାରୁନଥିଲେ ତନିମାଙ୍କୁ । ଅବିଶ୍ୱାସର ଅପର୍ଯ୍ୟାପ୍ତ କୁହୁଡି ଭିତରେ ଝାପ୍‌ସା ଦିଶୁଥିଲା ତନିମାଙ୍କର ରୂପ ଲାବଣ୍ୟ । କିଭଳି ବାହାନା କରି ସେ ଏଭଳି ପରିସ୍ଥିତିକୁ ଏଡେଇ ଦେଇପାରିବେ ବୁଝି ପାରୁନଥିଲେ । ତଥାପି ସାହସର ସାହାରା ନେଇ ଗୌରବ ମିଛରେ କହିଲେ - 'ମୁଁ ବିବାହିତ । ଘରେ ମୋର ସ୍ତ୍ରୀ, ତମେ ମତେ ଭୁଲ୍ ଭାବିଛ ତନିମା । ମୋ ପ୍ରତିଥିବା ଦୁର୍ବଳତା ମନରୁ କାଢିନିଅ ।

ହସି ଉଠିଲେ ତନିମା । ଡ୍ରିଙ୍କ କରୁ କରୁ କହିଲେ ଛୋଟଛୋଟ ସହରରେ ବଢିଥିବା ତମ ଭଳି ଯୁବକମାନେ କେବଳ ଏକମାତ୍ର ପ୍ରେମିକା ବା ଏକମାତ୍ର ସ୍ତ୍ରୀକୁ ନେଇ ଆତ୍ମୀୟତାର ବିହ୍ୱଳପଣରେ

ହଜିଯିବାକୁ ଭଲପାନ୍ତି ଗୌରବ । ଏସବୁକୁ ବାଦ୍ ଦେଇ ଅନେକ କିଛି ଉପଭୋଗ କରିବାର ଅଛି । ପାପପୂଣ୍ୟର ମନଗଢା ସଂଜ୍ଞା ଭିତରେ ବୟସର ନୂତନ ଉନ୍ମାଦନାରୁ ବଞ୍ଚିତ ହେବାର ମାନେ କ'ଣ?

କହୁ କହୁ ଗୌରବଙ୍କ ହାତ ଉପରେ ମୃଦୁସ୍ପର୍ଶ ଦେଲେ ତନିମା, ଗୌରବ ଅନୁଭବ କରୁଥିଲେ ଯେମିତି ତାଙ୍କ ଚାରିପାଶ୍ୱର୍ର ବାୟୁ ପ୍ରବାହ ସ୍ଥିର, ଅଚଞ୍ଚଳ । ସତେ ଅବା ଆଖିଆଗରେ ନିଆଁ ଜଳୁଥିବାର ଦୃଶ୍ୟ । ନିଜ ହାତକୁ ତନିମାଙ୍କର ହାତମୁଠାରୁ ଖସେଇ ଆଣିଲେ ଗୌରବ । ଜବରଦସ୍ତ ସାହସ ସଂଗ୍ରହ କରି କହିଲେ - ଏଭଳି ଉପଭୋଗକୁ ମୁଁ ଭୟ କରେ ତନିମା । ଯାହାକୁ ତମେ ବିମୁଗ୍ଧ ମହ୍ଲାର ବୋଲି ଭାବୁଚ ମୋ ପାଇଁ ତାହା ନିଦାରୁଣ ଝଡ଼ର ଝଙ୍କାର ।'

ଖୁବ୍ ଯୋର୍‌ରେ ହସି ଉଠିଲେ ତନିମା । ତାଙ୍କର ଖାପ୍ ଛଡ଼ା ବ୍ୟବହାର ଭିତରେ ପରସ୍ତ ପରସ୍ତ ବିବର୍ଣ୍ଣ କାମନାକୁ ସାମ୍ନା କରୁଥିଲେ ଗୌରବ । ସେତେବେଳକୁ ଖୁବ୍ ବେଶୀ ପିଇସାରିଥିଲେ ତନିମା । ଥଟ୍ଟା କରି କହିଲେ - 'ତମେ କବିଟିଏ ଭଳି ଲାଗୁଚ ଗୌରବ । ଶୁଣାଅ ଶୁଣାଅ ତୁମର ପୋଏମ୍ । ତମର ହଟ୍ ମୁଡ୍ ବି ରୋମାଣ୍ଟିକ୍ ଫର୍ ମି ।' ଗୌରବଙ୍କର କାନ୍ଧ ଉପରେ ହାତ ରଖିବାକୁ ପ୍ରୟାସ କରୁଥିଲେ ତନିମା । ଗୌରବ ଉଠି ପଡିଲେ, ପରିସ୍ଥିତିକୁ ଏଡେଇ ଦେବାକୁ ଯାଇ ଡିନର୍ ଖାଇବାରେ ବ୍ୟସ୍ତ ରହିଲେ ।

କିଛି ସମୟ ପରେ ହଠାତ୍ ତନିମାର ମୁହଁରେ ଯନ୍ତ୍ରଣାର ଛାପ ଦେଖାଗଲା । ଗୋଟିଏ ହାତରେ ନିଜ କପାଳକୁ ଚାପି ଧରି ଅନ୍ୟ ହାତଟିରେ ସହାୟତା ଲୋଡୁଥିଲେ ସେ ।

- 'ପ୍ଲିଜ୍ ହେଲ୍ପ ମି ।'

କିଂକର୍ତ୍ତବ୍ୟ ବିମୂଢ ଭାବରେ ସାହାଯ୍ୟର ହାତ ବଢେଇଲେ ଗୌରବ ଅଥଚ ନିଜ ଭିତରେ ଅସହାୟତାର ମେଞ୍ଚା ମେଞ୍ଚା ପ୍ରଲେପ ।

'ପ୍ଲିଜ୍ ମତେ ମୋ ରୁମ୍ ପର୍ଯ୍ୟନ୍ତ ନେଇଯାଅ ।' ଗୋଟିଏ ନାରୀ ପାଖରେ ପୁରୁଷର ଏଭଳି ଭୟାତୁର ଭାବ ମଧ୍ୟ ସୃଷ୍ଟି ହୋଇପାରେ ଏକଥା ପ୍ରଥମ କରି ଅନୁଭବ କରୁଥିଲେ ଗୌରବ ।

ବାଧ୍ୟ ହୋଇଥିଲେ ରୁମ୍ ପର୍ଯ୍ୟନ୍ତ ତନିମାକୁ ନେଇଯିବାକୁ ଯାହାର ପାଦ ପଡୁଥିଲା ଅବାଧ ଛନ୍ଦରେ ।

ରୁମ୍ ପାଖରେ ଅଦ୍ଭୁତ ଅବସ୍ଥା ସୃଷ୍ଟି କରିଥିଲେ ତନିମା, ଅଭିନୟ କିମ୍ବା ବାସ୍ତବତା ବୁଝିବା ଆଗରୁ ଗୌରବ ଅନୁଭବ କରିଥିଲେ ତନିମାର ସମଗ୍ର ଶରୀର ଗୁଡେଇ ହୋଇଯାଇଛି ତାଙ୍କ ଦେହରେ । ନିଜକୁ ମୁକୁଳେଇବା ପାଇଁ ଶକ୍ତି ପ୍ରୟୋଗ କରିଥିଲେ ଗୌରବ । ଲାଗୁଥିଲା ତନିମା ତରୁଣୀ ନୁହେଁ ନାଗୁଣୀଟିଏ । ଯାହାର ପାଟିର ଫିସ୍‌ଫିସ୍ ଶବ୍ଦ, ଛାତିର ତଡିତ ସ୍ପନ୍ଦନ ତାଙ୍କୁ କେଉଁ ନାଗକନ୍ୟାର ସମ୍ମୋହନ ଭଳି ଲାଗୁଥିଲା । ସତେ ଅବା ତନିମାର ଖୋଳପାରୁ ମୁକ୍ତ ହେଇ ସେ ଛନ୍ଦି ହୋଇଯାଇଛନ୍ତି

ଗୌରବଙ୍କ ଦେହରେ ଏମିତି..... ଏକ ଭୟଙ୍କର ରୂପରେ, ମୁହଁସାରା ବିଛେଇ ହୋଇପଡୁଛି ଦଂଶନର ବିଷାକ୍ତ ଚୁମ୍ବନ । ଅଦ୍ଭୁତ ଏକ ଯନ୍ତ୍ରଣା ରକ୍ତ ମାଂସ ଚର୍ମ ଭେଦି ଯେମିତି ଅତିଷ୍ଠ କରୁଥିଲା ଗୌରବଙ୍କୁ ।

ଏମିତି ଅବସ୍ଥାରେ ଜୋର୍‌ଜବରଦସ୍ତିରେ ନାରୀଟିଏ ଧର୍ଷିତା ହୁଏ । କୌଣସି ପୁରୁଷକୁ ନାରୀଟିଏ ବଳାତ୍କାରରେ କବଳିତ କରିପାରେନି ବରଂ ଅଥୟ ଅଧୀର କରେ । ଯେଉଁ ଅଥୟ ଅବସ୍ଥା କାଳକୂଳ ହଜେଇ ଦିଏ । ଚୋରାବାଲିରେ ପାଦ ପଡିବା ଭଳି ତଳକୁ ତଳକୁ ଟାଣିନିଏ । ଯେଉଁଠି ନଥାଏ ପ୍ରକୃତ ପୁଲକର ସାନ୍ଦ୍ରତା । ଥାଏ କେବଳ ତତଲା ଭୋକିଲା ଦେହ ମନର ଡହଡହ ଅନୁଭବ ।

ସତୀତ୍ୱ ରକ୍ଷା କରି ନାରୀଟିଏ ବିଷମ ମୁହୂର୍ତ୍ତରେ ଖସିଆସିବା ଭଳି ନିଜତ୍ୱକୁ ରକ୍ଷା କରି ତନିମା ପାଖରୁ ଖସି ଆସିଥିଲେ ଗୌରବ । ନିଜ ରୁମ୍‌କୁ ଆସି ଭିତରୁ ବନ୍ଦ କରିଥିଲେ । ଦେହରେ ବିଷାକ୍ତ ଜ୍ୱଳନ, ମନଟା ଖୁବ୍ ଖୁବ୍ ଓଜନ । ତେବେବି ଲାଗୁଥିଲା ଦେହସାରା ଗୁଡେଇ ହୋଇ ରହିଛି ବିଷାକ୍ତ ସାପଟିଏ । ସାରା ଦେହରେ ମାଖି ହୋଇଯାଇଛି ଫରଫ୍ୟୁମ୍‌ର ବାସ୍ନା। ଯାହା ମହକେଇ ଦେବା ପରିବର୍ତ୍ତେ ଅବାଞ୍ଛିତ ଘୃଣ୍ୟ ପୂତଗନ୍ଧ ସୃଷ୍ଟି କରିଥିଲା ଗୌରବଙ୍କ ମନରେ ।

ସେଦିନ ପ୍ରଥମ ଥର ପାଇଁ ଅନୁଭବ କରିଥିଲେ ଗୌରବ ନାରୀଟିଏ ପୁରୁଷ କବଳରେ କବଳିତ ଥିଲେ କେତେଦୂର କଷ୍ଟ ଅନୁଭବ କରୁଥିବ । ଅସହାୟତାର କଷ୍ଟରେ କେତେ ଛଟପଟ ହେଉଥିବ! ଯେତେବେଳେ ସେଭଳି ସଂକଟାପନ୍ନ ଅବସ୍ଥାରୁ ମୁକୁଳି ଆସିଥିବ ସେତେବେଳେ ତା'ର ଆତ୍ମ ପ୍ରସାଦ ସ୍ୱର୍ଗସୁଖ ଭଳି ଲାଗୁଥିବ ।

କାହିଁକି ଥାଏ ଏମିତି ପୈଶାଚିକ ମାନସିକତା? ମଣିଷ ଓ ପଶୁ ଭିତରେ ଥିବା ପ୍ରାର୍ଥକ୍ୟକୁ କ'ଣ ମଣିଷ ବୁଝିପାରେନି? ମଣିଷ କ'ଣ ଜାଣିପାନେନି ଉପଭୋଗ ଉପରେ ଉପଢୌକନ ନଥିଲେ ପ୍ରକୃତ ମୂଲ୍ୟବୋଧର ହ୍ରାସ ହୁଏ! ସେଭଳି ସଂଭୋଗ କୁତ୍ସିତ କଦାକାର ହିଂସ୍ର ଅଭିବ୍ୟକ୍ତି ମାତ୍ର । ତନିମାଙ୍କର ସେଦିନ ରାତିଟା କେମିତି କଟିଥିବ କେଜାଣି ଗୌରବଙ୍କର କଟିଥିଲା ଅସ୍ଥିରତାରେ । ଆଖିଆଗରେ ନାରୀ ଜାତି ପ୍ରତି ତୀବ୍ର ସନ୍ଦେହ । କେଉଁଠୁ ପାଇବେ ସେ ମନଲାଖି ସାଥିଟିଏ? କେଉଁଠୁ ପାଇବେ ଚାରିତ୍ରିକତାର ମୂଲ୍ୟବୋଧକୁ ସମ୍ମାନ ଦେଉଥିବାଭଳି ଝିଅଟିଏ ?

ପରଦିନ ତନିମାକୁ ନଜଣେଇ ହୋଟେଲ୍ ଛାଡିଥିଲେ ଗୌରବ । ଯଦିଓ ନିଜର ଅସମାପ୍ତ କାର୍ଯ୍ୟ ପାଇଁ ଅନ୍ୟ ହୋଟେଲ୍‌ରେ ରହିବାକୁ ପଡିଥିଲା ତାଙ୍କୁ ।

ତନିମାଙ୍କର ନିଦ ଭାଙ୍ଗିଥିଲା ଦଶଟା ପରେ । ସେ କ୍ଷମା ମାଗିବାକୁ ଆସିଥିଲେ ଗୌରବଙ୍କୁ, ଅଥଚ ଗୌରବ ହୋଟେଲ ଛାଡି ଚାଲିଯାଇଥିବାରୁ ସେ ମନେ ମନେ ଭାଙ୍ଗି ପଡିଥିଲେ । ଯାହା ସେ ଜଣେଇଥିଲେ ଗୌରବଙ୍କୁ ତାଙ୍କର ଏସ୍‌ଏମ୍‌ଏସ୍ ମାଧ୍ୟମରେ । ଏହା ମଧ୍ୟ ଜଣେଇବାକୁ ଭୁଲିନଥିଲେ ଯେ ଅତିରିକ୍ତ ଡ୍ରିଙ୍କ୍ କରିଥିବାରୁ ନିଶାସକ୍ତ ଭାବରେ ସେ କ'ଣ କରିଛନ୍ତି ନିଜେ ମଧ୍ୟ ଜାଣିପାରିଥିଲେ ।

ପ୍ରତ୍ୟୁତ୍ତର ନଥିଲା ଗୌରବଙ୍କଠାରୁ, ନିଜ ବିଜିନେସ୍‌ରେ ବ୍ୟସ୍ତରହି ସେ ଭୁଲିଯିବାକୁ ଚାହିଁଥିଲେ ତନିମା ନାମ୍ନୀ ସ୍ୱଳ୍ପ ପରିଚିତା ଅଥଚ ମନରେ ଭୟାନକ ପ୍ରଭାବ ପକେଇଥିବା ତରୁଣୀଟିକୁ । ତଥାପି ଡରୁଥିବା ଘଟଣା ବାସ୍ତବରେ ନଆସି ସ୍ୱପ୍ନରେ ବାରମ୍ବାର ଦେଖାଦେବା ଭଳି ସେ ଅନେକ ଥର ବିଭିନ୍ନ ସୂତ୍ରରୁ ଶୁଣିବାକୁ ପାଇଥିଲେ ତନିମାଙ୍କର ଚାରିତ୍ରିକ ଦୁର୍ବଳତା ସମ୍ପର୍କରେ । ଧୀରେ ଧୀରେ କ୍ୟାଲେଣ୍ଡର ବଦଳିଥିଲା, ଜାଗା ବଦଳିଥିଲା, ସମୟ ବଦଳିଥିଲା ।

ମନର ସାଥୀ ମନଲାଖି ହୋଇଥିଲା ଗୌରବଙ୍କ ପାଇଁ ସଂସାର ଗଢିଥିଲେ ସୁଖରେ । ସମୃଦ୍ଧି ତାଙ୍କର ପାଖଛଡା ହୋଇନଥିଲା । ଦିନକୁ ଦିନ ଯଶ, ଖ୍ୟାତି ପ୍ରାଚୁର୍ଯ୍ୟରେ ପ୍ରତିଷ୍ଠିତ ହୋଇଥିଲେ ଗୌରବ । ଦୁଇଟି ପାଦ ସହିତ ପାଦଥାପି ପ୍ରତିଟି ମୁହୂର୍ତ୍ତରେ ସହାୟତାର ହାତ ଛନ୍ଦିଥିଲେ ପତ୍ନୀ ସିକତା ।

ଆବଡାଖାବଡା ଶିଳାଖଣ୍ଡ ଉପରେ ବାଲିଚର ମାଡିଯାଇଥିଲା । ସମୟ ନଈର ସ୍ରୋତ ଆଗକୁ ବହି ଚାଲିଥିଲା, ପଛକୁ ଫେରିବା ତ ତା'ର ଧର୍ମ ନୁହେଁ । ପାଣି ତଳେ ଛପିଯାଇଥିବା ବାଲି, ବାଲି ତଳେ ଛପି ରହିଥିବା ଶିଳାଖଣ୍ଡ ବି କେବେ ଗୋଡରେ ବାଜେ । ମନେପଡେ ଏଇଠି ଦିନେ ଥିଲା.... ଏବେବି ଅଛି... । କିଛି ବର୍ଷ ଆଗରୁ ଏ ଶିଳାଖଣ୍ଡକୁ ନଝୁଣ୍ଟିବା ପାଇଁ ଲୋକେ ବାଟକାଟି ଯାଉଥିଲେ ଏବେ ଭୁଲିଗଲେଣି ସେ କଥା ।

ଦିନେ ସେମିତି ଶିଳାଖଣ୍ଡକୁ ହଠାତ୍ ଝୁଣ୍ଟିଗଲା ଭଳି ଅନୁଭବ କରିଥିଲେ ଗୌରବ । ବଡ ଝିଅ ପ୍ରାପ୍ତି ମେଡିକାଲ କଲେଜରେ ପିଜି କରେ । ଛୋଟ ବଡ ଘଟଣା ସବୁ ଆସି ଘରେ କୁହେ । ରୋଗ ସମ୍ପର୍କରେ ହେଉ ଅଥବା ନୂଆ ଟ୍ରିଟମେଣ୍ଟ ସମ୍ପର୍କରେ ହେଉ ବା ବିଭିନ୍ନ ରୋଗୀମାନଙ୍କ ସମ୍ପର୍କରେ ହେଉ ପ୍ରତିଦିନ ପ୍ରାଞ୍ଜଳ ଭାବରେ ସେ ବର୍ଣ୍ଣନା କରେ, ସେଇଭଳି ଦିନେ ଆସି କହିଲା -

"ଜାଣ ମାମା, ତନିମା ନାମରେ ଏକ ମହିଳାଙ୍କର ଆକ୍‌ସିଡେଣ୍ଟ ହେଲା । ତାଙ୍କର ବ୍ରେନ୍‌ଡେଥ୍ ହୋଇଯାଇଛି, ସେ ଆଉ ବଞ୍ଚିବେନି । ସ୍ୱଇଚ୍ଛାରେ ମେଡିକାଲ ବୋର୍ଡକୁ ସେ ନିଜର "ଅଙ୍ଗଦାନ" ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ତାଙ୍କ ଘର ଲୋକମାନେ ଏବେ ବୋର୍ଡକୁ ଜଣେଇଛନ୍ତି ।

ସିକତା ପଚାରିଲେ - "ଏଁ ଅଙ୍ଗଦାନ? ପୁଣି ତନିମାର ଇଚ୍ଛାଥିଲା ।"

ଗୌରବ କହିଲେ - "ଅନ୍ତତଃ ସେ ବୋଧେ ଚାହିଁଥିଲେ ମୃତ୍ୟୁ ପରେ ତାଙ୍କ ଶରୀରର କେଉଁ ଅଂଶ ଦରକାରି ବ୍ୟକ୍ତିର ସେବାରେ ଲାଗୁ ।"

ପ୍ରାପ୍ତି କହିଲା - "ଦୁଃଖର ବିଷୟ ମହିଳା ଜଣକ ଏଚଆଇଭି ଆକ୍ରାନ୍ତ, ତେଣୁ ବୋର୍ଡ ଜଣେଇଦେଲେ ଗ୍ରହଣୀୟ ନୁହେଁ ବୋଲି ।

ସିକତା ଓ ଗୌରବ ପରସ୍ପରକୁ ଚାହିଁଥିଲେ ।

ସିକତା ଦରଦୀ ସ୍ୱରରେ କହିଲେ, "ବିଚାରୀ ନିଜର ଶେଷ ଇଚ୍ଛା ମଧ୍ୟ କାର୍ଯ୍ୟକାରୀ ହୋଇପାରିଲାନି ।"

ସାମାନ୍ୟ ସାନ୍ତ୍ୱନା ଦେବା ଭଙ୍ଗୀରେ ପ୍ରାପ୍ତି କହିଲା ଅବଶ୍ୟ ମୃତ୍ୟୁ ପରେ ଆନାଟୋମିରେ ଡିସେକସନ୍ ପାଇଁ ତାଙ୍କ ଶରୀର ଲାଗିପାରେ ।

କହୁ କହୁ ନିଜ ରୁମ୍‌କୁ ଚାଲିଯାଇଥିଲା ପ୍ରାପ୍ତି । ଗୌରବ ଓ ସିକତା ପରସ୍ପରକୁ ଚାହିଁ ରହିଥିଲେ ଅଭିନବ ଦୃଷ୍ଟିରେ । ନା ଥିଲା ଘୃଣା ନା ଥିଲା ସମବେଦନା ନା ଥିଲା ବିତସ୍ପୃହ ଭାବ! କେବଳ ମାଖି ହୋଇଯାଇଥିଲା ଅର୍ଥଶୂନ୍ୟତାର ମୁଠାଏ ରଙ୍ଗ ଯାହା.... ଟିକେ ପରେ ଲିଭି ଲିଭି ଫିକା ହେବାକୁ ଲାଗିଲା ଧୀରେ ଧୀରେ ।

ꝏꝏ

**ଡକ୍ଟର ବୈଜୟନ୍ତୀ ମିଶ୍ର** । ଗଳ୍ପ ସଙ୍କଳନ: ସେ ଏକ ନଦୀ, କିଛି ସଂପର୍କ କିଛି ଛାଇ, ଅନେକ କାଲି ଏମିତି ହଜିଯାଏ, ଓଲଟି ଯାଉଥିବା ପୃଷ୍ଠା । ନାଟକ: ବଧୂ ନିର୍ବାଚନ ଓ ଅନ୍ୟାନ୍ୟ ନାଟକ, ଫୁଲ ଟେନସନ, ନାଟ୍ୟ ପଞ୍ଚକ, ଅର୍ଜ୍ଜୁନି । ଉପନ୍ୟାସ: ଅବିବାହିତା । ପ୍ରବନ୍ଧ: ମତି ଏକ ଗତି ଅନେକ, ସାହିତ୍ୟର ବର୍ଣ୍ଣବିଭା, ଗୀତି ସାହିତ୍ୟର ସ୍ୱରୂପ, ଆଲୋଚନା – ସମାଲୋଚନା । ଗ୍ଲୋବାଲ ଥିଏଟର ଫେଷ୍ଟିଭାଲ, ଲୋକକବି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତିଙ୍କ ଜୟନ୍ତୀ ସମାରୋହନ, ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନ ସୁବ୍ରତ ରଥ ସ୍ମାରକୀ ପୁରସ୍କାର; ଆଦି ନାଟ୍ୟକାର ସ୍ମୃତି ସଂସଦ ତରଫରୁ ସମ୍ମାନିତ ।

ꝏꝏ

# କାହିଁକି କୋଷନ୍ତି ସର୍ବେ ଧୃତରାଷ୍ଟ୍ରେ ପରା?

**ଜୟଶ୍ରୀ ନନ୍ଦ**

ଅନ୍ଧ ହୋଇ ଧୃତରାଷ୍ଟ୍ର କଲେ ବୋଲି  ଦୋଷ
ଦୁନିଆ ନିନ୍ଦଇ କହେ ପୁତ୍ର ମୋହେ ବଶ ।

ଦୁର୍ଯ୍ୟୋଧନ ଭୁଲ୍ ପାଇଁ ଏ ଦୁନିଆ ସାରା
କାହିଁକି କୋଷନ୍ତି ସର୍ବେ ଧୃତରାଷ୍ଟ୍ରେ ପରା ?

ନଥିଲେ କି ଦରବାରେ ଅନ୍ୟ ସୁରବୀର
ନ ଥିଲା କି କର୍ଣ୍ଣ ଅବା ନୟନ ତାଙ୍କର ।

ନ ଥିଲେ କି ଅନେଶତ ଭାଇ ତାହାଙ୍କର
ନ କଲେ କାହିଁକି  ସତ୍ୟ  ଅସତ୍ୟ ବିଚାର ।

ନ ଥିଲା କି ବୁଦ୍ଧି ତାଙ୍କ ସତ୍ ପଥ ପାଇଁ
ନ ଥିଲା  କ୍ଷମତା ଅବା ଯୁଦ୍ଧ ବନ୍ଦ ପାଇଁ ।

ମୃତ୍ୟୁ ଥାନ୍ତା ଶ୍ରେୟସ୍କର ରାଜା ଆଦେଶରେ
ମରି ନଥାନ୍ତେ ସେନା ମହାଭାରତ  ଯୁଦ୍ଧରେ ।

ଅନ୍ଧ ଧୃତରାଷ୍ଟ୍ର ସଙ୍ଗେ ସଭିଏଁ ତ ଅନ୍ଧ
ଅସତ୍ୟର ସାଥେ ରହି କରିଲେ ତ ଯୁଦ୍ଧ ।

ପୁଅ ମୋହେ ଥିଲେ ସିନା  ଧୃତରାଷ୍ଟ୍ର ଅନ୍ଧ
ଅନ୍ୟ ଯୋଦ୍ଧା ପାରିଥାନ୍ତେ ନ ଲଢି ଏ ଯୁଦ୍ଧ ।

କିଛି ତ ଶିଖିଲା ନାହିଁ  ଏ ସାରା ଜଗତ
ସେଥିପାଇଁ ପ୍ରତିଘରେ ଏ ମହାଭାରତ ।

ରଜତ ହୁଅଇ ଆଗ ସତ୍ୟ ନ୍ୟାୟ ପାଖେ
ରଜତ ହେଲେବି ମିଥ୍ୟା ସର୍ବେ ତାହା ପକ୍ଷେ ।

ଗୁଣୀ ଜ୍ଞାନୀ ହୋଇ ଯେବେ ଏହି ପକ୍ଷପାତ
ନଷ୍ଟ ଯିବ ନଷ୍ଟ ହେବ ଅନେକ ସଂପର୍କ ।

ନାଶ ହେବ ନିଶ୍ଚେ ଦିନେ ସମ୍ପର୍କ ରକ୍ତର
ପ୍ରତିକ୍ଷଣେ ହେବ ଯୁଦ୍ଧ ମହାଭାରତର ।

ସତ୍ ସାହସ ଅଛି ଯଦି ନିଅ ସତ୍ୟପଥ
ରଜତ ହେଉ ଅବା ସେ ନ ହେଉ ରଜତ ।

ବିଶ୍ବାସରେ ବିଷ ଦେଇ କି ଲାଭ ଯେ ହେବ
ଅନ୍ଧ ପୁତ୍ର ଅନ୍ଧ ବୋଲି ପ୍ରମାଣ ରଚିବ ।

ଧିକ ତୁମ ଜ୍ଞାନୀ ପଣ  ବୁଦ୍ଧି ତୁମ ଧିକ
ସମ୍ପର୍କର ଦ୍ବାହି ଦେଇ  ଅଧର୍ମୀ ସପକ୍ଷ ।

କର୍ତ୍ତବ୍ୟ ନୁହେଁ ଏ ପଥ ଅଟେ ଅସତ୍ୟର
ଅନ୍ଧ ହୋଇ କରୁଅଛ ଯଦି ଏ ବିଚାର ।


ꝏꝏ

**ଡ: ଜୟଶ୍ରୀ ନନ୍ଦ**, ଆମରଷାମ୍, ବକିଙ୍ଗହାମସାୟାର, ଇଂଲଣ୍ଡ । ପ୍ରକାଶିତ ପୁସ୍ତକ: ପ୍ରଥମ ଅର୍ଘ୍ୟ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମର୍ପିତ । ସମାଜ ସେବା ଓ  ଇଂଲଣ୍ଡରେ ଓଡ଼ିଶା ସାସ୍କୃତିର ପ୍ରଚାର ପ୍ରସାରରେ ବ୍ରତୀ ।

ꝏꝏ

# Platform 1 Nagpur

**Bijay Biswaal**




Acrylic on canvas 60x36 inches

# Who’s that girl

**Bijay Biswaal**



Acrylic on canvas.. 36x48 inches

∞∞

**Bijay Biswaal.** Driven by indomitable passion and creativity, this self trained obsessive painter Bijay Biswaal from India has given a new horizon to realism. This versatile painter, adept in all media and genre of national and international repute lauded by none other than prime minister in *Mann Ki Baat*, is currently the Brand ambassador of WINSORANDNEWTON India.

# ଫଟା କାନ୍ଥ

**ମନୋଜ କୁମାର ଜେନା**

ଘର ଭିତରେ ଅଶାନ୍ତିର ନିଆଁ ସଦାସର୍ବଦା କୁହୁଳୁଥିବାରୁ ସୁରସେନ ବାବୁ ବ୍ୟସ୍ତ ବିବ୍ରତ ଅନୁଭବ କରୁଥିଲେ । ଜୀବନର ମୁଖ୍ୟ ଲକ୍ଷ୍ୟ ଶାନ୍ତି ଓ ସନ୍ତୋଷ । ଶାନ୍ତି ଓ ସନ୍ତୋଷ  ବିନା ଜୀବନ ବୃକ୍ଷ ପତ୍ରଝଡ଼ା ଦେଇ ଅକାଳରେ ଝଡ଼ିପଡ଼େ । ସବୁଜ ସତେଜ ଶସ୍ୟକ୍ଷେତ ମରୁଭୂମିରେ ପରିଣତ ହୁଏ । ଘରେ କିଭଳି ଶାନ୍ତିର ମଳୟ ବହିବ, ସନ୍ତୋଷର ପତ୍ର କଅଁଳି ଉଠିବ, ସେଥିପାଇଁ ସୁରସେନ ବାବୁ ଉପାୟ ଚିନ୍ତା କରୁଥିଲେ ଓ ଜଗଦୀଶ୍ୱରଙ୍କ ପଦ ପଙ୍କଜରେ ପ୍ରାର୍ଥନା କରୁଥିଲେ ।

ସୁରସେନ ବାବୁ ସରକାରୀ କଲେଜର ଅବସରପ୍ରାପ୍ତ ଅଧ୍ୟାପକ । ୟୁଜିସି ସ୍କେଲରେ ଦରମା ପାଉଥିବାରୁ ପେନ୍‌ସନ୍ ବହୁତ ଆକର୍ଷଣୀୟ । ତାଙ୍କର ଦୁଇ ପୁଅ ଜଣେ ସେକ୍ରେଟେରୀଏଟ୍ ଚାକିରି କରିଛନ୍ତି ଓ ଅନ୍ୟଜଣେ ଆଡ୍‌ଭୋକେଟ୍ । ଦୁଇ ପୁଅ ସ୍ୱାବଲମ୍ବୀ ହୋଇଥିବାରୁ ସେ ସବୁବେଳେ ଗର୍ବିତ ଓ ଗୌରବାନ୍ୱିତ ମନେ କରନ୍ତି । ଦୁଇପୁଅଙ୍କର ଗୋଟିଏ ଗୋଟିଏ ପୁଅ । ସହଧର୍ମିଣୀ, ଦୁଇପୁଅ, ଦୁଇ ବୋହୂ ଓ ଦୁଇ ନାତିଙ୍କୁ ନେଇ ସୁରସେନ ବାବୁଙ୍କ ସଂସାର । ଏକମାତ୍ର ଝିଅ ଶର୍ମିଳା ତା' ଇଂଜିନିୟର ସ୍ୱାମୀଙ୍କ ସହ ପୁନେରେ ଅବସ୍ଥାନ କରେ ।

ସୁରସେନ ବାବୁଙ୍କର ଯେତେବେଳେ ପ୍ରଥମେ ଦୁଇ ପୁଅ ଜନ୍ମ ହୋଇଥିଲେ ଘରେ ମିଠା ମିଠା ଖୁସିର ଲହଡି ଖେଳିଥିଲା । ସୁରସେନ ବାବୁଙ୍କର ଅନ୍ୟ ତିନିଭାଇଙ୍କର କେବଳ ଝିଅ ହୋଇଥିବା ବେଳେ ତାଙ୍କର ପୁଅ ହୋଇଥିବାରୁ ତାଙ୍କ ପରିବାରର ଦିଗ୍‌ବଳୟରେ ନୂଆ ସୂର୍ଯ୍ୟଙ୍କର ଉଦୟ ହେଲାଭଳି ସମସ୍ତେ ଅନୁଭବ କରିଥିଲେ ।

ସୁରସେନ ବାବୁଙ୍କର ବିଜେବି ନଗରରେ ଥିବା ବି.ଏଚ୍.କେ ଘର । ଘରଟି ବିଶେଷ ଆକର୍ଷଣୀୟ ନ ହେଲେ ବି ସୁଖ ସ୍ୱାଚ୍ଛନ୍ଦ୍ୟରେ ଚଳିବାପାଇଁ ଏକ ମମତାର ମନ୍ଦିର ସଦୃଶ ପ୍ରତୀୟମାନ ହେଉଥିଲା । ଦୁଇ ପୁଅ ଦୁଇଟି ବଖରାରେ ଓ ସୁରସେନବାବୁ ତାଙ୍କ ପତ୍ନୀଙ୍କ ସଂଗେ ତୃତୀୟ ବଖରାରେ ରହୁଥିଲେ । ଠାକୁର ଘର, ରୋଷେଇ ଘର ଓ ପ୍ରଶସ୍ତ ଡ୍ରଇଂରୁମ୍‌ରେ ଚଳିବା ସରସ, ସୁନ୍ଦର ଓ ସୁଖକର ଅନୁଭୂତ ହେଉଥିଲା ।

ସୁରସେନ ବାବୁଙ୍କ ପରି ବରିଷ୍ଠ ପ୍ରତିଭାଶାଳୀ ଅଧ୍ୟାପକଙ୍କର ସ୍ୱାବଲମ୍ବୀ ପୁଅମାନଙ୍କ ପାଇଁ କନ୍ୟାପିତାଙ୍କର ଲମ୍ବା ଧାଡ଼ି ଲାଗିଥିଲା । ବୋହୂ ସିଲେକ୍ସନ୍ କରିବାପାଇଁ ସୁରସେନ ବାବୁଙ୍କର ଥିଲା ଏକମାତ୍ର ମାପକାଠି । ତାଙ୍କର ବୋହୂ ହେବ ଅନିନ୍ଦ୍ୟ ସୁନ୍ଦରୀ, ଆକର୍ଷଣୀୟା ରୂପସୀ । ଜାତି, ଜାତକ, ଯୌତୁକ ତାଙ୍କ ମନ ଓ ଚେତନାକୁ ସ୍ପର୍ଶ କରିନଥିଲା । ସେ ତାଙ୍କ ଅଣୁବୀକ୍ଷଣ ଯନ୍ତ୍ରପରି ଆଖିରେ ବାଛି

ବାଛି କରିଥିଲେ ଦୁଇଟି ସୁନାନାକି ବୋହୂ । ନବନୀତ କୋମଳ ଅଂଗ ସୌଷ୍ଠବ, ତମାଳ ଲତାଭଳି ତରଙ୍ଗାୟିତ ତନୁବଲ୍ଲରୀ, ନୀଳ କଇଁର ନମ୍ର, ମଧୁର ନୟନଯୁଗଳ । ଦୁଇ ବୋହୂଙ୍କୁ ନେଇ ସୁରସେନ ବାବୁଙ୍କ ମନର ନିଭୃତ କୋଣରେ ଚେଇଁ ଉଠିଥିଲା ଅହଂକାରର ପାହାଡ଼, ଅଭିମାନର ଅମାନିଆ ଢେଉ ।

ଦୁଇ ବୋହୂ ଆସିବାର କେଇଦିନ ପରେ ଅହଂକାର ଓ ଅଭିମାନର ପାହାଡ଼କୁ ଚୂର୍ଣ୍ଣ କରି କାୟା ବିସ୍ତାର କରିଥିଲା ଅଭିସଂପାତ । ଦୁଇ ବୋହୂଙ୍କ ଭିତରେ ଈର୍ଷା, ପରଶ୍ରୀକାତରତା ଓ ସ୍ୱାର୍ଥପରତାର ପକ୍ଷୀ ନିରବରେ ବସା ବାନ୍ଧି ଦେଇଥିଲା । କଥାରେ କଥାରେ ପରସ୍ପରକୁ ଶାଣିତ କଟାକ୍ଷ । ମଣିଷ ଦାନ୍ତରେ ବିଷ ନଥାଏ, ଥାଏ ତା କଥାରେ, ତାରି ମୁଖରୁ ଉତୁରି ପଡୁଥିବା ଶବ୍ଦର ନିଆଁ ଝୁଲରେ । ଜିଭରେ ହାଡ ନଥାଏ । କିନ୍ତୁ ଏହାର ଶକ୍ତ ଆଘାତ ଅନେକ ହୃଦୟର ପାହାଡ଼କୁ ଚୁରମାର କରିଦିଏ । ଦୁଇଟା ଯାକ ବୋହୂ ପରଶ୍ରୀକାତର । ଅନ୍ୟର ଶିରୀ ଦେଖିଲେ ତାଙ୍କ ନାହି ଡିଏଁ । ଈର୍ଷାରେ ଜଳିଯାନ୍ତି । ମମତାର ମନ୍ଦିରରେ ଘଣ୍ଟ ଘଣ୍ଟାର କୋଳାହଳ ପରିବର୍ତ୍ତେ ଶୁଭୁଥିଲା କିଳିକିଳା ରାବର ନିରବ ପ୍ରତିଧ୍ୱନି ।

କିଏ କେଉଁ କାମ କରିବ, ତାର ପରିଧି ଓ ପରିସୀମା ସୁରସେନଙ୍କ ସହଧର୍ମିଣୀ ବିମଳା କରିପାରୁନଥିଲେ । କୋହକୁ ଛାତି ତଳେ ଜାକି ମୁହଁରେ ମିଛ ମଧୁର ହସ ଫୁଟାଇ କହନ୍ତି- ଦୁଇ ଜଣ ଯାକ ମିଳିମିଶି ଚଳ, ଦୁଇ ଭଉଣୀ ଭଳି । ଆ ହାତରୁ ତୁ କାମ ଛଡ଼ାଇ ନେବୁ । ତୋ ହାତରୁ ସିଏ କାମ ଛଡ଼ାଇ ନେବ । ହେଇ ହେଇ ଦୁଇଟି ବୋହୂ । ଏତେ ବାଦ ବିବାଦ କାହିଁକି?

ଗୋଟିଏ ବୋହୂ ବେଳ ଅବେଳରେ ବିଛଣାରେ ଗଡ଼ିଗଲେ ଅନ୍ୟ ବୋହୂର ରକ୍ତ ଟକମକ ହୋଇ ଫୁଟିବ । ଗୋଟିଏ ବୋହୂ ପାଟ ପିନ୍ଧି ସଜ ହୋଇ ବଜାର ବୁଲି ବାହାରିଲେ, ଅନ୍ୟ ବୋହୂର ଆଖିରେ ଚେଇଁ ଉଠିବ ନିରବ ବିଦ୍ରୋହର ପଦଧ୍ୱନି । ମୁଁ ଏକୁଟିଆ ଏ ଘର ରୋଷେଇ ବୋଝ ଆଜି ସମ୍ଭାଳି ପାରିବିନି- ଅନ୍ୟ ବୋହୂର ମୁହଁରୁ ଉତୁରି ପଡ଼େ ପ୍ରତିବାଦର ସ୍ୱର ।

ସବୁଦିନ ଅଦିନିଆ ଝଡ଼ର ମୁକାବିଲା କରି ବିମଳା ନୟାନ୍ତ ହୋଇ ପଡନ୍ତି । ବିମଳାଙ୍କ ଆଖି ଉପକୂଳରେ ଛଳଛଳ ଲୁହ ଦେଖି ସୁରସେନ ବାବୁ ପଚାରନ୍ତି- କ'ଣ ହେଇଛି । ଏମିତି କାହିଁକି ବ୍ୟସ୍ତ ହେଉଛ?

- ନାଁ ମୁଁ ପାରିବିନି । କାମକୁ ନେଇ ଏ ଦୁଇଜଣଙ୍କର ପ୍ରତିଦିନର ଝଗଡ଼ାକୁ ସମ୍ଭାଳି ସମ୍ଭାଳି ମୋ ଅଣ୍ଟା ଭାଙ୍ଗିଗଲାଣି । ମୁଁ ଏକା ଘରକୁ ସମ୍ଭାଳୁ ଥିଲି । ଭାବିଥିଲି ଦୁଇ ବୋହୂ ଆସିଲେ ରାଜରାଣୀ ପରି ବସିବି । ବସିବି କ'ଣ? ଆଙ୍କ କଳି ତୁଟୋଉ ତୁଟୋଉ ମୋର କେଉଁଦିନ କାଳ ହୋଇଯିବ ।

ବିମଳାଙ୍କ ପାଟିରେ ହାତଦେଇ ସୁରସେନ ବାବୁ ଝପଟି ଆସି କହନ୍ତି - ସେଭଳି ନୁଉଛଣା କଥା କୁହନା । ତମେ ଚାଲିଗଲେ ମୋ ବସା ଭାଙ୍ଗିଯିବ, ମୁଁ ଅକାଳରେ ଝଡ଼ିଯିବି । ତୁମେ ଦୁଇ ବୋହୂଙ୍କୁ କହିଦିଅ ଯେତିକି ପାରୁଛନ୍ତି ସେତିକି ଭଲ ମନରେ କରନ୍ତୁ । ନ ହେଲେ କାମ ଆଦୌ ନ କରନ୍ତୁ । ମୁଁ ଅଳ୍ପ ଦିନ ଭିତରେ ଆମ ଘରେ ଏକ ସ୍ଥାୟୀ ପୂଜାରୀ ରଖିଦେବି । ସେ ସମସ୍ତ ରୋଷେଇର ଦାୟିତ୍ୱ ନେବ । ଆଉ

ଦୁଇ ଜଣ କାମବାଲିତ ଆସୁଛନ୍ତି, ସେମାନେ ବାସନ ମଜା, ଲୁଗା ସଫା, ଘରଓଳା ଇତ୍ୟାଦି କାମ ଚଳେଇ ନେବେ ।

ଉପରୋକ୍ତ ସମସ୍ୟା ସମାଧାନ ପାଇଁ ସୁରସେନ ବାବୁ ସନ୍ଧି ପତ୍ରରେ ସ୍ୱାକ୍ଷର କଲାପରେ ପୁଣି ଦ୍ୱିତୀୟ ସମସ୍ୟା ଉପୁଜିଲା ଦୁଇ ନାତିକୁ ନେଇ । ଦୁଇ ନାତିଙ୍କ ଭିତରେ ମାଡ ଗୋଳ ଲାଗିଲେ କଳି ଭାଂଗିବାକୁ କାହାକୁ ପଦେ ଗାଳି ଦେଲେ ବିମଳାଙ୍କ ଉପରେ ପକ୍ଷପାତିତାର ଆରୋପ । ସୁରସେନ ଦୁଇ ନାତିଙ୍କ ପାଇଁ ସମାନ ଜିନିଷ ଆଣିବା ପାଇଁ ସବୁବେଳେ ଯତ୍ନବାନ୍ । ସେଦିନ ଜଣକ ପାଇଁ ଅମୁଲ ଚକୋଲେଟ୍ ଓ ଅନ୍ୟ ଜଣକପାଇଁ ଫାଇଭ୍ଷ୍ଟାର୍ ଚକୋଲେଟ୍ ଆଣିଥିବାରୁ ଅଶାନ୍ତ ପ୍ରତିଧ୍ୱନି ଘରର ଅଳିନ୍ଦ ଭିତରେ ପଇଁତରା ମାରିଥିଲେ ।

ବିମଳାଙ୍କ ପାଖରେ ଶିକ୍ଷା ସଂଗେ ସଂଗେ ଥିଲା ପ୍ରଜ୍ଞା, ହୃଦୟବତ୍ତା ଓ କରୁଣା । ବୋହୂମାନଙ୍କ ଚାଲିରୁ, ତାଙ୍କ କଥା କହିବାର ଢଂଗରୁ, ତାଙ୍କ ହସର ଜ୍ୟାମିତିରୁ ଓ ଲାସ୍ୟର ଭୂଗୋଳରୁ ବୋହୂମାନଙ୍କର ମନର ଅକ୍ଷର ସ୍ୱଷ୍ଟ ପଢ଼ିପାରନ୍ତି । ଅଶାନ୍ତିର ନିଆଁ ଜଳିବା ପୂର୍ବରୁ ନିଆଁ ଲିଭାଇବା ପାଇଁ ପ୍ରଯତ୍ନ କରନ୍ତି । ନାରୀ ମନର ଅରଣ୍ୟର ଚକ୍ରବ୍ୟୁହ ଭିତରକୁ ପଶିବାର ମନ୍ତ୍ର ଖୁବ୍ କମ୍ ଲୋକଙ୍କୁ ଜଣା । ଜଣେ କେବଳ ଶିକ୍ଷିତ ହୋଇଗଲେ ଦୁନିଆରେ ସଫଳତା ପାଏନା । ସଫଳତା ପାଇଁ ସଂସ୍କାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ଶିକ୍ଷା ମଣିଷକୁ ପ୍ରତିଷ୍ଠା ଦିଏ, କିନ୍ତୁ ସଂସ୍କାର ଦ୍ୱାରା ମଣିଷ ସମାଜରେ ସମ୍ମାନିତ ହୋଇଥାଏ । ବିମଳା ଶିକ୍ଷା ଓ ସଂସ୍କାର ପରି ଦୁଇ ମହାର୍ଘ ଅଳଂକାରରେ ବିଭୂଷିତା, ସଜ୍ଜିତା ।

ବିମଳା ଅନୁଭବ କରନ୍ତି ବୋହୂମାନଙ୍କ ଭିତରେ ଲୁଚିଥିବା ସ୍ୱାଧୀନତାର ବିହଙ୍ଗ ଡେଣା ମେଲି ଉଡିବାକୁ ବିକଳ ହେଉଛି । ଶାଶୂ, ଶ୍ୱଶୁର, ଦେଢ଼ଶୁର, ନଣନ୍ଦର ଜଂଜାଳର ଜଂଜିରରେ ବାନ୍ଧି ହୋଇ ସେମାନେ ଅଣନିଃଶ୍ୱାସୀ ବୋଧ କରୁଛନ୍ତି ।

ଘରର ସମସ୍ତ ଖର୍ଚ୍ଚ ଓ ବନ୍ଧୁବାନ୍ଧବଙ୍କ ଦାୟିତ୍ୱ ସୁରସେନ ବାବୁ ହସି ହସି ବହନ କରନ୍ତି । ଘରର ସଉଦା କିଣିବା, ଇଲେକ୍‌ଟ୍ରି ବିଲ୍ ଦେବା, ପାଣି ବିଲ୍ ଦେବା, ହୋଲଡିଂ ଟାକ୍ସ ଦେବା କଥା, ବନ୍ଧୁ ବେଭାର କଥା ଉଠିଲେ ପୁଅମାନେ ଛାଡ ଛାଡ ହୁଅନ୍ତି । କୌଣସି କାମର ବାହାନାରେ ଦାୟିତ୍ୱର ପଂଝାରୁ ମୁକୁଳିବାକୁ ସୁଯୋଗ ଖୋଜନ୍ତି । ଘରେ ତେଜରାତି ଓ ଷ୍ଟେସନାରୀ ଜିନିଷ ଦରକାର ପଡିଲେ ବୋହୂମାନେ ଅତି ନମ୍ର ସ୍ୱରରେ ଶ୍ୱଶୁରଙ୍କୁ ଜଣାନ୍ତି । ନିଜର ସ୍ୱାମୀମାନଙ୍କୁ କେବେ ଆଣିବାକୁ କହନ୍ତି ନାହିଁ ।

ଯଦି କିଛି ଖର୍ଚ୍ଚ ହଠାତ୍ ମାଡିଆସେ, ପେନ୍‌ସନ ସଂପୂର୍ଣ୍ଣ ଖର୍ଚ୍ଚ ପରେ ସୁରସେନ ବାବୁ ପୁଅମାନଙ୍କୁ କହନ୍ତି । ଉଭୟ ନିଜ ଉପରୁ ବୋଝ ଖସାଇବାକୁ ପ୍ରାଣମୂର୍ଚ୍ଛା ପ୍ରଚେଷ୍ଟା କରନ୍ତି । ଅନନ୍ୟୋପାୟ ସୁରସେନ୍ ବାବୁ ପେନସନ୍ ଲୋନ୍ କିମ୍ବା ନିଜ ଡିପୋଜିଟ୍ ବନ୍ଧକ ପକାଇ ବ୍ୟାଙ୍କରୁ ଲୋନ୍ ନିଅନ୍ତି ।

ଶାନ୍ତି ପାଇଁ ଓ ଯୁଦ୍ଧର ଆଶଙ୍କାକୁ ଦୂରେଇବା ପାଇଁ ସୁରସେନ୍ ବାବୁ ସନ୍ଧି ପରେ ସନ୍ଧି କରିଚାଲିଥାନ୍ତି ବିନା ଦ୍ୱନ୍ଦ୍ୱରେ ବିନା ଦ୍ୱିଧାରେ । ଯଦି ଜଣେ ପୁଅ ଅକାଳେ ସକାଳେ କିଛି ଖର୍ଚ୍ଚ ତୁଲାଇ ଦେଲା, ଅନ୍ୟ

ପୁଅ ତା ପକେଟ୍‌ରୁ ସମାନ୍ ଟଙ୍କା ନ ବାହାର କଲା ପର୍ଯ୍ୟନ୍ତ ସେ ବ୍ୟସ୍ତ ବିବ୍ରତ ହୋଇଯାଏ । ପ୍ରତିରୋଧ ଆଉ ପ୍ରତିବାଦର ମାରଣାସ୍ତ୍ରରେ ଶାନ୍ତିର ପକ୍ଷୀଟି ତହଳ ବିକଳ ହୁଏ ।

ଓକିଲାତି କରୁଥିବା ପୁଅର ରୋଜଗାର ଯଥେଷ୍ଟ ଅଧିକ । ଅଧିକ ରୋଜଗାର କରୁଥିବା ସ୍ୱାମୀର ସ୍ତ୍ରୀ ହୋଇ ଥିବାରୁ ସେ କାହିଁକି ସମାନ ଚଳଣି, ସମାନ ପରିବେଶ ଭିତରେ ବାନ୍ଧି ହୋଇ ରହିବ, ଏ ପ୍ରଶ୍ନଗୁଡା ବଡ଼ପୁଅର ସ୍ତ୍ରୀର ଛାତିକୁ କୋରି ପକାଉଥିଲା । ଉଭୟ ପୁଅ ଘର ପାଇଁ ପଇସା ଖର୍ଚ୍ଚ ନ କରି ନିଜର ସଞ୍ଚୟକୁ ବୃଦ୍ଧି କରି ଭୁବନେଶ୍ୱରରେ ଗୋଟିଏ ଗୋଟିଏ ପ୍ଲଟ କିଣିବା ଯୋଜନାରେ ଅଛନ୍ତି ବୋଲି ସ୍ୱଷ୍ଟ ସୂଚନା ସୁରସେନ ବାବୁଙ୍କୁ ମିଳିଥିଲା ।

ଘର ଖର୍ଚ୍ଚ, ଦୁଇ ପୁଅ ବୋହୂ, ଦୁଇ ନାତିଙ୍କ ଖର୍ଚ୍ଚ ଓ ଘରର ଯାବତୀୟ ଖର୍ଚ୍ଚର ଦାୟିତ୍ୱ ନେଇ ସୁରସେନ ବାବୁ ଅସ୍ତବ୍ୟସ୍ତ ହେଉଥିଲେ । ପୁଅମାନଙ୍କୁ ଏ ବିଷୟରେ ସ୍ୱଷ୍ଟ କରିବେ ବୋଲି ବହୁତ ଥର ଭାବିଲେଣି । ଅଯଥା ଅଶାନ୍ତିର ଆଶଙ୍କା ଯୋଗୁଁ ପେଟରୁ ହାବୁକା ମାରି ଉଠିଆସୁଥିବା ଶବ୍ଦଗୁଡ଼ିକ ତଣ୍ଟିପାଖରେ ବ୍ୟକ୍ତ ହେବାର କ୍ଷମତା ହରାଇ ବସୁଥିଲେ । ସନ୍ଧି ଓ ସାଲିସ୍‌ର ଯଜ୍ଞ କୁଣ୍ଡରେ ସବୁ ଅକୁହା କଥାକୁ ବଳି ପକାଇ ଦେଉଥିଲେ ।

ସେ ଭାବୁଥିଲେ, ରାଜନୀତି ଓ ସମାଜନୀତିର ଢେଉ ଅନ୍ତରାଳରେ ଅର୍ଥନୀତିର ଅନ୍ତଃସଲିଳା ଫଲ୍‌ଗୁ ପ୍ରବାହିତ ହେଉଥାଏ । ଗାଁ ମାନଙ୍କରେ ଚାଷବନ୍ଦି ପରିବାରରେ ଏକାନ୍ନବର୍ତ୍ତୀ ପରିବାର ତିଷ୍ଠି ରହିଥାଏ । କାରଣ ସବୁ ଭାଇମାନେ ମିଶି ଚାଷକାର୍ଯ୍ୟ କରନ୍ତି ଓ ଯାହା ଫଳେ, ତାକୁ ସମସ୍ତେ ମିଶି ଭୋଗ କରନ୍ତି । କେଉଁ ଭାଇର କେତେ ଆୟ, ତାର ହିସାବ ମିଳିବା ଅସମ୍ଭବ । ଆଧୁନିକ ସହରୀ ଦୁନିଆରେ ଯେହେତୁ ସମସ୍ତଙ୍କର ଆୟ ସ୍ୱଷ୍ଟ, ଏଠି ଏକାନ୍ନବର୍ତ୍ତୀ ପରିବାର ଅକାଳରେ ଭାଙ୍ଗିଯାଇ ଭୂଲୁଣ୍ଠିତ ହୁଏ ।

ସୁରସେନ ବାବୁଙ୍କର ଧୈର୍ଯ୍ୟର ବନ୍ଧ ସେଦିନ ଭାଙ୍ଗିଗଲା । ଯେଉଁଦିନ ଝିଅ ଜ୍ୱାଇଁ ପିଲାମାନଙ୍କ ସହ ପୁନେରୁ ଆସି ପହଞ୍ଚିଗଲେ । ସେଦିନ ସେ ସାଂଗମାନଙ୍କ ସହ କୋଣାର୍କକୁ ପିକ୍‌ନିକ୍‌ରେ ଯାଇଥିଲେ । ସଂଧ୍ୟାରେ ଫେରି ଜ୍ୱାଇଁଙ୍କ ପାଇଁ ବଢ଼ାଯାଇଥିବା ଖାଦ୍ୟ ଦେଖି ସେ ଚମକି ପଡିଥିଲେ । ରୁଟି ସଂଗରେ ଯାହି ତାହି ଡାଲ୍‌ମା । ଜ୍ୱାଇଁ ଆନନ୍ଦରେ ଖାଉଥିବାର ଅଭିନୟ କରୁଥିଲେ ।

ସୁରସେନ ବାବୁ ରୋଷେଇ ଘରକୁ ପଶିଯାଇ ଦୁଇ ବୋହୂଙ୍କୁ କହିଲେ- ଏତେଦିନ ପରେ ଜ୍ୱାଇଁ ଆସିଛନ୍ତି, କିଛି ଭଲ ଆଇଟମ୍ କାହିଁ କରିନାହଁ?

ଦୁଇ ବୋହୂ ସଂଗେ ସଂଗେ ଉତ୍ତର ଦେଲେ- ଆପଣ ତ ନଥିଲେ । କିଏ ସଉଦା ଆଣି ଥାଆନ୍ତା?

- କାହିଁ ତୁମ ବାବୁମାନଙ୍କୁ କହିଲ ନାହିଁ? ଦିନେ ଅଧେ ମୁଁ ନ ରହିଲେ କ'ଣ ପୃଥିବୀ ଅଚଳ ହୋଇଯିବ?

ଦୁଇ ବୋହୂ ନିରୁତ୍ତର ରହିଥିଲେ ହେଁ ସୁରସେନ ବାବୁ ତାଙ୍କ ପ୍ରଶ୍ନର ଠିକ୍ ଉତ୍ତର ପାଇ ସାରିଥିଲେ ।

ଏ ଘରର ଫଟା କାନ୍ଥରେ କାଦୁଅ ଯେତେ ନେସିଲେ ବି ଏ କାନ୍ଥ ଭାଙ୍ଗି ପଡ଼ିବ । ଏ ଫଟା କାନ୍ଥ ଭାଙ୍ଗି ତାଙ୍କୁ ନୂଆ କାନ୍ଥ ଗଢ଼ିବାକୁ ପଡିବ । ଏବେ ତାଙ୍କୁ ଅସ୍ତ୍ରୋପଚାର କରିବାକୁ ପଡିବ । ଅସ୍ତ୍ରୋପଚାର ଯନ୍ତ୍ରଣା ଦିଏ, କିନ୍ତୁ ରୋଗକୁ ଦୂର କରେ । ସାଲିସ୍ ଭଳି ଅଧା ପନ୍ତରିଆ କାମ ପେନ୍‌କିଲ୍‌ର ଭଳି, ଏହା ଯନ୍ତ୍ରଣାକୁ ସଂଗେ ସଂଗେ ଉପଶମ କରେ, କିନ୍ତୁ ତାର ସାଇଡ୍ ଇଫେକ୍ଟସ ବା ପାଶ୍ୱର୍ ପ୍ରତିକ୍ରିୟା ମଣିଷ ପଛରେ ଜୀବନ ସାରା ଗୋଡାଇ ଥାଏ, ସମସ୍ୟା ସବୁଦିନ ପାଇଁ ଅସମାହିତ ହୋଇ ରହିଯାଏ । ସମସ୍ୟା ବେଳେ ସାଙ୍ଗମାନଙ୍କୁ, ଦାରିଦ୍ର୍ୟରେ ସ୍ତ୍ରୀକୁ, ଆବଶ୍ୟକତାରେ ସଂପର୍କୀୟଙ୍କୁ, ବାର୍ଦ୍ଧକ୍ୟ ବେଳେ ପୁତ୍ରମାନଙ୍କୁ ଚିହ୍ନାଯାଏ ।

ପ୍ରଭୁ ଶ୍ରୀକୃଷ୍ଣ ଯୁଦ୍ଧକୁ ଶେଷ ବିକଳ୍ପ ଭାବରେ ଗ୍ରହଣ କରିଥିଲେ । ଜରାସନ୍ଧ ସହିତ ଯୁଦ୍ଧକୁ ଆଡେଇ ଯିବାପାଇଁ ଦ୍ୱାରକା ପଳାୟନ କରି ରଣଛୋଡ଼ଜୀ ନାମରେ ନାମିତ ହୋଇଥିଲେ । ମହାଭାରତ ଯୁଦ୍ଧର ଆଶଙ୍କାର ମେଘ ଯେତେବେଳେ ଭାରତର ଆକାଶକୁ ଆଚ୍ଛନ୍ନ କରିଥିଲା, ସେ ଯୁଦ୍ଧକୁ ବନ୍ଦ କରିବା ପାଇଁ ଶାନ୍ତି ଦୂତ ହୋଇ ଆସିଥିଲେ ।

ସୁରସେନ ଅନୁଭବ କରିଥିଲେ- ଏବେ ଶାନ୍ତି ଓ ସନ୍ଧିର ସମସ୍ତ ବାଟ ବନ୍ଦ ହୋଇଯାଇଛି । ନିରବରେ ସହନ କରିବାର ସୀମା ସେ ଲଂଘନ କରିଛନ୍ତି । ଏବେ ଯୁଦ୍ଧ ହେଉ କିମ୍ବା ଅସ୍ତ୍ରୋପଚାର କିମ୍ବା ଫଟାକାନ୍ଥ ସ୍ଥାନରେ ନୂତନ କାନ୍ଥ ନିର୍ମାଣର ପର୍ବ ଆରମ୍ଭ କରିବାକୁ ହେବ । ଶାନ୍ତି କିଣାଯାଏନି, ଶାନ୍ତି ପାଇଁ ଦରକାର ଏକ ଅନୁକୂଳ ମାନସିକତା ।

ସେ ବିମଳା, ଦୁଇ ପୁଅ, ଦୁଇ ବୋହୂଙ୍କୁ ଏ ମାସର ଶେଷ ରବିବାର ଅପରାହ୍ନ ୪ଟା ବେଳେ ଡ୍ରଇଂ ରୁମ୍‌ରେ ଏକାଠି ହେବାକୁ ସ୍ପଷ୍ଟ ଭାବେ ଜଣାଇ ଦେଲେ । ବାପା କାହିଁକି ଏହି ମିନି ଅଧିବେଶନର ବ୍ୟବସ୍ଥା କରିଛନ୍ତି କେହି କୂଳ କିନାରା ପାଉ ନଥିଲେ । ପୁଅ ବୋହୂମାନଙ୍କ ଭିତରେ ଆଶା, ଆଶଙ୍କାର ଲୁଚକାଳି ଖେଳ । କେତେବେଳେ ନୀଳ ଆକାଶରେ ଆଶାର କିରଣ ବୁଣି ହୋଇଯାଉଥିଲା ତ କେତେବେଳେ ଆକାଶରେ ଆଶଙ୍କାର କଳାମେଘ ଘୋଟି ଆସୁଥିଲା । ବାପାଙ୍କ ଭଳି ନମନୀୟ କୋମଳପ୍ରାଣ ବ୍ୟକ୍ତିଙ୍କର ଗୁରୁ ଗମ୍ଭୀର ସ୍ୱରରେ ସେଦିନ ସମସ୍ତେ ଚମକି ପଡିଥିଲେ । ସେ ସ୍ୱରରେ ଥିଲା ଅପ୍ରତିହତ ଦୃଢ଼ତା, କଠୋର ନିଷ୍ପତ୍ତି ନେବାପାଇଁ ପରିକଳ୍ପନାର ପ୍ରତିଛବି ।

ଡ୍ରଇଂ ରୁମ୍‌ରେ ମାସ ଶେଷ ରବିବାର ଦିନ ବିମଳା, ଦୁଇ ପୁଅ ଦୁଇ ବୋହୂ ସୋଫା ଉପରେ ବସି ପଡ଼ିଲେ । ସମସ୍ତେ ସୁରସେନ ବାବୁଙ୍କୁ ଅପଲକ ନୟନରେ ଅନାଇ ରହିଥାନ୍ତି । ସମସ୍ତଙ୍କ ମନ ଓ ଆଖିରେ ପ୍ରଶ୍ନବାଚକ ଚିହ୍ନଗୁଡ଼ା ପଇଁତରା ମାରୁଥାନ୍ତି । ନିରବତାକୁ ଭଂଗ କରି ସୁରସେନ ବାବୁ କହିଲେ- ଆମେ ଏଠି ଏକାଠି ରହିବା ଦ୍ୱାରା ଆମ ସମସ୍ତଙ୍କର ସ୍ୱାଧୀନତା ସଂକୁଚିତ ହୋଇଯାଉଛି । ଏ ଘର ପାଇଁ ଦାୟିତ୍ୱ ସମସ୍ତଙ୍କର ହୋଇଥିବା ବେଳେ ସମସ୍ତେ କରଛଡ଼ା ଦେଉଛନ୍ତି । ସମସ୍ତଙ୍କର ଦାୟିତ୍ୱ କାହାର ଦାୟିତ୍ୱ ନୁହେଁ ଭଳି ତାଙ୍କର ହୃଦ୍‌ବୋଧ ହୋଇଛି । ସେଇଥିପାଇଁ ଲୋକେ କହନ୍ତି,

ସାତପୁଅର ମା ଗଙ୍ଗା ଯାଇ ପାରେନା । କାଠ ସହିତ କାଠ ଘଷି ହେଲେ ନିଆଁ ଜଳିଉଠେ । ମଣିଷ ମଣିଷ ଭିତରେ ସଂପର୍କର ଘର୍ଷଣ ହେଲେ ଅସୁମାରି ଅସହିଷ୍ଣୁତା ଓ ପ୍ରଚଣ୍ଡ ପରଶ୍ରୀକାତରତାର ନିଆଁ ଜଳେ । ସେ ନିଆଁ କାହାକୁ ଦେଖାଯାଏନା । କିନ୍ତୁ ସେ ନିଆଁ ସଂପର୍କର ସୂତାଖିଅକୁ ଜାଳିପୋଡି ପାଉଁଶ କରିଦିଏ । ଅଶାନ୍ତିର ଅଶାନ୍ତ ଗ୍ରହ ଘର ଚାରିପଟେ ପଇଁତରା ମାରେ ।

ସମସ୍ତଙ୍କର ସୁଖ, ଶାନ୍ତି ଓ ସ୍ୱାଧୀନତା ପାଇଁ ମୁଁ ମାଷ୍ଟର କ୍ୟାଣ୍ଟିନ୍ ଥିବା ଚନ୍ଦ୍ରମା ଆପାର୍ଟମେଣ୍ଟରେ ଦୁଇଟି ଘର ଭଡ଼ାରେ ନେଇ ସାରିଛି । ଦୁଇଟି ଯାକ ଟୁ ବିଏଚ୍କେ କ୍ୱାର୍ଟର । ଚଳିବା ପାଇଁ ସମସ୍ତ ସୁବିଧା ସୁଯୋଗ ସଂଗେ ସଂଗେ ନିରାପତ୍ତାର ପରିବେଶ ଉପଲବ୍ଧ । ଆସନ୍ତା ମାସର ପହିଲାରେ ତୁମେ ଦୁଇଜଣ ତୁମ ପରିବାରକୁ ନେଇ ସେଇ କ୍ୱାର୍ଟରରେ ରହିବ । ସେ ଘରର ଭଡ଼ା ମୁଁ ପ୍ରତିମାସରେ ଦେବି । ଦେଖିବ ସମସ୍ତେ ସ୍ୱାଭିମାନ, ସ୍ୱାଧୀନତା, ଶାନ୍ତି ଓ ସନ୍ତୋଷ ମନଭରି ଉପଭୋଗ କରିବ ।

ସାମାଜିକ ଦୂରତା କେବଳ କରୋନା ପରି ରୋଗକୁ ଘଉଡାଇବା ପାଇଁ ନୁହେଁ, ଏହା ସଂପର୍କର ସେତୁକୁ ଦୃଢ଼ କରେ । ପାରସ୍ପରିକ ସ୍ନେହ ମମତାର ଫଲ୍ଗୁ ଛଳଛଳ ହୋଇ ବହିବାରେ ସାହାଯ୍ୟ କରେ । ସ୍ୱାଭିମାନ, ସ୍ୱାଧୀନତା ଓ ଦାୟିତ୍ୱବୋଧର ଏକ ସୁସ୍ଥ ପରିବେଶ ନିର୍ମାଣରେ ସହାୟକ ହୁଏ । ଅଲଗା ରହିବାର ମାସକ ପରେ ଆମେ ଆଉ ଥରେ ଏଇଠାରେ ଏକାଠି ହେବା । ସୁରସେନ ବାବୁ ଭାବୁଥିଲେ- ଏକାନ୍ନବର୍ତ୍ତୀ ପରିବାରରେ ସ୍ୱାଧୀନତା ଓ ସ୍ୱଚ୍ଛନ୍ଦତାର ପତ୍ରଗୁଡ଼ିକ ଝଡ଼ିପଡ଼ନ୍ତି । ପରିପକ୍ୱ ମଣିଷମାନଙ୍କୁ କ୍ଷୁଦ୍ରକାୟ କଳସୀରେ ଗେଞ୍ଜା ଗେଞ୍ଜି ଜାକିଜୁକି ଭର୍ତ୍ତି କଲେ ସେମାନଙ୍କର ବିକାଶର ଫୁଲ ଅକାଳରେ ଝଡ଼ିପଡ଼େ । ଚାରାଗଛଗୁଡ଼ିକୁ ଯଥା ସମୟରେ ନିରାପଦ ଦୂରତାକୁ ନେଇଗଲେ ବୃକ୍ଷଗୁଡ଼ିକ ଫଳ ଫୁଲ ଓ ପତ୍ରରେ ହସି ଉଠନ୍ତି ।

ପୁଅ ବୋହୂମାନଙ୍କ ଆଡ଼କୁ ଦୃଷ୍ଟି ନିକ୍ଷେପ କରି ସୁରସେନ ବାବୁ କହିଲେ- ଏ ଘରର ଦ୍ୱାର ତୁମ ପାଇଁ ସବୁବେଳେ ଉନ୍ମୁକ୍ତ । ତମର ଯେତେବେଳେ ମନ ହେବ, ଆମକୁ ଦେଖିବାକୁ ଆସିବ । ଆମେ ବହୁତ ଖୁସି ହେବୁ । ଆମର ଯେତେବେଳେ ମନ ହେବ, ଆମେ ତୁମମାନଙ୍କ ଘରକୁ ଯାଇ ପୁଅ ବୋହୂ ନାତିମାନଙ୍କୁ ଦେଖି ବହୁତ୍ ଖୁସି ହେବୁ । ତୁମେମାନେ ଆମ ପାଇଁ ବ୍ୟସ୍ତ ହେବନାହିଁ । ଦୁଇ କାମବାଲି ଓ କୁକ୍ ଆମର ଜୀବନ ଯାତ୍ରାକୁ ସହଜ, ସୁଗମ, ଶାନ୍ତିମୟ କରିଦେବେ, ଏଥିରେ ସନ୍ଦେହ ନାହିଁ ।

ଦୁଇ ପୁଅ, ଦୁଇ ବୋହୂ ଆଶ୍ଚର୍ଯ୍ୟ ଚକିତ ନୟନରେ ସୁରସେନ ବାବୁଙ୍କୁ ଅନାଇ ରହିଥିଲେ ।

ପୁଅମାନେ ଅଲଗା ରହିବାର ଦୁଇ ମାସ ପରେ ପୁଅବୋହୂ ଓ ନାତିମାନଙ୍କୁ ତାଙ୍କ ବିଜେବି ନଗର ଘରକୁ ଏକ ନିର୍ଦ୍ଦିଷ୍ଟ ଦିନ ଅପରାହ୍ନରେ ଆସିବାକୁ କହିଲେ । ସୁରସେନ ବାବୁ ଓ ବିମଳା ଜଣେ ବଂଧୁଙ୍କ ଘରକୁ ଯାଇଥିଲେ । ଫେରୁ ଫେରୁ ଟିକେ ଡେରି ହୋଇଗଲା ।

ସୁରସେନ୍ ବାବୁ ଓ ବିମଳାଙ୍କ ମୁହଁରେ ଆଶଙ୍କାର କଳାବାଦଲ । ସେମାନଙ୍କ ଅନୁପସ୍ଥିତିରେ ଦୁଇ ବୋହୂ ପୁରୁଣା ରାଗ ଶୁଝାଇବା ପାଇଁ କଳିରେ ମାତି ଯାଇଥିବେ । ଦୁଇ ନାତି ମାଡ଼ଗୋଳ ଲାଗି

ଘରଟାକୁ ପକୋଉଥିବେ ଉଠୋଉଥିବେ । ଦୁଇ ପୁଅ ଗମ୍ଭୀର ହୋଇ ଚୁପ୍‌ଚାପ୍ ବସିଥିବେ ।

ଚୁପ୍ ଚୁପ୍ ଆସି ଦେଖିଲେ ଦୁଇ ବୋହୂ ଗୋଟିଏ ଘରେ ଗପ ଜମାଇ ଦେଇଛନ୍ତି । ମଝିରେ ହସରେ ଉଚ୍ଛୁଳି ପଡି ପରସ୍ପରକୁ କୋଳେଇ ନେଉଛନ୍ତି । ଦୁଇ ନାତି ଗୋଟିଏ ଘରେ ବସି ଲୁଡୁ ଖେଳରେ ମାତି ଯାଇଛନ୍ତି । ଦୁଇ ପୁଅ ଡ୍ରଇଂ ରୁମ୍‌ରେ ବସି ଦେଶର ରାଜନୀତି ଓ ଅର୍ଥନୀତି ଉପରେ ଦୀକ୍ଷାନ୍ତ ଭାଷଣ ଦେଉଛନ୍ତି । ସବୁଠି ସ୍ନେହ, ମମତା, ସୌହାର୍ଦ୍ଦ୍ୟର ଅସରନ୍ତି ଲହଡି ।

ସୁରସେନ ବାବୁ ହସି ହସି ବିମଳାଙ୍କୁ କହିଲେ, - ଦେଖିଲ ତ! ମୋ ଔଷଧ କେମିତି କାମ ଦେଲା ।

ସୁରସେନ ବାବୁ ଓ ବିମଳା ଦେବୀଙ୍କ ମୁହଁରେ ଭୋର୍‌ର ଆଲୁଅ ଭଳି ଏକ ସ୍ନିଗ୍ଧ ହସର ରେଖାଚିତ୍ର ଆଂକି ହୋଇଯାଇଥିଲା ।

ꝏꝏ

**ମନୋଜ କୁମାର ଜେନା** ଇଣ୍ଡିଆନ ଓଭରସିଜ ବ୍ୟାଙ୍କରେ ଡେପୁଟି ଜେନେରାଲ ମ୍ୟାନେଜର ଓ ଚିଫ୍ ରିଜିଓନାଲ ମ୍ୟାନେଜର ଭାବରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ । ସେ ନୀଳାଚଳ ଗ୍ରାମ୍ୟ ବ୍ୟାଙ୍କରେ ଜେନେରାଲ ମ୍ଯାନେଜର ଓ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ଡାଇରେକ୍ଟର ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ଅବସରପରେ ସେ ଗଳ୍ପ ଓ କବିତା ରଚନା କରିବାରେ ମନୋନିବେଶ କରିଛନ୍ତି । ତାଙ୍କର କ୍ଷୁଦ୍ରଗଳ୍ପଗୁଡ଼ିକ ବହୁ ସାହିତ୍ୟ ପତ୍ରିକାରେ ପ୍ରକାଶ ପାଇଛି । ତାଙ୍କର ଅନୁବାଦ କବିତା ପୁସ୍ତକ 'ପ୍ରଭୁମହିମା', କବିତା ସଙ୍କଳନ 'ଆମ ଗାଁ', ଦୁଇ କ୍ଷୁଦ୍ରଗଳ୍ପ ସଙ୍କଳନ 'ସଜ ସକାଳ', 'ଅଚିହ୍ନା ଆକାଶ', ଓ ଶ୍ରୀଜଗନ୍ନାଥଙ୍କ ଇତିବୃତ୍ତ ଉପରେ ପର୍ଯ୍ଯବସିତ ପୁସ୍ତକ 'ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ' ପ୍ରକାଶିତ ହୋଇଛି । ଜଣେ ସଫଳ କଥାକାର ଭାବରେ ସେ ପିସ୍ ଫ୍ଲୁଟ ଫାଉଣ୍ଡେସନ ଟ୍ରଷ୍ଟ ପୁରସ୍କାର ପାଇଛନ୍ତି । ସମ୍ପ୍ରତି 'ଚିର ସମର୍ଥା' ସାହିତ୍ୟ ପତ୍ରିକାର ସେ କାର୍ଯ୍ୟକାରୀ ସମ୍ପାଦକ ।

ꝏꝏ

# ତୁମେ ଧୀରେ ଧୀରେ ମରିବାକୁ ଆରମ୍ଭ କରୁଛ

**ପାବ୍ଲୋ ନେରୁଦା**

**ଅନୁବାଦ - ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ**

ତୁମେ ଧୀରେ ଧୀରେ ମରିବାକୁ ଆରମ୍ଭ କରୁଛ
ଯଦି ତୁମେ କୁଆଡେ ବୁଲୁ ନାହଁ
ଯଦି ତୁମେ କିଛି ପଢୁ ନାହଁ
ଯଦିତୁମେ ଶୁଣିପାରୁ ନାହ ଜୀବନର ଶବ୍ଦ ସବୁ
ଯଦି ତୁମେ ନିଜକୁ ପ୍ରଶଂସା କରୁ ନାହଁ
ତୁମେ ଧୀରେ ଧୀରେ ମରିବାକୁ ଯାଉଛ ।

ତୁମେ ତୁମର ଆତ୍ମ ମୂଲ୍ୟାୟନକୁ
ଯେତେବେଳେ ମାରିଦିଅ
ଯେତେବେଳେ ତୁମେ ଅନ୍ୟର ସାହାଯ୍ୟ ଚାହ ନାହିଁ
ତୁମେ ଧୀରେ ଧୀରେ ମରିବାକୁ ଯାଉଛ

ତୁମେ ଯେବେ ତୁମ ଅଭ୍ୟାସର ଦାସ ପାଲଟି ଯାଅ
ନିର୍ଦ୍ଦିଷ୍ଟ ବାଟରେ ସବୁଦିନେ ଚାଲୁଥାଅ
ତୁମର ରୁଟିନ୍ ଯଦି ତୁମେ ବଦଳାଉ ନାହଁ
ଯଦି ତୁମେ ଭିନ୍ନ ଭିନ୍ନ ରଙ୍ଗ ପିନ୍ଧୁ ନାହଁ
ଅଥବା ତୁମେ ଚିହ୍ନି ନ ଥିବା ଲୋକ ସାଥେ
ଯଦି କଥା ହେଉ ନାହଁ
ତୁମେ ଧୀରେ ଧୀରେ ମରିବାକୁ ଆରମ୍ଭ କରୁଛ ।

ଯଦି ତୁମେ ତୁମର ଅସୁମାରୀ ଇଚ୍ଛା ସମୁହକୁ
ଦବେଇ ରଖିବାକୁ ଯାଉଛ
ଏବଂ ତାର ଅବାଧ ଭାବସମୁହକୁ ମଧ
ଯାହା ତୁମର ଆଖିରେ ଉଜ୍ଜ୍ୱଳତା ଭରିଦିଏ

ଏବଂ ତୁମ ହୃଦୟର ଗତି ତୀବ୍ରତର ହୁଏ
ତୁମେ ଧୀରେ ଧୀରେ ମରିବାକୁ ଯାଉଛ ।

ଯଦି ତୁମେ ତୁମ ସୁରକ୍ଷା ସମ୍ବନ୍ଧରେ
ସଚେତନ ନୁହେଁ ଅନିଶ୍ଚିତ ଭବିଷ୍ୟତ ପାଇଁ
ଯଦି ତୁମେ ସ୍ବପ୍ନ ପଛେ ଧାଉ ନାହଁ
ନିଜକୁ ସୁଯୋଗ ଦେଉନାହିଁ
ଜୀବନକାଳ ଭିତରେ ଅନ୍ତତଃ ଥରୁଟିଏ
ଦୌଡ଼ି ପଳେଇ ଯିବା ପାଇଁ
ତୁମେ ଧୀରେ ଧୀରେ ମରିବାକୁ ଯାଉଛ ।

ନିଜକୁ ଭଲପାଅ -ନିଜ ଜୀବନକୁ ଭଲପାଅ ।

ଓଓ
ମୂଳ ରଚନା: “You start dying slowly" ପାବ୍ଲୋନେରୁଦା, ସ୍ପାନିସ୍ କବି – ୧୯୭୧ ନୋବେଲ ପୁରସ୍କାର ବିଜେତା
ଓଓ

# ଜୀବନ ବୀଣାରେ ତୁମ ମୂର୍ଚ୍ଛନା

## ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

ଜୀବନ ବୀଣା
ଜୀବନ ବୀଣାରେ ତୁମ ମୂର୍ଚ୍ଛନା
ଶୁଭୁଥାଉ ଅହରହ
ସପନର କୁଜଝଟିକା ଲିଭିଗଲେ
ତୁମେ ଅପେକ୍ଷାରେ ଥାଅ ।
ତୁମଠୁ ତୁମକୁ ମାଗୁନାହିଁ ସଖା
ସୌଖ୍ୟ ଖାଲି ମୁଁ ଚାହେଁ
ସମୟ ସୁଅରେ ଭାସିଯିବା ଆମେ
କିଛି ଚିରନ୍ତନ ନୁହେଁ ।
ସଂସାର ତୁମ ସୁନ୍ଦର ଥାଉ

ହେଉ ଅମୃତମୟ
ଶାନ୍ତି ଆନନ୍ଦ ଚୁମୁଥାଉ ପାଦ
ବିଶ୍ବ ହେଉ ମଧୁମୟ ।
ଲକ୍ଷ୍ମଣରେଖା ଡେଇଁବାକୁ ଆଉ
ସାହସତ ମୋର ନାହିଁ
ସୁନ୍ଦର ଏଇ ପୃଥିବୀରରେ ଖାଲି
ବଞ୍ଚିବାକୁ ଚାହେଁ ମୁହିଁ ।
କିଛି ମାଗୁନାହିଁ କିଛି ଲୋଡିନାହିଁ
ନିଅ ମୋର ପୂଜାଥାଳି
ଥରେ ଖାଲି ଚାହେଁ ଦେଖିବି ନୟନେ
ହୃଦଚନ୍ଦନର ମାଳି ।
ମିଶିଗଲ କିଆଁ ମୋ ଭାଗ୍ୟ ସାଥିରେ
ଆଶାର ଆଲୋକ ନେଇ
କେବେତ କହିନି ନିଅ ପ୍ରିୟତମ
ସାଥିରେ ଦିଅ ଭସାଇ ।
ମାଟି କଣ୍ଢେଇ ମୁଁ ମାଟିରେ ମିଶିବି
ରଙ୍ଗ ତ ଭରିଦିଅ
ମୁଁ ଯେମିତି ଅଛି ସେଇମିତି ମୋତେ
ଆପଣାର କରିନିଅ
ସଖା ଆପଣାର କରିନିଅ ।

୦୦୦

**ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ** ଜଣେ ଅନୁବାଦିକା, ପ୍ରାବନ୍ଧିକା, କବି, ପ୍ରବଚିକା, ମଞ୍ଚ ସଞ୍ଚାଳିକା, 'ସନାତନୀ' ପତ୍ରିକାର ସମ୍ପାଦିକା, ଓ ୧୨ଟି ପୁସ୍ତକର ଲେଖିକା । ସେ ହିନ୍ଦୀ, ବଙ୍ଗଳା ଏବଂ ଇଂରାଜୀ ଭାଷାରୁ ଅନେକ ବହି ଓ ଲେଖା ଅନୁବାଦ କରିଛନ୍ତି । ତାଙ୍କର  ଅନୁବାଦ ପୁସ୍ତକ 'କୁଆ ଓ କଳାପାଣି' (କେନ୍ଦ୍ର ସାହିତ୍ୟ ଏକାଡେମୀ), ଓ ତସଲିମା ନାସରିନଙ୍କ ବଙ୍ଗଳା ପୁସ୍ତକ 'ନଷ୍ଟ ଝିଅର ନଷ୍ଟ ଗଦ୍ୟ' (ଫ୍ରେଣ୍ଡସ୍ ପବ୍ଲିସର୍ସ) ପ୍ରକାଶିତ ହୋଇଛି । ଏତଦ୍ ବ୍ୟତୀତ ସେ ଆଧ୍ୟାତ୍ମିକତା ଉପରେ ପିଲାମାନଙ୍କୁ ଶିକ୍ଷା ଦେଇଥାନ୍ତି । ପାଖାପାଖି ଗ୍ରାମମାନଙ୍କରେ ମା ଓ ଶିଶୁର ଯତ୍ନ, ପରିଷ୍କାର ପରିଚ୍ଛନ୍ନତା, ସ୍ତନ୍ୟଦାୟୀ ମା'ମାନଙ୍କର ଯତ୍ନ ଆଦି ବିଷୟରେ ସଚେତନତା ସୃଷ୍ଟି କରିଥାନ୍ତି । ସେ ଭୁବନେଶ୍ୱରରେ ରହନ୍ତି ।

୦୦୦

# ଶୋଭାଯାତ୍ରା

## ନିରୁପମା କର

ତୋ ଘର କେଉଁଠି କିରେ? ମୟୂରଭଞ୍ଜ, ମାଆ । ତୁ କି ଭାଷାରେ କଥାହେଉଛୁ? ସାନ୍ତାଳୀ ମାଆ । ଆମେ ଜାତିରେ ସାନ୍ତାଳ । ଓଃ ତୁ ପାଠ ପଢିଛୁ ? ପ୍ଲସଟୁ ପଢିଛି । ତେବେ ଆଉ କିଛି ନକରି ଏ ମୂଲ ଲାଗୁଛୁ, ତୁମ ପାଇଁ ସରକାର ପରା କେତେ କେତେ ଯୋଜନା କରୁଛନ୍ତି । ନାଇଁ ମାଆ ଚାକିରୀ ବାକିରି ପାଇଁ ବହୁତ କମ୍ପିଟେସନ । ବାପାଟା ତୁଛା ମଦୁଆ, ବାଧ୍ୟହୋଇ ଗାଁ, ଘରଛାଡି ଏଠିକି ଚାଲିଆସିଲି ।

ଆଛା ଏଠି ତାହେଲେ ଏକା ରହୁଛୁ । ହଁ । ଘରେ ଆଉସବୁ କିଏ କିଏ ଅଛନ୍ତି? ଆମେ ଚାରିଭାଇ ଦୁଇ ଭଉଣୀ । ଭଉଣୀ ଦୁହେଁ ଭିଆ ହୋଇ ସେମାନଙ୍କ ଯାଗାରେ । ମୋ ଉପର ଭାଇ ଦୁଇଟା ଭିଆ ହୋଇଥିଲେ । ମଦ ପିଇ ରାସ୍ତାରେ ଗଡିଲେ । କିଛି କାମଦାମ କଲେନାହିଁ । ବୋହୁ ଦୁଇଟା ଘରଛାଡି ପଳେଇଲେ । ବାପାର ସାଥେ ସବୁବେଳେ ଝଗଡା ତାଙ୍କର । ଇନ୍ଦିରା ଆବାସ ଘରଟା ବି କରେଇଦେଲେନି । ଏବେ ମୁଁ ନିଜେ ଘରଟେ କରୁଚି । ଆଉ ତୁ ବାହା ହବୁନୁ କି ? ହଁ ଯେ ମାଆ, ଘରଟି ନକଲେ ଭିଆ କେମିତି ହେବି । ସେଥିରେ ପୁଣି ଝିଅଘରକୁ ଗାଈଟିଏ ଦେବାକୁ ପଡିବ । ଓହ ଏମିତି କଥା । ଆଉ ତୋତେ ସେମାନେ କଣସବୁ ଦେବେ? କିଛିନାହିଁ, ଖାଲି ଝିଅଟା । ଆଛା, ତୋ ମାଆ କିଛି କହୁନି ? ମୋ ମାଆ ମରିଯାଇଛି, ମାଆ । ସେଇ ମୋର ବାପାର ପାଇଁ ।

ମୋତେ ଆଉ କିଛି କଥା ପଚାରିବାକୁ ଇଛାହେଲାନି ପିଲାଟାକୁ । ଅଜଥା ଗୁଡାଏ ପ୍ରଶ୍ନ ତାକୁ ପଚାରି ମନକୁ ତାର ଭାରାକ୍ରାନ୍ତ କରି ସାରିଲିଣି । ନା, ନା ଆଉ ନୁହଁ । ବାବୁରେ ଶୁଣ ତୁ ଯା ଆଗ ଖାଇଦେ, ଟିକେ ବିଶ୍ରାମ ନେଇ ତାପରେ ବାକିକାମ କରିବୁ । ଖାଇବାକୁ ଆଣିଛୁ ତ? କିଛି ଉତ୍ତର ନଦେଇ ଅଳିଆ ଗୁଡା ଏକାଠି କରିବାରେ ଲାଗିଥାଏ ସେ । ମୁଁ ବି ଘରକୁ ଚାଲିଆସିଲି । ମନଟା କିନ୍ତୁ ଜମା ଭଲ ଲାଗୁନଥାଏ । ଘଣ୍ଟାକୁ ଚାହିଁଲି ଗୋଟେ ବାଜିବ । ଦେଖେ ପିଲାଟା ଖାଇବାକୁ ଗଲା ନା'ନାହିଁ । ସିଏ ପୂର୍ବ ପରି କାମରେ ଲାଗିଥାଏ । ଏଥର ମୁଁ ତାକୁ ତାଗିଦ କଲାପରି କହିଲି । ତୋତେ ପରା କହିଲି ଖାଇସାର, ତାପରେ ବାକିକାମ କରିବୁ । ଏଥର ସେ ଧୋଇଧାଇ ହୋଇ ଯିବାକୁ ବାହରିଲା । କୋଉଠି ଖାଇବୁ କି ଏଇଠି ଖାଇଦେଉନୁ । ନାହିଁ, ମାଆ ହୋଟେଲ ଯିବି । ଆଜି ଖାଇବା ଆଣିନି । ତାକୁ ରହ କହି ଭିତରକୁ ଆସି ଶହେଟଙ୍କିଆ ନୋଟଟିଏ ନେଇ ହାତକୁ ତାର ବଢାଇ ଦେଲି । ବୋଧହୁଏ ସିଏ ଭାବୁଥିଲା ନବ କି ନନବ । ନେ, ମୁଁ କଣ୍ଟ୍ରାକ୍ଟରକୁ କିଛି କହିବି ନାହିଁ । ଅଗତ୍ୟା ଟଙ୍କା ନେଇ ସେ ଖାଇବାକୁ ଚାଲିଗଲା ।

ଘରକୁ ଆସି ସୋଫା ଉପରେ ଲଥକରି ବସିପଡିଲି । ମନଭିତରେ ଗୁଡାଏ ଏଣୁ ତେଣୁ ପ୍ରଶ୍ନ ମନଟାକୁ

ଭାରାକ୍ରାନ୍ତ କରିପକାଉଥାଏ । କାହିଁକି ଭଲା ତାକୁ ମୁଁ ଏତେ କଥା ପଚାରିଲି । ତା ବିଷୟରେ ଏତେଗୁଡିଏ କଥା ଜାଣିବାରୁ ତା'ପାଇଁ ମନଟା ବ୍ୟାକୁଳ ହେଉଛି । କେତେବା ବୟସ ହେବ ତାକୁ । ହେଇହେଇ କୋଡିଏ କି ଏକୋଇଶ । ପିଲାଟା ଏତେ ପାଠ ପଢିଛି କିନ୍ତୁ ଯେଉଁ କାମ ବତେଇବ ବିନା ପ୍ରତିବାଦରେ କରିଯାଉଛି । କିଛି ଗୋଟେ ଟାଣକରି କହିଦେଲେ କାହାକୁ ଯାଇ କହିଦେବ ମନଟା ହାଲକା ଲାଗିବ ସେକଥା ବି ନାହିଁ । ସହଜେ ମାଆଟି ମରିଯାଇଛି । ବାପ ଥାଇ ନଥିଲା ଭଳିଆ । ଭାଇମାନେ ଅମଣିଷ, ଭଉଣୀ ତ ପରଗୋତ୍ରୀ । ତେଣୁ ପିଲାଟା ନିହାତି ଏକା । ଏତେବଡ ଦୁନିଆରେ କେହି ବି ଆହା କହିବାକୁ ପାଖରେ ନାହିଁ । ଏମିତି ଭାବନା ଭିତରେ କେତବେଳେ ଆଖି ଲାଗିଯାଇଛି, ନିଦ ଭାଙ୍ଗିବାବେଳକୁ ପୁରା ଚାରିଟା ବାଜିଲାଣି । ତରବର ହୋଇ ବାହାରକୁ ଗଲି ଦେଖିବାକୁ ବରାଦ ମୁତାବକ କାମ ହୋଇଛି କି ନାହିଁ, ନହେଲେ ତୁଛାଟାରେ ଗାଳି ମୁଁ ହିଁ ଖାଇବି । ମୋତେ ଲୋକଙ୍କ ଦ୍ୱାରା କାମ କରେଇ ଆସେନି ବୋଲି । ଏଣେ ବି ପିଲାଟାର ଉଦାସ ମୁହଁଟା ଆଖିରେ ନାଚିଯାଉଚି । ତାକୁ ଗୁଡାଏ କାମ ବତାଇବାକୁ ଆତ୍ମାକୁ ବାଧୁଛି । ହେଲେ ବାହାରେ ଯାହା ଦେଖିଲି ମୋର ମନଟା ଆହୁରି ଭାରି ହୋଇଗଲା । ବାଡିପଟ କାନ୍ଥକୁ ଆଉଜି ବସି ମକୁରୁ ନିବିଷ୍ଟ ହୋଇ ଚାହିଁ ରହିଛି ଆକାଶକୁ । ବୋଧହୁଏ ମୋ ଯିବା ଶବ୍ଦ ଶୁଣି ଭାଙ୍ଗିଗଲା ତା ଧ୍ୟାନ । ଧଡପଡ ହୋଇ ଉଠି ଠିଆହୋଇ ପଡିଲା । ମୁଁ କିଛି ନକହିବା ଆଗରୁ, ମୋତେ ଲକ୍ଷ୍ୟ କରି କହିଲା, ମାଆ ମୋର କାମ ସରିଗଲାଣି । ବାବୁ ଆସିଲେ ଘରକୁ ଯିବି । ଅଗତ୍ୟା ତାକୁ ଆଉକି ଛି ନକହି, ଘରକୁ ଲେଉଟି ଆସିଲି ।

ଛିଡାହୋଇଥିବା ଯାଗାରେ ନଥକରି ବସିପଡିଲା ମକୁରୁ । ଭାବୁଥିଲା ସତରେ ଭଗବାନ ମୋତେ କୋଉଧାତୁରେ ଗଢିଛନ୍ତି କେଜାଣି ! ଯୋଉ ବାପା ମୋତେ ମାଆ ମଲାପରେ ଆଖିରେ ଦେଖେନି, ସ୍ନେହରେ ଟିକେ କୋଳକୁ ଉଠାଇ ନେଇ ଗେହ୍ଲା କରେନି, ସବୁବେଳେ କେବଳ ଗାଳି,ମାଡ, ଧମକଚମକ ବ୍ୟତୀତ ଆଦର ଟିକେ କରେନି ତାପାଇଁ ମୋ ମନରେ କାହିଁକି ଏତେ ଆକର୍ଷଣ ? ତାକୁ ନ ଦେଖିଲେ ମନଟା ଛଟପଟ ହୁଏ । ସକାଳରୁ ସଂଜ ମନରେ ତାରି ପାଇଁଚିନ୍ତା । ଚାରିମାସ ହୋଇଗଲେ ବାପଟାକୁ ଦେଖିଆସିବାକୁ ମନଟା ବିକଳ ହୁଏ । କିନ୍ତୁ ସେଠି ମାନେ ଗାଁରେ ପହଞ୍ଚିଲେ ସେଠି ବି ଭଲ ଲାଗେନି । ମୋ ସାଙ୍ଗମାନେ ବାହାସାହା ହୋଇ ସଂସାର ବସେଇଲେଣି ସିନା କିନ୍ତୁ ସେଠି ବି ସେଇ ନିଶା ମାନେ ମଦର ରାଜୁତି । ଅଶାନ୍ତିର ନିଆଁ ହୁହୁ ହୋଇ ଜଳୁଛି । ସମସ୍ତେ ବାଟଛାଡି ଅବାଟରେ । ସେସବୁ ଦେଖି ଦେଖି ଭୟରେ ସିହରିଉଠେ ମୋ ମରଦପଣର ଛାତି । ନିଜ ଉପରୁ ଆସ୍ଥା ତୁଟିଯାଏ । ସଞ୍ଜରେ ଯେତେବେଳେ ଚୁଲିରେ ନିଆଁ ଧରାଇ ବାପା ପାଇଁ କିଛି ରାନ୍ଧିଦେବି ଭାବେ, ବାପା ପେଟେ ଦାରୁପିଇ ଟଳିଟଳି ଆସି ଘରେ ପହଞ୍ଚେ । ପାଟିରୁ ଭଣଭଣ ଦାରୁ ଗନ୍ଧ ସହିତ ଅଶ୍ରାବ୍ୟ ଗାଳିଗୁଲଜ । ସେସବୁ ପୁଣି ଖାସ ମୋରି ଉଦ୍ୟେଶରେ । ବାପାକୁ ଟେକି ନେଇ ଚିରାଫଟା ଶେଜ ଉପରେ ଶୋଇଦେଇ ବାହାରକୁ ଚାଲିଆସେ ମୁଁ । ଚୁଲିଟା ଜଳିଜଳି କେତେବେଳୁ ଲିଭିଯାଇଥାଏ । ବାପା ନିଶାରେ କେତେ କଣ ବିଡବିଡ ହୋଇ ଶୋଇଯାଏ ।

ଅଗଣା କାନ୍ଥକୁ ଆଉଜି ଶୂନ୍ୟ ଆକାଶକୁ ଚାହିଁ, କେତେ ସମୟ ବିତିଯାଏ ଜଣାନାହିଁ । ଠିକ୍ ରାତି ଅଧସରିକି ବଡଭାଇ ଟଳିଟଳି ଘରକୁ ଫେରେ । ଦାଣ୍ଡଦୁଆରେ ସାନଭାଇ ମକୁରୁକୁ ଦେଖି ଦେଲେ ଦେହରେ ତାର ନିଆଁ ଚରିଯାଏ ଯେମିତି । ନିଶାରେ ପାଟିରୁ କଥାବାହାରୁ ନଥିଲେ ବି ସିଏ ଆରମ୍ଭ କରିଦିଏ ଶୋଧାବକା । ଏସବୁକୁ ମୋତେ ସହିବାକୁ ହୁଏ, ଏଇଥିପାଇଁ ଯେ ମୁଁ ସମସ୍ତଙ୍କୁ ନିଶାପାଣି ପିଇବାକୁ ବାରଣ କରେ । ସାନ, ମଝିଆଁ ଦୁଇଭାଇଙ୍କ କଥା ନ କହିବା ଭଲ । ସେମାନଙ୍କ ନାମରେ ନାନା ଅପରାଧ ପାଇଁ ଗାଁ ବରଗଛ ମୂଳେ ନିଶାପ ବସେ । କାହା ଝିଅ ବୋହୁଙ୍କୁ ପିଛା କଲେଣି ତ କାହା ବାଡିରେ ପଶି ଜହ୍ନି, କାକୁଡି ଚୋରିକଲେଣି । ବାପା ବାରଣକଲେ ବାପା ଉପରକୁ ହାତ ଉଠାନ୍ତି ।

ଏସବୁ ପରେ ବି ମୁଁ ଚାରିମାସ ହୋଇଗଲେ ଗାଁ'କୁ ଯିବାକୁ ଛଟପଟ ହୁଏ । ତାର ଅସଲ କାରଣ ଗୁରେଇ । ଗୁରେଇ ସହ ମୋର ବାହାଘର ବଡଭିଣେଇ ଠିକ କରିଛି । ଗୁରେଇ ତାଙ୍କ ମାମୁଁ ଝିଅ । ଝିଅଟା ଭାରି ଭଲ । ପାଠ ବି ପଢିଛି । ଅବଶ୍ୟ ମୁଁ ତାକୁ ଆଗରୁ ଦେଖିଥିଲି । କଲେଜରେ ପଢିଲାବେଳେ, ତାଙ୍କରି ଘରବାଟ ଦେଇ କଲେଜ ଯିବାକୁ ହୁଏ । କିନ୍ତୁ ସେତେବେଳେ ମୁଁ ତାକୁ ଦେଖି କିଛି ଭାବୁନଥିଲି । ଆଜିକାଲି ବସିଲେ ଉଠିଲେ କାମ କଲେ କି ଶୋଇଲେ ପ୍ରତି କ୍ଷଣ ଗୁରେଇ ସହ ମୋର ଭେଟ ହେଉଛି । ଚେଇଁ ଚେଇଁ ମୁଁ ସ୍ୱପ୍ନ ଦେଖୁଛି, ମୋ ଘର ଅଗଣାରେ ଗୁରେଇ ଝୁମୁଝୁମୁ ହୋଇ ଚାଲିଯାଉଛି । ଓଢଣା ଫାଙ୍କରୁ ମୋତେ ଡାକୁଛି ଖାଇବାପାଇଁ । କେବେ କେବେ ବାଆର ପାଦରେ ଗରମ କରଞ୍ଜ ତେଲ ମାଲିସ କରିଦେଉଛି । ତା ହାତର ପାଣିକାଚର ଝଣଝଣ ଶବ୍ଦରେ ଘରଟାସାରା ଗୁଞ୍ଜରଣ ଖେଳି ଯାଉଛି । ଆନନ୍ଦରେ ଆତ୍ମହରା ହୋଇଇଠିଲା ମକୁରୁର ମନ । ହେଇ ତ ଗୁରେଇ, ବାପା କରିଥିବା ଶାଗ ପଟାଳିରେ ପାଣି ଛିଞ୍ଚୁଚି । ଏଥର ବାପାର ସବୁଦୁଃଖ ପାଣିପରି ବୋହି ଯିବ । ଗୁରେଇ କଥା ମନେପଡିଗଲେ ଦେହଟା ଝିମଝିମ ହୋଇ ଯାଉଛି । ହେଲେ ଗୁରେଇର କଣ ମୋ କଥା ଏମିତି ମନେପଡୁଥିବ ? ଅନେକ ଥର ଭାବିଛି ଗୁରେଇକୁ ଏକଥା ପଚାରିବି । କିନ୍ତୁ ସେ ସୁଯୋଗ ମୋତେ କେବେଦିଏନି ଗୁରେଇ । ଯଦି କେବେ ତା ସହ ଦେଖାହୋଇଗଲା ନିକଟତର ହେବା ଅନେକ ଆଗରୁ ବାଟକାଟି ଚାଲିଯାଏ ସେ । ପଛରୁ ତାକୁ ଖୁବ ଜୋରରେ ଡାକିବାକୁ ଭାରି ଇଚ୍ଛା ହୁଏ, ମୋର । ହେଲେ ଲାଜ ଲାଗେ । ଭାବନା ଭିତରେ ବୁଡିଗଲାବେଳେ ବାପାର ଖୁଁ ଖୁଁ କାଶରେ ଭାଜିଯାଏ ଭାବନା ତାର ।

ପାଣିନୋଟାଏ ନେଇ ବାପାକୁ ପେଇଦେବାବେଳେ ଖୁବ ମନ ଉଣାକରି ବାପାକୁ ବୁଝାଇବାକୁ ଚେଷ୍ଟା କରେ ମକୁରୁ । ବା ଏ ନିଶାପାଣି ଖାଇ କେତେ ଆଉ ଏଠି ସେଠି ପଡିବୁ । ନିଶା ମଣିଷକୁ ଅବାଟକୁ ଟାଣିନିଏ । ଜୀବନସାରା ନିଶାଖାଇ କଣ ପାଇଛୁ କହିପାରିବୁ । ଯଦି ପାଇଛୁ କେବଳ ଛି, ଛାକର । ମାଆ ମୋର ମରିଗଲା ପଛେ ଟିକେ ସୁଖ ପାଇଲାନି । ତୋ ଦେଖାଦେଖି ଭାଇମାନେ ଅବାଟକୁ ଗଲେ । ସେମାନଙ୍କ ସଂସାର ଉଜୁଡିଗଲା । ଆଉ ଏ ପରିବାରକୁ କେହି ଝିଅ ଦେବାକୁ ରାଜି ହେଉନାହାନ୍ତି । ଆମ ପରିବାରଟା ମୁରବି ଶୂନ୍ୟ ହୋଇ ନଷ୍ଟ ହୋଇଗଲା ଜାଣ । ବାକି ତୋର ଦେହ

କଥା କଣକହିବି । ଆରଥର ଡାକ୍ତରଖାନା ନେଇଥିଲି ଯେ, ଡାକ୍ତର ସଫାସଫା ମନାକରିଦଲେ ଏ ନିଶାଡି ଲୋକକୁ କଣ ଔଷଧ ଦେବି । ନିଶା ତ ୟାଙ୍କ ଦେହରେ ଚରିଗଲାଣି । ଯଦି ନିଶା ସେବନ ନକରିବେ ତେବେ କିଛି ଔଷଧ ଲେଖିବି । ତୁମେ ତାଙ୍କୁ ଜଗି କରି ଔଷଧ ଦେବ । ହେଲେ ଘରକୁ ଆସିବାପରେ ତୁ ଏମିତି ଝଗଡା ଲଗାଇଲୁ ଯେ ମୁଁ ଘରଛାଡି ଯିବା ବ୍ୟତିତ ଆଉ କିଛି ଉପାୟ ପାଇଲିନି । ଏଥର କିନ୍ତୁ ମୋ କଥାଟିକେ ମାନିଯା । ମୋ ସୁନା ବାଆଟି ପରା । ଛୋଟଥିଲି ମାଆ ଚାଲିଗଲା । ହେଲେ ତୋର କିଛି ହୋଇଗଲେ ମୁଁ ଜମା ସହିପାରିବିନି । ଖନେଇ ଖନେଇ ବା କଣ କହେ କେଜାଣି ସିଏ କିଛି ବୁଝିପାରେନି । ବାଆକୁ ଆଉଁସି ଦେଉ ଦେଉ ସେଇଠି ଶୋଇପଡିଥାଏ, ବାଆର କୋଳରେ ଜାକିଜୁକି ହୋଇ । ରାତିସାରା ଶୋଇ ଶୋଇ ସ୍ୱପ୍ନ ଦେଖୁଥାଏ, ତା ମାଆକୁ । ମାଆ ତାକୁ ଖୁବ ଗେହ୍ଲା କରୁଛି । ପାଖରେ ବସି ବଳେଇ ବଳେଇ ଖୋଇ ଦେଉଛି । କାଖକରି ନେଇ ସ୍କୁଲରେ ଛାଡିଦେଇ ଆସୁଛି ।

ଏବେ କିନ୍ତୁ ଆଉ ଠିକରେ ମନେପଡୁନି, ମକୁରୁର ତା ମାଆ ମୁହଁ । ହେଲେ ତାର ମନେଅଛି ମାଆ ତା ହାଡୁଆ ହାତରେ ଯେତେବେଳେ ତାକୁ ଆଉଁଶିଦିଏ ଭାରି ସୁଖଲାଗେ ତାକୁ । କୋଉଠିଥାଏ ନିଦ କେଜାଣି, ମାଆ ଆଉଁଶି ଦେଲା ମାତ୍ରେ ନିଘୋଡ଼ ନିଦରେ ଶୋଇପଡେ । ଆଜି ଭାରି ମନେପଡୁଚି ମାଆ କଥା । ବିଶେଷ କରି ଏଇ ଘରର ମାଲିକାଣିଙ୍କ ସହିତ କଥା ହେଲା ପରେ ତାର ତା ମାଆ କଥା ବେଶି ମନେପଡୁଚି । ଆହା କି ମଧୁର କଥା । କଥା ପଦକରେ ପେଟ ପୁରିଯିବ ଯେମିତି । ପ୍ରତ୍ୟେକ ଦିନ କେତେ କେତେ ଲୋକଙ୍କ ଘରକୁ କାମକରିବାକୁ ଯାଉଚି ସିଏ । କିନ୍ତୁ କେହି ତାକୁ ଦିନେ ଏମିତି ସ୍ନେହରେ କଥାପଦେ ପଚାରିନି । ଖାଇବାତ ଦୂରର କଥା ।

ମକୁରୁ କିରେ, ବାବୁ ତୋର ଆସିନାହାନ୍ତିକି ? ନାହିଁ ମାଆ । ତେବେ ଏପଟକୁ ଚାଲିଆସୁନୁ । ସେ ମଶାବଣଟାରେ କାହିଁକି ବସିଚୁ ? ନାହିଁ ମାଆ ସଫା କରିଦେଲା ପରେ ବଗିଚାଟା ଭାରି ସୁନ୍ଦର ଲାଗୁଚି ତ, ସେଇଥିପାଇଁ । ମକୁରୁ ଭାବୁଥିଲା ଗୋଟେ ଇତର ମୂଲିଆ ପ୍ରତି ଯାହା ହୃଦୟରେ ଏତେ ସ୍ନେହ, ଭଲପାଇବା ପୁଣି ଆଦର, ତାଙ୍କ ନିଜର ପିଲାମାନଙ୍କୁ ସେ କେତେ ଭଲପାଉନଥିବେ ସତେ ! ଭାରି ଭାଗ୍ୟବାନ ସେମାନେ ଏପରି ଦେବୀପରି ମାଆଟିଏ ପାଇ । ମକୁରୁ ଆଉ ଆଉ କଣ ଭାବୁଥିଲା କେଜାଣି ବାବୁଙ୍କ ଡାକରେ ଉଠି ଠିଆହେଲା । ଆଖିଆଗରେ ଦୁଇଟା ପ୍ଲେଟରେ କିଛି ପକୁଡି ସହ ମିଠା ଧରି ଠିଆହୋଇଥିଲେ ମାଆ । ନେ ବାବା ଏ ଗରମ ଗରମ ପକୁଡି ଦିଟା ଖାଇଦେ, କେତେବେଳୁ ଖାଇଲୁଣି ଭୋକହେବଣି । ମକୁରୁ ମାଆଙ୍କ ମୁହଁକୁ ବଲବଲ କରି ଅନାଇ ଥିଲା, ପାଟିରୁ ତାର ବଚନ ବାହାରୁନଥିଲା । ସେ ଦେଖୁଥିଲା ତା ଆଖିଆଗରେ ଛିଡାହୋଇଛି ତା ମାଆ । ପିଠି ଆଉଁଶି ଦେଇ ତାକୁ ଖୋଇଦେଉଛି ଆଉ କହୁଛି, ସହଳ ସହଳ ଖାଇଦେଲେ ସିନା ସୁନାପୁଅ ହବୁ । ଖୁବ ବଡହେବୁ, ଭଲମଣିଷ ହେବୁ । କର୍କଶ କଣ୍ଠରେ ବାବୁ ଡାକୁଥିଲେ ଖାଇବା ସରିଲାକିରେ, ଆ'ଆ ଯିବା, ତେଣେ ବହୁତ କାମ ଅଛି । ଲୁହ ଛଳଛଳ ଆଖିରେ ବାହରକୁ ଯାଉଯାଉ ପୁଣିଥରେ ମାଆଙ୍କୁ ଚାହିଁଲା ମକୁରୁ,

ବଡ କରୁଣ ଦେଖାଯାଉଥିଲା ମୁହଁଟି ତାଙ୍କର । ଇଛା ହେଉଥିଲା ପାଦତଳେ ତାଙ୍କର ଥରୁଟେ ମଥା ଲଗାଇବାକୁ ।

ସେଦିନ ରାତିରେ ମୋଟେ ନିଦହେଲାନି ମକୁରୁକୁ । ପରଦିନ ଖୁବ ସକାଳୁ ମକୁରୁର ନିଦ ଭାଜିଗଲା । ତାର ଭାରି ମନେପଡିଲେ ମାଆ । କେତେକରି ମକୁରୁକୁ କହିଥିଲେ ଭାତ ସାଙ୍ଗକୁ ଡାଲମା ଟିକେ ହଉପଛେ, ଘର ଖାଇବା ଖାଇଲେ ଦେହ ଖରାପ ହେବନାହିଁ, ହୋଟେଲ ବଜାର ଖାଇବା ପାଟି ସୁଆଦ ସିନା ଯାବତ୍ୟ ରୋଗର ଘର । ତୁ ପିଲାଲୋକ, କେହି ଆଗକୁ ଅଛି ନା ପଛକୁ ଅଛି, ଦେଖାଚାହାଁ କରିବାକୁ, ସବୁବେଳେ ନିଜ ଦେହପା' କଥା ଆଗ ଭାବିବୁ । ବୁଝିଲୁ ବାପା ମୁଁ କହୁଛି ବୋଲି ଦେହକୁ ନବୁନି । ଆରେ ତୁ କଣ ମୋର ଶତ୍ରୁ ଯେ ମୁଁ ତୋତେ ଏସବୁ କହୁଛି । ତା'ଛଡା ହାତ ଅଳଶେ ନିଶବଙ୍କା । ତୁ ସକାଳୁ ଟିକେ ସହଳ ଉଠିପଡିଲେ ଯାହା ଗଣ୍ଡେ ଫୁଟେଇ ଦେଇପାରିବୁ । ଆଉ ଯଦି ଅଳଶ କରି ଶୋଇପଡିଲୁ, ତେବେ ତ କଥା ସରିଲା । ଆହୁରି ଗୋଟେ କଥା ଆଜିକାଲି ବଜାର ଦର ଯାହାହେଲାଣି କିଣି ଖାଇଲେ ତ ସବୁ ପଇସା ସରିଯିବ, ଦି ପଇସା ରହିଲେ ସିନା ଘରଖଣ୍ଡିକ ସଜାଡିବୁ, ବାହାତୋଳା ହେବୁ । ପଇସା ନଥିଲେ କେହି ସାହାଯ୍ୟ କରିବେନି, ଏକଥା ମୋଟେ ଭୁଲିବୁନି ।

ଆରେ କେତେ ଶୀଘ୍ର ମୋର ରୋଶେଇ କାମ ସରିଗଲାଣି । ସତରେ ମାଆ ଠିକ୍ କହୁଥିଲେ ତ । ମୁଁ ଆଜିଯାଏ ଏକଥା ଭାବିନଥିଲି । ହଁ ପିଲାବେଳୁ ତ ବାପ ଥାଇ ବାପ କଣ ଜାଣିଲିନି । ହେତୁ ପାଇବା ବେଳକୁ ମାଆ ଆକାଶର ତାରା ହୋଇଗଲା । ସଂସାରର ବାଟ ଚାଲିବାକୁ ଖାଲଢିପ, ଭଲମନ୍ଦ ନ୍ୟାୟ ଅନ୍ୟାୟ ବାଛ ବିଚାର ଏସବୁ ଆଉ ଶିଖାଇଥାନ୍ତା କିଏ ଯେ । ଯାହାହେଉ ମାଆ ସାଆନ୍ତାଣିଙ୍କ ପରି କିଛି ଭଲ ମଣିଷ ଏ ସଂସାରରେ ଅଛନ୍ତି ବୋଲି ସିନା, ସୂର୍ଯ୍ୟ ମହାପ୍ରୁ ବେଳାଜାଣି ଆସୁଛନ୍ତି ଯାଉଛନ୍ତି । ମୁଁ ବଣପାହାଡ ମୂଳକର ଆଦିବାସୀ ପିଲାଟେ । ତାଙ୍କୁ ମୁଁ ଚିହ୍ନିଚି ନା ମୋତେ ସିଏ ମୋତେ ଚିହ୍ନିଚନ୍ତି । ଦି,ଚାରି ଘଣ୍ଟାର ପରିଚୟ ଆମର । ସେତିକିରେ ଏତେ ସିନିହଁ ଏତେ ଆଦର ମୁଁ ତ ଆଜିଯାଏ କୋଉଠୁ ପାଇନି । ଯାହାହେଉ ଆଜି କାମ ସରିଲେ ତାଙ୍କୁ ନିଶ୍ଚୟ ଦେଖାକରି କୃତଜ୍ଞତା ଜଣାଇକରି ଆସିବି ।

କଥାଟିଏ କହିବା ଆଉ ତାକୁ କାମରେ ଲଗାଇବା ଏତେ ସହଜକଥା ନୁହେଁ । ମକୁରୁ ଚାହିଁଲେ ବି ମାଆଙ୍କ ସହ ତାର ଦେଖାହୋଇ ପାରୁନଥିଲା । କାହିଁକି ନା କାମପାଇଁ ବହୁତ ଦୂରବାଟ ଯିବାକୁ ପଡୁଥିଲା । ଫେରିବା ବେଳକୁ ତାକୁ ଭାରି ଥକା ଲାଗୁଥିଲା ପୁଣି ଏତେ ଡେରିରେ କଣ କିଏ କାହା ଘରକୁ ଯାଏ । ବାବୁ କାଳେ ବିରକ୍ତ ହେବେ ସେଥିପାଇଁ ତାକୁ ଡରଲାଗେ । ଯାହାହେଲେ ସହରୀ ଲୋକ ତାଙ୍କ ଚାଲି ଚଳଣି କେତେ ଉଚ୍ଚକୋଟୀର । ସିଏ ସାଧାରଣ ଦିନ ମଜୁରିଆ, ବାବୁଘରେ ଅସମୟରେ ପହଞ୍ଚିବା ପରି ଧୃଷ୍ଟତା କେମିତି ସିଏ କରିପାରିଥାନ୍ତା । ତଥାପି ସମୟ ସୁବିଧା ଦେଖି ନିଶ୍ଚୟ ଯିବ, ଏଇକଥା ଭାବି ମନକୁ ବୁଝାଇଦିଏ ।

ପନ୍ଦର ଦିନ ପରେ ମାଆଙ୍କ ଘର ପାଖାପାଖି ମକୁରୁର କାମ ମିଳିଗଲା । ଭାରି ଖୁସି ଲାଗିଲା ତାକୁ । ଯା’ ହେଉ, ଏତେଦିନ ପରେ ତାକୁ ଆଜି ମାଆଙ୍କୁ ଦେଖା କରିବାର ସୁଯୋଗ ମିଳିବ । ଯିବା ବାଟରେ ସିଏ ଭାବିହେଉଥାଏ ଆଗ ଯାଇ ମାଆଙ୍କୁ ଦେଖା କରିଆସିବ । ପୁଣି ଭାବୁଥାଏ, ନାହିଁ ନାହିଁ ଏବେ ଗଲେ ତରତରରେ ଟିକେ କଥା ହେବାକୁ ସମୟ ମିଳିବ ନାହିଁ । ଏପଟେ କାମରେ ଡେରିହେଲେ କଣ୍ଟ୍ରାକ୍ଟର ବିରକ୍ତ ହେବ । ବରଂ ବେଶି ଭଲହେବ କାମ ସରିଲେ ଦେଖାକରିବ । ଖାଲି ଦେଖା କରିବନି ତ, ମନଖୋଲି କିଛି ଦୁଃଖ ସୁଖବି ହେବ । ହଁ ବାପା ତାର କାଲି ଗାଁ’ର ଗୋଟେ ଲୋକ ହାତରେ ଖବର ପଠାଇଛି, ଟଙ୍କା ପଠାଇବାକୁ ସେକଥା କହିବ । ଏମିତି ଅନେକ କଥା ତାର ମା’ଙ୍କୁ ଜଣାଇବାର ଅଛି । ତାଙ୍କୁ ଜଣାଇଦେଲେ ତାର ଅନେକ ଦିନର ଦୁଃଖ ବି କିଛି ମାତ୍ରାରେ ଲାଘବ ହୋଇଯିବ । ତାକୁ ତ ଏମିତି ଲାଗୁଛି ସେ ଯେମିତି ସତସତିକା ତା ମାଆ ପାଖକୁ ଯାଉଛି ଅନେକ ଦିନ ପରେ ।

ସାଇ ମୁଣ୍ଡରେ ପହଞ୍ଚୁ ପହଞ୍ଚୁ ମକୁରୁ ଲକ୍ଷ୍ୟ କଲା, ମାଆଙ୍କ ଘର ଆଗରେ ଭାରି ଗହଳି । ତାକୁ ଟିକେ ଭୟ ଲାଗିଲା, ଆଗେଇ ଯାଇ ଦେଖିବାକୁ ଚେଷ୍ଟା କଲା । କାହିଁ କିଛି ତ ଦିଶୁନି, କିନ୍ତୁ କେହି କାନ୍ଦିବାର ଶୁଭୁଚି । ଛନକା ପଶିଗଲା ମକରୁ ଛାତିରେ । ଭାରି ଡରଲାଗିଲା ତାକୁ । ମନରେ ହଜାରେ ଆଶଂକା, କେତେ ନା କେତେ ପାପ ମନକୁ ଛୁଇଁଲା । ତେବେ କଣ ମାଆ କି ବାବୁଙ୍କର, ଜିଭକାମୁଡି ପକାଇଲା ମକୁରୁ । ନା ନା, ଏମିତି ଭାବନା ଭିତରେ ଆଗେଇ ଚାଲିଥାଏ ସିଏ । ଯେତେବେଳେ ତା କାନରେ ବାଜିଲା ମଣିଷ ତ ନୁହେଁ ସାକ୍ଷାତ ଦେବୀଟିଏ ଥିଲେ, ବୋହୁ ସାଆନ୍ତାଣି । ଦୁଆରୁ ତାଙ୍କର ଜନ୍ଦା ପିମ୍ପୁଡିଟିଏ ବି ଉପାସରେ ଫେରନ୍ତିନି । ମଣିଷ ତ ମଣିଷ । କଥାରେ ପରା କୁହାଯାଇଛି ପ୍ରାଣୀର ଭଲ ମନ୍ଦ ବାଣୀ, ମରଣକାଳେ ତାହା ଜାଣି । ଦେଖ ଯେମିତି ମଣିଷ ସେମିତି ମରଣ । ସଂସାରର କାମ ତୁଟେଇ, ସ୍ୱାମୀ ପୁଅ, ବୋହୁ, ଝିଅ, ଜ୍ୱାଇଁ, ନାତି, ନାତୁଣୀର ଭରା ପରିବାର ଛାଡି, ଅହ୍ୟ ଡେଙ୍ଗୁରା ବଜାଇ ସଂସାର ଛାଡି ଚାଲିଗଲେ ଆରପାରିକୁ । ତାଙ୍କ ପାଇଁ ପରା ଗଛପତର କାନ୍ଦୁଛନ୍ତି । ବାବୁଙ୍କୁ ଯାହା ଝୁରିହେବା ପାଇଁ ଛାଡ଼ିଗଲେ ।

ଏଥର ମକୁରୁ ଠିକ୍ ବୁଝିଗଲା, ତା ଆଶଙ୍କା, ସତ । ହେଲେ ସିଏ ନିଜକୁ ଏତେ ଟିକେ ବୁଝାଇ ପାରୁନଥିଲା । ଲୁହ ଭର୍ତ୍ତି ଆଖିକୁ ତାର ସବୁକିଛି ଦିଶୁଥିଲା କୁହୁଡି ପରି । ଦୋଷୀଟିଏ କାଠଗଡାରେ ଠିଆହୋଇ ଅସହାୟତାରେ ଶୂନ୍ୟକୁ ଚାହିଁ ରହିବାପରି, ଶୂନ୍ୟକୁ ଚାହିଁ ରହିଥିଲା ସିଏ । ତାକୁ ଲାଗୁଥିଲା ଗୋଟେ ବିରାଟ ଶୂନ୍ୟମୟ ପୃଥିବୀରେ ସିଏ ଏକା, ଖୁବ ଏକା । ପଦୁଟିଏ କଥାହେବାପାଇଁ ପାଖରେ ତାର କେହି ବି ନାହାନ୍ତି । ଅଥଚ ତା ଚତୁର୍ପାଶ୍ୱରେ ନାହିନଥିବା କୋଳାହଳ । ଆଖିଆଗରେ ବିରାଟ ବଡ ଶୋକାକୂଳ ଶୋଭାଯାତ୍ରା । ତାକୁ ଅନୁଭବ ହେଉଥିଲା କାହାରି ଦରଦଭରା ଅସ୍ପଷ୍ଟ ସ୍ୱର, ‘ଆହା, ସଂସାରର ସବୁତକ ଶୁଖକୁ ପୋଛିନେଇ ଚାଲିଗଲା । ଆଉଜଣେ କହୁଥଲା, ଯିଏ ଗଲା ସିଏ କି ଆଉ ଫେରିବ? କାହାରି ଯିବାରେ କଣ ଅଟକି ଯିବ ସମୟ ? ଖାଲି ଯାହା ଛାତିଭିତରେ ସିଏ ସ୍ମୃତିଟିଏ ହୋଇ ରହିଯିବେ ଜୀବଥିବା ତକ । ସମୟର ହାତଧରି, ଆଗେଇ ଚାଲିବା ପରା ମଣିଷର

ଧର୍ମ । ଆଖିରୁ ଲୁହପୋଛି ମକୁରୁ ସେଇଠୁ ଥାଇ ସାଷ୍ଟାଙ୍ଗ ପ୍ରଣାମ କଲା ମାଆଙ୍କ ଉଦ୍ଦେଶ୍ୟରେ । ଟଳମଳ ପାଦକୁ ତାର, ସତେ ଯେମିତି ଉପହାସ କରୁଥିଲା ତା ଟଳମଳ ଭାଗ୍ୟ ।

ପଛରୁ ଥାଇ କେହିଜଣେ, ମକୁରୁକୁ ଖୁବ କଅଁଳେଇ କରି କହୁଥିଲେ, ବାବାରେ ମକୁରୁ ଆଜି କଣ କାମକୁ ଯିବୁନିକି ? ଆଛା ବାବା ଖାଇକରି ଆସିଛୁ ନା, ହଁ ସାଙ୍ଗରେ ଟିଫିନ ଆଣିବାକୁ ଭୁଲିନୁ ତ । ଯାଆ ବାବା ବହୁତ ଡେରି ହୋଇଗଲାଣି । ତେଣେ କଣ୍ଟ୍ରାକ୍ଟର ବାବୁ ପରା ରାଗିବେ । ପଛକୁ ଫେରିଚାହିଁଲା ମକୁରୁ, ସମ୍ମୁଖରେ ତାର ଅତିକ୍ରମ କରିଯାଉଥିଲା ମାଆଙ୍କର ଅନ୍ତିମ ଶୋଭାଯାତ୍ରା ।

ꝏꝏ

**ନିରୁପମା କର,** ଭୁବନେଶ୍ୱର । ସେ କବିତା, ଗଳ୍ପ, ଶିଶୁ ସାହିତ୍ୟ, ଉପନ୍ୟାସ, ପ୍ରବନ୍ଧ, ଆଦି ଲେଖନ୍ତି । ଓଡ଼ିଆ ସାହିତ୍ୟର ସମ୍ଭ୍ରାନ୍ତ ପତ୍ରପତ୍ରିକାରେ ତାଙ୍କର ଲେଖା ନିୟମିତ ପ୍ରକାଶିତ ହୋଇଥାଏ । ତାଙ୍କର ପ୍ରକାଶିତ କବିତା ପୁସ୍ତକ: କଦମ୍ବରୁ କଳ୍ପବଟ, ଚିହ୍ନା ମାଟିର ବାସ୍ନା, ମୋହମୟୀ । ଗଳ୍ପପୁସ୍ତକ: ବରଗଛର ଛାଇ । ଶିଶୁ ଉପନ୍ୟାସ: ବଣରାଇଜର କଥା । ଶିଶୁ କବିତା: ଚୁନିଚୁନି ତାରାଫୁଲ ।

ꝏꝏ

# ଆଶାରେ ଆଶାରେ...

**ସୁରେଶ ଚନ୍ଦ୍ର ରଥ**

ମୁଁ ଖାଲି ତୁମପାଇଁ ......
ନଭଶ୍ଚୁମ୍ବି ଶୂନ୍ୟତାର ବିଶାଳତା ନେଇ
ବେଳାଭୂମୀ ବୀଚିମାଳା ଅନେକ ଆଶାରେ
ପ୍ରତୀକ୍ଷାର  ପକ୍ଷାଘାତେ ପଙ୍ଗୁ ବୋଲାଉଛି ll

ଦିଗହରା ମନ ପ୍ରଭଞ୍ଜନେ
ସମାଜର ତୀବ୍ର କଟାକ୍ଷରେ
ତଥାପି ବଞ୍ଚିଛି ଏବେ
ଅଳିଟିଏ କଳିର ସଂଧାନେ  ll

ବକପକ୍ଷୀ ଫେରିଯାଏ  ନୀଡେ
ପଦ୍ମିନୀ ବି ଆଖି ମୁଜିଦିଏ
ବାଦଲଘେରା ଝାପ୍ସା ଜୋଛନାରେ
କୁମୁଦ ମୁଁ ଖୋଜୁଛି କାହାରେ ll

ସମୟ ଦିଗବଳୟୁ ଆଖି ମୁଁ ଫେରାଇ
ଏବେ ମୋ ପ୍ରତୀକ୍ଷା ଖାଲି ଦେଖିବାରପାଇଁ
ତୁମ ବାଡ଼ି କନିଅର ଫୁଲ, ଆମଘର ଶାଳଗ୍ରାମ
ଏମାନଙ୍କ ସାର୍ଥକ ମିଳନ ll

ଠଠ

# ଚିଠିଟିଏ ତୁମପାଇଁ ...

## ସୁରେଶ ଚନ୍ଦ୍ର ରଥ

ଆଜିମୁଁ ଲେଖୁଛି ଚିଠି ମୋ ମନର ସବୁଜ କାଳିରେ
ସେ ଚିଠି ପଠାଇଦେଲି ଝିଲିମିଲି ଜୋଛନା ହାତରେ ll

ବାତାୟନ ପାଖେ ବସି ମଲ୍ଲି ହେନା ସୁରଭି ଗହଣେ
ଚକୋରୀ ସେ ପଢ଼େ ଚିଠି ପାଇବାକୁ ମୋତେ ତା ସ୍ୱପ୍ନରେ ll

ଅଭିମାନୀ ବୁଝିବନି ନୀରଖାଳି ଢାଳିବ ଅଶ୍ରୁରେ
ମନେ ତା ଆଶାର ଢେଉ ଗଭୀରତା କେବା କଳିପାରେ ll

ଲେଖିବ ଉତ୍ତରେ ଗୀତି
ତୋଳିବାକୁ ସୁର ମୋ ବୀଣାରେ ll

ସେ ଉତ୍ତରେ ଖୋଜିପାଏ   ହସ ମୁଁ ତା ଗୋଲାପି ଅଧରେ
ହସିବ  ହସାଉଥିବ ଏ ଶପଥ ନେଇଛି ମନରେ ll

ପାରେ କେହି ଭୁଲି ଏ ସଂସାରେ
କୁମୁଦର ଅଭିସାର ଚାନ୍ଦିନୀ ରାତ୍ରିରେ ll

ଆଜିମୁଁ ଲେଖୁଛି ଚିଠି ମୋମନର ସବୁଜ କାଳିରେ
ସେ ଚିଠି ପଠାଇଦେଲି ଝିଲିମିଲି ଜୋଛନା ହାତରେ ll

ꝏꝏ

**ଡ଼ଃ ସୁରେଶ ଚନ୍ଦ୍ର ରଥ,** ଏମ.ଏସ.ସି., ପିଏଚ.ଡ଼ି, ଡ଼ି.ଏସସି., ଏ.ପି.ଏମ (ଇଜରାଏଲ)। ଜନ୍ମ ସ୍ଥାନ ପୁରୀ ଜିଲ୍ଲାର ସାକ୍ଷୀଗୋପାଳ l ଭାରତୀୟ କୃଷି ଗବେଷଣା ପରିଷଦର ପ୍ରାକ୍ତନ ମୁଖ୍ୟ ବୈଜ୍ଞାନିକ l ପେସାରେ ବୈଜ୍ଞାନିକ, ନିଶାରେ ସାହିତ୍ୟ ସୃଷ୍ଟି ଓ ବକ୍ତା l ଜଳକୃଷି ବିଜ୍ଞାନରେ ଉତ୍କର୍ଷତା ପାଇଁ ଜାତୀୟ ପୁରସ୍କାର ବିଜେତା l ବିଜ୍ଞାନ ଓ ସାହିତ୍ୟରେ ଶତାଧିକ ଜାତୀୟ ତଥା ଆନ୍ତର୍ଜାତୀୟ ପ୍ରକାଶନ l ଜଳକୃଷି ବିଜ୍ଞାନରେ ପାଞ୍ଚଗୋଟି ପୁସ୍ତକର ଲେଖକ ଏବଂ ଏକାଧିକ ପେଟେଣ୍ଟର ଅଧିକାରୀ l ଓଡ଼ିଆ କବିତା ଓ ଗଳ୍ପର ଲେଖକ ହିସାବରେ ଛଦ୍ମନାମ ଗ୍ଲାବେଲ। ସେ ଭୁବନେଶ୍ୱରରେ ରହନ୍ତି ।

ꝏꝏ

# ମୁହୁର୍ମୁହୁଃ

**ଅନୁପ କିଶୋର ଦାସ**

ଭଙ୍ଗା ଆକାଶକୁ
ଆଇନା ଭାବି ଚାହିଁଲେ
ନିଜ ପ୍ରତିବିମ୍ବ ଦିଶେ ବିଖଣ୍ଡିତ ,
ଅୟୁତ ସ୍ବପ୍ନ ତ୍ରିଶଙ୍କୁ ଅବସ୍ଥାରେ
ହଜିଯାଆନ୍ତି  ଅନ୍ଧାର ଭିତରେ ।

ଦଲକାଏ ହେମାଳ ପବନରେ
ପାଉଁଶ ହୋଇ
ଝଡି ପଡନ୍ତି ମୋ ଦେହରେ-
ମୁଁ ହୁଏ ପାଂଶୁଳ
ଅଧା ସତ ଅଧା ମିଛର
ଚିତ୍ରଟିଏ ।

ଏମିତି ଅନେକ ଚିତ୍ର
ଆଙ୍କି ହୋଇଯାଏ ଘଟଣା କ୍ରମେ
ସମୟର ପରସ୍ତରେ ଓ
ସେ ଚିତ୍ର ମାନଙ୍କୁ ଆପଣେଇ
ଜହ୍ନ ଲୁହ ଢାଳେ ଲୁଚି ଲୁଚି
କୃଷ୍ଣ ପକ୍ଷରେ ।

ଶୁକ୍ଳପକ୍ଷରର ଦୃଶ୍ୟମାନତାରେ
ଲାଖି ଥାଏ
ବିଷାଦିତ ଲୁହର କଳଙ୍କ ।

ଅନ୍ଧାରରେ ନୀରବରେ
ଅଗୋଚରରେ କାନ୍ଦିବା

ଯେତିକି ବେଦନା ବିଜଡ଼ିତ
ସେତିକି ଅନୁତାପ ବି ଅଭିଜ୍ଞତା ସମ୍ଭୂତ ।

ତଥାପି ଜାରି ରହେ
ମାୟାମୃଗର ପ୍ରଲୁବ୍ଧ ଅନ୍ୱେଷଣ ଓ
ଅନ୍ତହୀନ ପାରିଧିକୁ ଯିବାକୁ ହିଁ ହେବ
ଦ୍ୱିଧାଗ୍ରସ୍ତ ଅନ୍ତର୍ଦାହର ଏ ଶେଷ ହୀନ ଯାତ୍ରାରେ,
ସାଉଁଟି ବାକୁ ହେବ
ଜହ୍ନ ପାଇଁ ଚିତ୍ରପୁଞ୍ଜି
ମୁହୁର୍ମୁହୁଃ ।

ꝏꝏ

**ଅନୁପ କିଶୋର ଦାସ,** କଟକ, ପ୍ରକାଶିତ ପୁସ୍ତକ: ଦୁଇଟି କବିତା ସଙ୍କଳନ, ସୁନୟନା, ଅନ୍ତରୀଣ ଅଭିସାର

ꝏꝏ

# ଦୁଇଟି ଛୋଟ କବିତା

**ଦେବାଶିଷ ମହାପାତ୍ର**

(୧)
ବଙ୍ଗୋପସାଗରେ ଲଘୁଚାପ ହେଲେ
ଆମ ରାଇଜରେ ଝଡ଼
ପଡ଼ୋଶୀଙ୍କ ଘରେ ଦିଅଁ ପୂଜା ହେଲେ
ଆମ ବଗିଚାରୁ ରାତି ଦେଢ଼ଟାରୁ ଛୁ' ମାରେ ଫୁଲ କଢ଼
ସବୁ ଏଠି ଗଡ଼ବଡ଼
ମ୍ୟାଟ୍ରିକ୍‌ରେ ଯିଏ ଅଟକିଛି ସିଏ
ମିନିଷ୍ଟର ହେଲେ ଆହ୍ୱାନ ଦିଏ
ଭାଇ! ମନ ଦେଇ ପାଠ ପଢ଼ ।

(୨)
କେ.ଜି. ଠାରୁ ପି.ଜି.
ପଢ଼ିଲୁ ଇଂରାଜୀ
ଓଡ଼ିଆକୁ ମାରି ଗୋଇଠା
ଓଡ଼ିଆକୁ ଭାବୁ ବାସି ପାଉଁରୁଟି
ଇଂରାଜି ପନିର୍ ପରଠା
ଏମିତିକା ଆମେ ନିଲଠା
କଂସା ବାସନରେ ଘିଅ ଅନ୍ନ ଛାଡ଼ି
ଅଣ୍ଡାଳୁଛୁ ଅନ୍ୟ ଅଇଁଠା ।

ꝏꝏ

**ଦେବାଶିଷ ମହାପାତ୍ର,** ଭୁବନେଶ୍ୱର, କବି ଓ ଭାଷାବିଜ୍ଞାନୀ ଭାବେ ଦେବାଶିଷ ମହାପାତ୍ର ପରିଚିତ । ସେ ପୂର୍ବାଞ୍ଚଳ ଭାଷାକେନ୍ଦ୍ରରେ ଭାଷା ପ୍ରଶିକ୍ଷକ, ଆମେରିକାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଷ୍ଟଡିଜ୍‌ର ଭାଷା ପ୍ରଶିକ୍ଷକ ଭାବେ ସୁନାମ ଅର୍ଜନ କରିଛନ୍ତି । ତାଙ୍କର ଦୁଇଟି କବିତା ପୁସ୍ତକ ଓ ତିନୋଟି ଭାଷା ଭିତ୍ତିକ ଆଲୋଚନା ପୁସ୍ତକ ପ୍ରକାଶ ପାଇଛି ।

ꝏꝏ

# Return to the Vedas

**Barada Prasanna Das**

**(Translated from Odia by Sugyan Choudhury)**

Return to the Vedas Know Thou we are all souls, we are the eternal;
Veda points to the path of righteousness in action and wisdom; (0)
Great is our cultural legacy and great is our history;
Forgetting everything we boasted us as mighty;
Forgetting the discrimination between sin and law of piety;
Sacrificed the secret of the sin and the sublime truth;
Though must know that the followers of Bible and Koran;
Scrupulously adhere to their scriptures; (1)
Man's will make his life great and meaningful;
Only when the Vedas shall impart mantras;
Let us realize about the salvation and cessation of life;
Come…. come my brethrens dear,
We shall make men out of men;
Let us keep the eternal piety alive
By infinite oblations to God of fair (2)

∞∞

**Barada Prasanna Das**, Bhubaneswar, writes columns in newspapers. Published books: Satyara sandhan, Mohajananayak, Ananya Sahityika, Odisare Bapu.

**Sugyan Choudhury**: State level journalist based at Bhubaneswar**.**

∞∞

# ଶେଷ ଚିଠି ଲଳିତାର

**ପ୍ରଣତି ମହାପାତ୍ର**

ଦୀର୍ଘ ଉଣେଇଶି ଦିନ ପରେ ଖବରକାଗଜ ଉପରେ ଆଖି ପକାଉଥାନ୍ତି ଲଳିତା ଦେବୀ । ହଠାତ ଗୋଟିଏ ବିଜ୍ଞାପନ ଉପରେ ନଜର ଲାଖିଗଲା । ଅନ୍ୟମାନଙ୍କ ଅଜାଣତରେ ଆଖିରୁ ବହିଗଲା କେଇଟୋପା ଲୁହ । ଲୁହ ତଳେ ପଡିବା ଆଗରୁ ଲୁଗାକାନିରେ ପୋଛିନେଲେ ଲଳିତା ଦେବୀ । ବିଜ୍ଞାପନର ଫଟୋଟିକୁ ମଥାରେ ଲଗାଇ ପ୍ରଣାମ କଲେ । ତା ପରେ ପ୍ରଦତ୍ତ ଠିକଣାକୁ ମନେ ରଖିବା ଆବଶ୍ୟକ ନ ଥିଲା ତାଙ୍କ ପାଇଁ ସତ । ବୟସାଧିକ୍ୟ ବଶତଃ କାଳେ ଭୁଲି ଯିବେ ଦୁଇତିନିଥର ପଢି ଚାଲିଲେ ।

ଏଇଠୁ ଆରମ୍ଭ

ପ୍ରିୟପୁରୁଷ ମୋର କୁନାଲ,
ଇହକାଳ ପରକାଳର ଦେବତା,
ମୋର ଭକ୍ତିପୂତ ପାଦସ୍ପର୍ଶ ଜୁହାର । କୋଟି ଜନ୍ମ ତପସ୍ୟାର ଫଳ ତୁମେ । କେମିତି ଅଛ ? ଠିକରେ ଖିଆପିଆ କରୁଛ ତ । ସବୁବେଳେ ତୁମର ବାୟୁଦୋଷ, ଡାଇବେଟିସ ପୁଣି ଆଖିକୁ କମ୍ ଦିଶେ । ଠିକ ସମୟରେ ଔଷଧ ଖାଉଛ ତ । ନିଜ ଦେହକୁ ବଇଦ ହୋଇ ଚଳିବ । ବେଶୀ ଗାଧୁଆ ପାଧୁଆ କରିବନି କି ପଖାଳ ପାଣି ଖାଇବନି । ସକାଳୁ ଖାଲି ପେଟରେ ନିମ୍ବପତ୍ର ଖାଉଥିବ ଆଉ ଗ୍ୟାସ ଔଷଧ ବି । ରାତିରେ ଶୋଇବା ବେଳେ ବୋହୁକୁ କହିବ ସୋରିଷ ତେଲ ରସୁଣ ଫୁଟେଇ ଦେବେ, ନିଜେ ଟିକେ ଲଗେଇ ଦେବ ।

ମୁଁ ଥିଲେ ସିନା ପାଦରେ ରସୁଣ ତେଲ ଘଷି ଦିଏ, ଆରାମରେ ଶୋଇଯାଅ । ଏବେ ତ ତୁମଠାରୁ ମୁଁ ବହୁତ ଦୂରରେ । ତେଣୁ ଏବେଠାରୁ ଅଭ୍ୟାସ କର । ସକାଳେ ବୋହୁମାନେ ତ ଦିନ ୯'ଟା ବେଳେ ଉଠୁଥିବେ । ନିଜେ ତ କେବେ ହାତରେ ଚା'ଟିକେ କରି ପିଅନା, ହେଲେ ନିଜେ ନିଜ ପାଇଁ ଚା' କରିବା ସହ ପୁଅବୋହୁଙ୍କ ପାଇଁ ବି ଚା' କରି ଦେଇ ନିଜେ ଯାଇ ପିଇବ ।ମୁଁ ବଢିଭୋରୁ ଚା' କରି କବାଟ ବାଡେଇ ସେମାନଙ୍କୁ ନେଇ ଦିଏ । ବଡ଼ବୋହୁର ଟିକେ ବେଶୀ ମିଠା, ସାନବୋହୁର କମ୍ ମିଠା ଚା'। ଏବେ ତୁମେ ନ ଦେଲେ ଦିନବେଳା ଖାଇବା ପିଇବା ହୁଏତ ବନ୍ଦ କରି ଦେବେ । ଚାରିଆଡକୁ ନଜର ରଖି ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେଉଥିବ ।

ନାତିନାତୁଣୀଙ୍କୁ ସକାଳେ ସନ୍ଧ୍ୟାରେ ହରଲିକ୍ସ ବୋନଭିଟା ତିଆରି କରି ଦିଏ । ଯଦି ପାରିବ ତାଙ୍କୁ ବି ତିଆରି କରି ପେଇବ, ଶୋଇବା ବେଳେ ମୋତେ ବହୁତ ଖୋଜୁଥିବେ । ପରୀରାଇଜର ରାଜକୁମାର କାହାଣୀ ଶୁଣିବାକୁ ଦୁହେଁ ଭାରି ଭଲ ପାଆନ୍ତି । ନହେଲେ ତିନି ଜଣ ଯାକ ଆଦୌ ଶୋଇବେ ନାହିଁ । ଶୋଇବା ଆଗରୁ ତୁମ ବିଛଣାକୁ ତୁମେ ଝାଡି ଦେଇ ଶୋଇବ । ଗାଧୋଇ ସାରି ଲୁଙ୍ଗି ଗାମୁଛାକୁ ବାଲଟିରେ ଧୋଇ ଖରାରେ ଶୁଖାଇ ଦେବ ।

ହଁ ଶୁଣ, ମୁଁ ଆସିବାବେଳେ ମୋ ପେନସନ ବହି, ଚେକ୍ ବୁକ୍ ନେଇ ଆସିଛି । ତେଣୁ ସେସବୁ ଖୋଜାଖୋଜି କରିବ ନାହିଁ । ତୁମେ ତୁମ ପେନସନ ଟଙ୍କା ଉଠେଇ ଔଷଧ ଫଳ କ୍ଷୀର ଖାଇବ । ପିଲାମାନଙ୍କ ପାଇଁ ପ୍ରତି ମାସରେ କିଛି କିଛି ଉପହାର ଆଣି ଦେବ । ସେମାନଙ୍କ ମନଖୁସି ହେଲେ ସିନା ତୁମ ପ୍ରତି କରୁଣା ଭାବ ରହିବ । ଦୟାରେ ହେଉ ବା ଅର୍ଥ ଲୋଭରେ ହେଉ ତୁମକୁ ଖାଇବା ପିଇବାକୁ ଗଣ୍ଡେ ଦେବେ ।

ମୋର ବିନତି ଆଉ ଅନୁରୋଧ ମୋତେ କେବେ ଖୋଜିବା ପାଇଁ ଚେଷ୍ଟା କରିବନି । କାରଣ ମୁଁ ଯେଉଁଠି ବି ଅଛି ବହୁତ ଭଲରେ ଅଛି । ମୁଁ ମରିଯାଇଛି ଭାବି ଶୁଦ୍ଧିକ୍ରିୟା ହୋଇଯିବ ।

ମୋ କଥା ମନେ ପକାଇ ମନକଷ୍ଟ କରିବନି।ଦେହ ଖରାପ ହେବ । ରହିଲି
ତୁମର....

ଚିଠିଟିକୁ ଭଲଭାବରେ ଅଠା ଲଗେଇ ଦେଇ, ତହିଁ ଉପରେ ସୁନ୍ଦର ଅକ୍ଷରରେ ଠିକଣା ବି ଲେଖି ଦେଲେ ବି ଲଳିତା ଦେବୀ । ଆଉ ସଯତ୍ନରେ ଡାକ ଘରେ ଯାଇ ପୋଷ୍ଟ କରି ଆସିବା ପାଇଁ ରମେଶକୁ କହି କିଛି ମିଠା ଆଣିବାକୁ ଟଙ୍କା ମଧ୍ୟ ଦେଲେ ।

***

ପରିଷ୍କାର ଭାବରେ ମନେପଡୁଛି ସବୁ କିଛି କଥା ଆଜି । ହଠାତ ଦେହରେ ଜ୍ୱର ଆସିବା ସହ ଟିକେ ଟିକେ କାଶ ହେଲା ।

ତିନି ପୁଅବୋହୁଙ୍କ ପାଇଁ ଗୋଟିଏ ଘର ତିଆରି କରିଥିଲେ । ତଳ ଉପର କରି ତିନି ତାଲା ଘର । ସମସ୍ତଙ୍କ ପାଇଁ ସମାନ କୋଠରୀ ମଧ୍ୟ । ତଳମହଲାକୁ ଲାଗି ଦୁଇବଖରା ଘର, ପାଇଖାନା ଗାଧୁଆ ଘର ନିଜ ପାଇଁ କରିଥିଲେ । ସ୍ୱାମୀ ସ୍ତ୍ରୀ ଦୁହେଁ ତ ଚାକିରିଆ । ତେଣୁ ସବୁ କିଛି ଚିନ୍ତା କରି କରିଥିଲେ ।

ପୁଅମାନେ ବ୍ୟବସାୟ କରନ୍ତି । ତେଣୁ ସବୁ ପିଲାମାନେ ବାପା ମାଆଙ୍କୁ ବହୁତ ସମ୍ମାନ ଦେବା ସହ ଭୟ ବି କରନ୍ତି । ତଳେ ଗୋଟିଏ ରୋଷେଇ ଘରେ ସମସ୍ତଙ୍କ ପାଇଁ ରୋଷେଇ ହୁଏ ଏବଂ ବିରାଟ ବଡ଼

ହଲରେ ସମସ୍ତେ ଏକାଠି ବସି ଭୋଜନ କରନ୍ତି । ରୋଷେୟା ରୋଷେଇ କରି ସାରି ସମସ୍ତଙ୍କୁ ପରଷି ଦିଏ ।

କିନ୍ତୁ ବୁଢୀର ଦେହ ଅସୁସ୍ଥ ଜାଣିବାପରେ ବାପାଙ୍କୁ ଡାକି ପିଲାମାନେ କହିଲେ କି ମାଆଙ୍କୁ କାଲି ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରିବା । ତାଙ୍କୁ ଯଦି ସେହି ରୋଗ ହୋଇଥିବ ସମସ୍ତଙ୍କୁ ବ୍ୟାପିଯିବ । ଆରେ ନାହିଁ ରେ, ତାଙ୍କୁ କାହିଁକି ସେ ରୋଗ ହେବ । ସେ ତ କୁଆଡ଼େ ଯାଉନି କି ଆସୁନାହିଁ । ଏହି ଥରେ ଅଧେ ଯାଇଥିଲା । ମୁଁ ତା ପାଇଁ ଔଷଧ ଆଣିଛି, ସେ ବି ଖାଉଛି । ଦୁଇ ଚାରି ଦିନ ମଧ୍ୟରେ ବଳେ ଭଲ ହୋଇ ଯିବ । ତୁମେମାନେ କିଛି ବ୍ୟସ୍ତ ହେବା ଦରକାର ନାହିଁ, ବୋଲି ବାପା ଜୋର ଦେଇ କହିଲେ ।

ବଡ଼ପୁଅ ଉତକ୍ଷିପ୍ତ ହୋଇଗଲେ ବାପାଙ୍କର ଏଭଳି ଉତ୍ତର ଶୁଣି । ଶୁଣ ବାପା, ତୁମେମାନେ ସିନା ବୁଢାବୁଢୀ ହେଲଣି । ତୁମର ଏସବୁର କିଛି ଭୟ ନାହିଁ । ହେଲେ ଆମର ତ ବୟସ ଅଛି, ପିଲାମାନେ ସବୁ ଛୋଟ ଛୋଟ । ସେମାନଙ୍କର ଭବିଷ୍ୟତ ଅଛି । ତେଣୁ ତୁମେମାନେ ଯାହା ଭଲ ଭାବୁଛ କର । ଚାଲିଗଲେ ସମସ୍ତେ । ବୁଢାବୁଢୀ ତଳେ ଏକା । ବୁଢ଼ୀ ସବୁ ଶୁଣୁଥାଏ । ହେଲେ ନୀରବ । ସେଦିନ ଯାହା ଯେମିତି ଗଲା । ତହିଁ ପରଦିନ ସକାଳ ଯାଇ ଦ୍ୱିପ୍ରହର ହେଲା । କେହି ରୋଷେଇଘରକୁ ଆସିବା, ରୋଷେଇ କରିବା କି ଖାଇବା ପାଇଁ ବି ଡାକିଲେ ନାହିଁ ।

କଥା କଣ ବୁଝିବାକୁ ଗଲାରୁ ସମସ୍ତଙ୍କ ଘରୁ ବେଶ ରୋଷେଇର ମହମହ ବାସ୍ନା ଭାସି ଆସୁଥାଏ ସତ ଘରର ଦରଜା କିନ୍ତୁ ବନ୍ଦ । କବାଟ ବାଡେଇ ଡାକିବାରୁ କେହି ବି କବାଟ ନ ଖୋଲି ଭିତରେ ଥାଇ ଜବାବ ଦେଲେ ଯେ ଆମେ ନିଜେ ନିଜ ଘରେ ରୋଷେଇ କରି ଖାଇବୁ । ଆପଣ ବି ରୋଷେଇ କରି ଖାଆନ୍ତୁ । ଆମେ ବାହାରକୁ ବାହାରିବୁନି । ମାରାତ୍ମକ ରୋଗୀ ଯେଉଁଠି କିଏ ବା ମିଶିବ ।

ନିଜ ଗାଲରେ ଚାପୁଡା ଖାଇବା ଭଳି ବୁଢାବାବୁ ତଳକୁ ଆସି ଡାକ୍ତର ପାଖକୁ ଫୋନ କଲେ । କିଛି ସମୟ ମଧ୍ୟରେ ଗୋଟିଏ ଗାଡ଼ି ଆସି ଦୁଆରେ ଲାଗିଲା । ବୁଢ଼ୀ ଜଣକୁ ଗାଡ଼ିରେ ବସାଇ ନେଇଗଲା ।

ଘରୁ ଗଲାବେଳେ ଯେତେ କାକୁତି ମିନତି ହେଲେ ବି ନା କେହି ସାଙ୍ଗରେ ଗଲେ ନା କେହି ମୁହଁ ଦେଖେଇଲେ । ବାହାରେ ସେମାନେ କେବଳ ବୁଢାବାବୁଙ୍କୁ ପଚାରି କଣ ସବୁ ଲେଖିନେଲେ ।

ବୁଢ଼ୀ ଯେତେ କହୁଥାଆନ୍ତି କି ମୋ ଦେହ ତ ସୁସ୍ଥ ହୋଇଗଲାଣି ବୋଲି, ଉପର ତାଲାରୁ ମଝି ତାଲାରୁ ତଳ ତାଲାରୁ ବୁଢାବାବୁଙ୍କ ସମେତ ସମସ୍ତେ କହୁ ଥାଆନ୍ତି, ତୁମେ ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ଆସିବ । ଏବେ ଯଥାଶୀଘ୍ର ଏଇଠୁ ଯାଅ । ତୁମେ ଗଲେ ଘରର ତଳୁ ଉପର ଯାଏ

ସରକାରୀ କଳର ଲୋକମାନେ ଆସି ସାନିଟାଇଜିଂ କରିବେ । ତାପରେ ଆମମାନଙ୍କର ବି ପରୀକ୍ଷା ଦରକାର ।

ବୁଢ଼ୀ ଘରଭିତରେ କଣ ଚିନ୍ତା କରି ଲୁଗାପଟା କିଛି ନେଲେ । ଘର ଦୁଆର ମୁହଁରେ ଠିଆହୋଇ ସ୍ୱାମୀଙ୍କୁ ଯେତେ ଡାକିଲେ ବି ସେ ବି ପାଖକୁ ଆସିଲେ ନାହିଁ । ବାହାରେ ତଳେ ଭୂଇଁରେ ମଥାଲଗାଇ ଜୁହାର କଲେ, ଆଉ ତାପରେ ଗାଡ଼ିରେ ବସି ଡାକ୍ତରଖାନା ଆସିଲେ । ତା ପରଠାରୁ ଆଉ କେହି ଘରଲୋକ ଆସି ନ ଥିଲେ ବୁଢ଼ୀ ପାଖକୁ । ଆଖିରୁ ଅବିରତ ବହୁଥାଏ ଲୁହ । ହଠାତ ଜଣେ ଯୁବକ ବୁଢୀର ପାଦ ଛୁଇଁ ପ୍ରଣାମ କଲେ । ଆଉ ପରିଚୟ ଦେଇ ନେଇ ଆସିଲେ ଏଇ ଜାଗାକୁ । ଆଜି ବୁଢ଼ୀ ବହୁତ ଖୁସି ଆନନ୍ଦରେ ଅଛନ୍ତି ।

ooo

**ପ୍ରଣତି ମହାପାତ୍ର,** ବାଲେଶ୍ୱର

ooo

# ଚିଠି

**ଭରତ ଚନ୍ଦ୍ର ଦାଶ**

ପ୍ରତୀକ୍ଷା
ଅନନ୍ତର ପ୍ରତୀକ୍ଷା ତୁମପାଇଁ
ମନ ପ୍ରାଣରେ ଉତ୍କଣ୍ଠା
କେତୋଟି ଶବ୍ଦ ଭରିଦେବ
ତନୁରେ ଉନ୍ମାଦ
ନାଚି ଉଠିବ ଏକ
ଦିବ୍ୟ ଭବ୍ୟ ପୁଲକରେ
କେତେବେଳେ ଆସିବ ସେ
ମାଟିଆରଙ୍ଗର ପ୍ୟାଣ୍ଟ ସାର୍ଟ ପିନ୍ଧି
ମୁଣ୍ଡରେ ଥିବ ଟୋପି
ତୁଣ୍ଡରେ ଥିବ ଚିଠି
ଆସିବାର ସୂଚନା
ଉଛୁଳି ଉଠିବ ଘର ଦ୍ବାର
ଚିଠି ଶବ୍ଦରେ
କି ଚମତ୍କାର ଅନୁଭବ ସତେ !

କୁଆଡେ ଗଲା ସେ ଡାକ
ସେ ମାଟିଆରଙ୍ଗର ପୋଷାକ
ଟୋପି ତ ଉଡିଯାଇଛି
ସମୟର ଅଣଚାଶରରେ
ଭ୍ରାମ୍ୟଭାଷ ହଜାଇ ଦେଇଛି
ହୃଦୟର ଆବେଗ
ଭାବାବେଗ ଅପସରିଯାଇଛି
ଅଣୁ ତରଙ୍ଗରେ
ବହୁ ଦୂରେ ଅନେକ ଦୂରକୁ

ଚାଲିଯାଇଛି ଚିଠି ପାଇଁ
ଅନନ୍ତର ପ୍ରତୀକ୍ଷା ।
ଆଖି ଝଲସି ଉଠେ
ଅଧରରେ ସ୍ମିତ ହସ
ଲୁଚକାଳି ଖେଳେ
ବେଳେ ବେଳେ
ଆଖିରୁ ଝରିପଡେ
ତତଲା ଲୁହ
ଛାତି ମଧ୍ୟଦେଇ ।

ଶବ୍ଦର କିମିଆରେ
ମସଗୁଲ ଥିବା ମନ
ଏକ ଅବାଞ୍ଛିତ ଚିଠି
ଅତର୍କିତ ମୁହୂର୍ତ୍ତରେ
ଧସିଆସେ
ପ୍ରାଣର ସଞ୍ଚିତ ଦୁଃଖ ଯନ୍ତ୍ରଣା
ଭାଙ୍ଗିଦିଏ ହୃଦୟର ସରହଦ
ଲୁହ ଓ କୋହରେ
ସ୍ୱପ୍ନସବୁ ଚୂରମାର ହୁଏ
ତୃତୀୟ ପୃଥିବୀର କଳା କୋଣାର୍କ
ଆପଣାଛାଏଁ ଅଦୃଶ୍ୟ ବା ଅପହୃତ ହୁଏ
ସମୟର ନିଷ୍ଠୁର ନିଷ୍ପତିରେ।
ଚିଠି ଯୋଡିପାରେ ,ଭାଙ୍ଗିପାରେ
ପ୍ରେମିକ ମୁହୂର୍ତ୍ତରେ
ସମସ୍ତ ସ୍ୱପ୍ନ ସମ୍ଭାବନା ।

ଠଠ
**ଭରତ ଚନ୍ଦ୍ର ଦାଶ,** ମାର୍କୋଣା, ବାଲେଶ୍ବର, ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ ।
ଠଠ

# ମୃତ୍ୟୁ

**ପୁଷ୍ପାଞ୍ଜଳି ପଣ୍ଡା**

ହେ ମୃତ୍ୟୁ
ତୁମେ କାହାର କାମ୍ୟ ନୁହଁ
ଆସିବା ତିଥି ବି ଅଜ୍ଞାତ ତୁମ
ଆସିଗଲେ ଝରେ ଲୁହ ।।

ହେ ମୃତ୍ୟୁ
ତୁମେ ନିଶ୍ଚୟ ଦିନେ ଆସିବ
ନିଶ୍ୱାସ ରହିତ ଯନ୍ତ୍ରଣାରୁ ମୁକ୍ତ
ସ୍ଥୁଳ ଦେହ  ଛାଡ଼ି ଯିବ ।।

ହେ ମୃତ୍ୟୁ
ତୁମେ ସାମ୍ୟ ବାଦ ବାହକ
ଦେଖନାହିଁ ଧନୀ ମାନି  କି ଗରୀବ
ସର୍ବେ ତୁମ ପଥର ପଥିକ ।।

ହେ ମୃତ୍ୟୁ
ତୁମେ ଜନ୍ମ ସହିତ ଆସି
ସମୟ ସହିତ ତାଳ ଦେଇ ଚାଲ
ଆୟୁ ଆଗ ପଛ କମ୍ ବେଶି ।।

ହେ ମୃତ୍ୟୁ
ତୁମେ ସତ୍ୟ ଶାଶ୍ୱତ ଚିରନ୍ତନ
ତୁମକୁ ଲଭିଲେ ନଶ୍ୱର ଘଟ
ପାଏ ଚିର ନିଦ୍ରା ବିଶ୍ରାମ ।।

ହେ ମୃତ୍ୟୁ
ତୁମେ ମର୍ତ୍ତ୍ୟ ମଣ୍ଡଳେ ମାୟା
ଦେବତା ଦାନବ ଏ ଛାର ମାନବ
ଶେଷେ ତୁମରି ଆଶ୍ରୟ ଛାୟା ।।

ହେ ମୃତ୍ୟୁ
ତୁମ ପାଦଶବ୍ଦ ଶୁଣିବାକୁ
ନ ଚାହିଁ ଚାଲୁ ଏ ଜୀବନ ଚକ୍ର
ଭୋଗାଭୋଗ ସାରିବାକୁ ।।


꩜꩜

**ପୁଷ୍ପାଞ୍ଜଳି ପଣ୍ଡା,** ଯାଜପୁର, ପରିସଂଖ୍ୟାନ ଅଧିକାରୀ, ଯୋଜନା ଓ ସଂଯୋଜନା ବିଭାଗ, ଓଡ଼ିଶା ସରକାର । ଏକାଧାରରେ ଜଣେ କବୟିତ୍ରୀ, ଗାଳ୍ପିକା, ସଂଯୋଜିକା । ପୁସ୍ତକ ସଂଯୋଜନା: "କବିତା ୨୦୨୦"; କବିତା ସଙ୍କଳନ: "ବିଭୋର ହେବାର ବେଳା"ଏବଂ ଅନେକ ଇ-ପୁସ୍ତକର ରଚୟିତା । ଓଡ଼ିଶାର ଅନେକ ପତ୍ର ପତ୍ରିକାରେ ଲେଖା ପ୍ରକାଶିତ ।

꩜꩜

# Oasis

## Tanaya Kar



ꝏꝏ

**Tanaya Kar**, Student, Bachelor in Design, National Institute of Fashion Technology (NIFT), Bhubaneswar. She has special interest in creating fashion with traditional Odia art materials.

# ହଳେ ପାଉଁଜି

ଶ୍ରୁତକିର୍ତ୍ତୀ ତ୍ରିପାଠୀ

ଆଜି ସକାଳୁ ଉଠିଲା ପରଠୁ ରିମଝିମ୍ ରାହା ଧରି କାନ୍ଦୁଛି । ତାର ସେଇ ଗୋଟିଏ ଜିଦି, ସେ ଆଜି ବାପାଙ୍କ ସହିତ ତାଙ୍କ କାର୍ଯ୍ୟସ୍ଥଳକୁ ବୁଲିବାକୁ ଯିବ । ବାପା ସବୁଦିନ ସେଇଠିକୁ କେମିତି ଯାଆନ୍ତି, ସେଠି କଣ କରନ୍ତି, ଦେଖି ଆସିବ । ସ୍କୁଲଗୁଡିକରେ ଶୀତଦିନିଆ ଛୁଟି । ତେଣୁ ସ୍କୁଲ୍ ବି ନ ଥାଏ । ମାଆ ଯେତେ ବୁଝେଇଲେ, ଯେତେ କଥା କହି ମନ ଭୁଲେଇବାକୁ ଚେଷ୍ଟା କଲେ ସୁଦ୍ଧା ସେ ଆଜି ନଛୋଡବନ୍ଧା । ବାପା ନିତ୍ୟକର୍ମ ସାରି କାମ ପାଇଁ ବାହାରିଲା ବେଳକୁ ମାଆଝିଅଙ୍କର ଅଳିଅଝଟ ଓ କନ୍ଦାକଟା ଦେଖି ଚିନ୍ତିତ ହୋଇଗଲେ ।

ନଅ ବର୍ଷର ଚପଳମତି ଝିଅ ରିମଝିମ୍ । ଗୋରା ତକତକ କଇଁଫୁଲିଆ ମୁହଁରେ ହରିଣୀ ପରି ଦୁଇଆଖି । ଯିଏ ଦେଖିବ ତାକୁ ଗେଲ କରିବାକୁ ଇଚ୍ଛା ହବ । ରିମଝିମ୍ ଯେଉଁଦିନ ଚାଲିବା ଆରମ୍ଭ କଲା ତା ଜେଜେମା ତାର କୁନିକୁନି ଦୁଇପାଦରେ ହଳେ ପାଉଁଜି ପିନ୍ଧେଇ ଦେଇଥିଲେ । ସେଇ ଦିନଠାରୁ ସେ କେବେହେଲେ ତା ପାଦ ଦୁଇଟିକୁ ଖାଲି ରଖିନି । ସେବେଠୁ ସେଇ ପାଉଁଜିର ଶବ୍ଦ ଭଳି ସାରା ଘରକୁ ସ୍ନେହ ଓ ପ୍ରେମରେ ମୁଖରିତ କରି ରଖିଛି ।

ରିମଝିମର ବାପା ନିଜେ ରହୁଥିବା ଗାଁ ଠାରୁ ୧୦ କି.ମି. ଦୂରରେ ଥିବା ଡାକ୍ତରଖାନାରେ ଡାକ୍ତର । ପ୍ରତ୍ୟେକଦିନ ନିଜର ସ୍କୁଟରରେ ଯିବା ଆସିବା କରନ୍ତି । ସହରଠାରୁ ଦୂର ଗାଁ ଗୁଡିକରେ ରୋଗୀସଂଖ୍ୟା ଯେତେ ଅଧିକ ହୁଅନ୍ତୁ ନା କାହିଁକି ଡାକ୍ତର କିନ୍ତୁ ସେତେବେଳେ (୯୦ ଦଶକରେ) କେବଳ ଗୋଟିଏ । ସେ ପୁଣି ପାଞ୍ଚ ଦଶ ଖଣ୍ଡ ଗାଁ ରେ ଗୋଟିଏ ଡାକ୍ତରଖାନା । ଝିଅକୁ ମନା କରିବାର ଆଉ କୌଣସି ଉପାୟ ନ ପାଇ ସେ ସେଦିନ ତାକୁ ସାଥିରେ ନେବା ପାଇଁ ରାଜି ହୋଇଗଲେ । ଖୁସିରେ ଡିଆଁଟିଏ ମାରି ମାଆ କୋଳରୁ ଓହ୍ଲେଇ ଆସି ତାଳିମାରି ନାଚିବାରେ ଲାଗିଲା ରିମଝିମ୍ । ଶୀଘ୍ର କାମସାରି ବାପଝିଅ ଡାକ୍ତରଖାନା ଅଭିମୂଖେ ବାହାରି ପଡ଼ିଲେ ।

ଘରଠାରୁ କିଛିଦୂର ଗଲାପରେ, ଗୋଟିଏ ଛୋଟ ପୋଲ ପଡେ । ସେହି ପୋଲ ଉପର ଦେଇ ଗଲାବେଳେ ଥଣ୍ଡା ପବନ ବାଜି ରିମଝିମ୍ ଖୁସିରେ କୁରୁଳି ଉଠୁଥାଏ । ଧୀରେ ଧୀରେ ଓସାରିଆ ରାସ୍ତା ସରୁହେବାରେ ଲାଗିଯାଏ । ବେଳେବେଳେ ତ ଜମିର ହିଡ଼ସମ ଓସାରର ରାସ୍ତା ! ପଛରେ ବସି ଡରିଯାଉଥାଏ ସେ । ହେଲେ ବାପାଙ୍କ ନିତିଦିନିଆ ଯିବାଆସିବା ରାସ୍ତା ସେଇଟା । ସେ ଜଣେ ଦକ୍ଷ ଚାଳକ ରୂପେ ଖୁବ ଆରାମରେ ସ୍କୁଟରକୁ ଆଗେଇ ନେଉଥାନ୍ତି । କେତେବେଳେ ଗଛର ଡାଳଟିଏ ଆସି

ତା ମୁଣ୍ଡରେ ବାଜିଯାଉଥାଏ ତ ପୁଣି କେତେବେଳେ ହାତ ପାଆନ୍ତାରେ ପତ୍ରଟିଏ ପାଇ ତାକୁ ଛିଣ୍ଡେଇ ହାତରେ ଆୟତ୍ତ କରି ରଖିନେଉଥାଏ ରିମଝିମ୍ । କେଉଁଠି ଖାଲ, କେଉଁଠି ଉଚ୍ଚା, ପୁଣି ବାଲି ରାସ୍ତାରେ ସ୍କୁଟରର ଗତି ମନ୍ଥର ହେଉଥାଏ ।

ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ଦଶଟା ପରେ । ରୋଗୀଙ୍କ ଭିଡ଼ ଜମିଯାଇଥାଏ । ଅବଶ୍ୟ ଡାକ୍ତରଖାନାର ଅନ୍ୟ କର୍ମଚାରୀମାନେ ପହଞ୍ଚି ସାରିଥାନ୍ତି, କିନ୍ତୁ ସମସ୍ତଙ୍କ ଅପେକ୍ଷା ଡାକ୍ତରଙ୍କୁ । ରିମଝିମକୁ ଅଫିସର ଗୋଟିଏ ଚେୟାରରେ ବସିବାକୁ କହି ବାପା ବ୍ୟସ୍ତ ରହିଲେ ନିଜେ ରୋଗୀମାନଙ୍କ ଚିକିତ୍ସାରେ । କିଛି ସମୟ ବସିଲା ପରେ ରିମଝିମର ମନ ଆଉ ସେଠି ଲାଗିଲା ନାହିଁ । ସେ ଚୁପକିନା ଚେୟାରରୁ ଓହ୍ଲେଇ ବାହାରକୁ ଚାଲିଆସିଲା । ବାହାରେ ଗୋଟିଏ ଗଛତଳେ ପଡ଼ିଥିବା ପଥର ଉପରେ ବସି ଲକ୍ଷ୍ୟ କଲା ପିମ୍ପୁଡିମାନେ ଧାଡିବାନ୍ଧି କିଛି କିଛି ଖାଦ୍ୟ ନେଇ ଗୋଟିଏ ଗାତରେ ପଶିଯାଉଥିବା ଦୃଶ୍ୟ । ଗଛଡାଳରେ ବସିଥିବା ପକ୍ଷୀଦଳ, ନଳକୂଅରୁ ବାହାରି ଜମା ହୋଇଥିବା ପାଣିକୁ ଗାଈଟିଏ ପିଇବା, ଟିକିଟିକି ପିଲାମାନେ ନଳକୂଅର ହ୍ୟାଣ୍ଡେଲ ଉପରେ ବସି ଖେଳିବା, ପରସ୍ପର ଉପରକୁ ପାଣି ପକାପକି ହେବା, ଶଗଡ଼ରେ ବୋଝେଇ ହୋଇ ଯାଉଥିବା କଟାଧାନ, ପକ୍ଷୀଙ୍କ କିଚିରି ମିଚିରି ଶବ୍ଦ; ଏସବୁ ତାକୁ କେତେ ନୂଆ ଲାଗୁଥାଏ । ସବୁଠୁ ତାକୁ ବେଶୀ ଆଶ୍ଚର୍ଯ୍ୟ ଲାଗିଲା, ଅଜଣା ହେଲେ ବି ଯିଏ ତା ସହିତ ଦେଖା ହଉଥାନ୍ତି ନିଜର ଭଳି ଟିକେ ହସି ଦେଉଥାନ୍ତି ତାକୁ ଦେଖି ।

ବିଭୋର ହୋଇଉଠୁଥାଏ ଏସବୁ ପରିବେଶରେ ରିମଝିମ୍ । ବାପାଙ୍କ ଡାକରେ ପ୍ରକୃତିସ୍ଥ ହେଲା ସେ । ପାଖକୁ ଗଲାରୁ ବାପା ତାକୁ ତାରି ବୟସର ଗୋଟିଏ ଝିଅ ସହିତ ଭେଟ କରେଇଦେଲେ । ରେଣୁ, ତା ବାପାଙ୍କ ସହିତ ଆସିଥାଏ । ତିନିଦିନ ହେଲା ତାର ପେଟରେ ଯନ୍ତ୍ରଣା । ଡାକ୍ତରବାବୁ ସବୁ ପରୀକ୍ଷା ନିରୀକ୍ଷା କରି ତାକୁ ଔଷଧ ଦେଇ ସାରିଥିଲେ । ରେଣୁ ରିମଝିମକୁ ଆପାଦମସ୍ତକ ଥରେ ନିରେଖି ଦେଖିଲା, ହେଲେ ତା ଆଖି ଯୋଡିକ ଯାଇ ସ୍ଥିର ହୋଇଗଲା ରିମଝିମର ପାଉଁଜି ହଳକ ପାଖରେ । ଖୁବ ସୁନ୍ଦର ମୀନାକାମ ହୋଇ ସେଥିରେ ଲାଗିଥାଏ ଝୁମୁକା । ସେ ପାଉଁଜି ହଳକର ରୁଣୁଝୁଣୁ ଶବ୍ଦ ରେଣୁକୁ ତା ବଶବର୍ତ୍ତୀ କରିସାରିଥାଏ ।

ରିମଝିମ ପଚାରିଲା, ' କଣ ଦେଖୁଛୁ ରେଣୁ? '

'ପାଉଁଜି ' କେତେ ସୁନ୍ଦର ହେଇଛି ଆମର ଏଇଠି ଏମିତି ମିଳିବନି ! ତମେ କେଉଁଠୁ ଆଣିଛ, ମୋତେ ଟିକେ କହିଲେ ବାପାଙ୍କୁ କହି ମୁଁ ବି ତମ ଭଳିଆ ହଳେ ପାଉଁଜି ପିନ୍ଧିବି ।' ଏକା ନିଶ୍ୱାସରେ ଏତକ କହିଗଲା ରେଣୁ । ପାଉଁଜି ହଳକ ପାଇଁ ତାର ଲୋଭ ତା ଆଖିରେ ବେଶ ବାରି ହୋଇପଡୁଥାଏ, କିନ୍ତୁ କିଛି ମାତ୍ରାରେ ସଙ୍କୋଚ ବି ତାକୁ ଲାଗୁଥାଏ, କିଛି ଭୁଲ କହିଦେଇନି ତ ଆଉ ସେ ରିମଝିମକୁ । ଅଯଥାରେ ପ୍ରଥମ ଦେଖାରେ ନିଜର ଦୁର୍ବଳତା ବିଷୟରେ କାହାକୁ ସେ ଜଣେଇବାକୁ ଚାହୁଁ ନ ଥିଲା ।

ସତ କାଳେ ଧରା ପଡ଼ିଯିବ ବୋଲି ତାର ଆଶଙ୍କା ତା ନିଷ୍ପାପ ଚେହେରାକୁ ମଳିନ କରିଦେଲା କିଛିକ୍ଷଣ ପାଇଁ ।

'ଏଇ ପାଉଁଜି ହଳକ ମୋତେ ଜେଜୀମା ଦେଇଥିଲେ, ମାଆ କହେ ମୁଁ ଚାଲି ଶିଖିବା ଦିନରୁ ଆଜିଯାଏଁ କେବେହେଲେ ମୋ ପାଦ ଦୁଇଟି ପାଉଁଜିଶୂନ୍ୟ ହେଇନି ! ଏମିତିଆ ପାଉଁଜି କେଉଁଠି ମିଳିବ, ମୁଁ ସତରେ କହିପାରିବିନି, ' ରିମଝିମ ନିରାଶାଭରା ସ୍ୱରରେ କହିଲା ।

'ଚାଲୁନୁ ଆମେ ଦୁଇଜଣ ଗାଁ ବୁଲିଆସିବା । ମୋତେ ବହୁତ ଭଲ ଲାଗୁଛି ଏ ଜାଗା । ମୋତେ ଆଉ କଣ କଣ ଅଛି ତମ ଗାଁରେ ଟିକେ ବୁଲେଇକି ଦେଖେଇଦିଅନ୍ତୁନି ?'

ଦୁଇଜଣ ହାତ ଧରାଧରି ହୋଇ ଚାଲିଲେ ଗାଁ ଦେଖିବାକୁ । ପୋଖରୀରେ କଇଁ, କ୍ଷେତରେ ଭଳିକି ଭଳି ପନିପରିବା ଦେଖି ରିମଝିମ୍ କି ଆଉ ଧୈର୍ଯ୍ୟ ଧରେ ! ଦଉଡିଯାଇ ଗଛରେ ପେନ୍ଥା ପେନ୍ଥା ହୋଇ ଝୁଲୁଥିବା ବାଇଗଣ, ବିଲାତି ବାଇଗଣ କୁ ତାର କୁନିକୁନି ହାତରେ ଆଉଁସି ପକାଉଥାଏ । ପତ୍ରକୋବି, ଫୁଲକୋବି, ଗାଜରରେ ଭର୍ତ୍ତି ପଟାଳିଗୁଡିକୁ ଦେଖି ତାର ଆଶ୍ଚର୍ଯ୍ୟର ସୀମା ରହୁ ନ ଥାଏ । କ୍ଷେତ ଜଗିଥିବା ଚାଷୀଟିଏ ତାର ଉତ୍ସାହ ଦେଖି ପାଖକୁ ଆସି ତାକୁ ପଚାରିଲା, 'ମା ତୋଳିବୁ କି ଗୋଟିଏ?'' ଖୁସିରେ 'ହଁ'ଟିଏ ମାରି ଲୋକଟି ପାଖକୁ ଦଉଡି ଆସିଲା ସେ । ମନଭରିକି ଗାଜର, ମୂଳା ନିଜ ହାତରେ ଓପାଡି ବହୁତ ଖୁସି ହେଲା । ବାପା ଯେ ତେଣେ ତାକୁ ଖୋଜୁଥିବେ ସେଇଟା ବି ତାର ମନେ ନାହିଁ । ସୂର୍ଯ୍ୟ କେତେବେଳୁ ଆସି ମୁଣ୍ଡ ଉପରେ । ଆଉଟା ସୁନା ଭଳି ସୂର୍ଯ୍ୟକିରଣ ଦେହକୁ କ୍ଲାନ୍ତ କରିଦେଉଥିଲେ ବି ମନ ତାର ଜମା ହାଲିଆ ହୋଇ ନ ଥାଏ । ରେଣୁ କେତେଥର ଡାକି ସାରିଥାଏ ରିମଝିମକୁ ଡାକ୍ତରଖାନା ଫେରିଯିବା ପାଇଁ, ହେଲେ ସେ କଉଠୁ ଶୁଣୁଛି । ତାର ମନ ଲାଗିଥାଏ ସେହି ବଗିଚା ଓ ଖେତଭର୍ତ୍ତୀ ପନିପରିବା ପାଖରେ ।

ଏଣେ ଏତେ ସମୟ ହେଲା ରିମଝିମକୁ ନ ଦେଖି ବାପା ଭାରି ବ୍ୟସ୍ତ ହେଉଥାନ୍ତି । ପ୍ରଥମ ଥର ଝିଅକୁ ଗାଁକୁ ନେଇଆସିଛନ୍ତି । ଲୋକ, ରାସ୍ତା, ଜାଗା ସବୁ ନୂଆ ଏଠି ତା ପାଇଁ । କୁଆଡେ ଗଲା କିଛି ନ ଜଣେଇ । ସେ ବି ରୋଗୀଦେଖାରେ ଏମିତି ବ୍ୟସ୍ତ ରହିଗଲେ ଯେ ତାକୁ ପାଖରେ ବୁଲାବୁଲି କରି ଶୀଘ୍ର ଫେରିଆସିବାକୁ ତାଗିଦ କରିବା କଥା ସମ୍ପୂର୍ଣ୍ଣରୂପେ ଭୁଲିଯାଇଛନ୍ତି !

ଡାକ୍ତରଖାନାରୁ ପ୍ରାୟ ରୋଗୀଙ୍କ ଭିଡ଼ କମିଆସିଲାଣି । ସଫାସଫି କରିବା ପାଇଁ ନିଯୁକ୍ତ କର୍ମଚାରୀ ତାଙ୍କର କାମରେ ଲାଗିଗଲେଣି । କିଛି ସମୟ ଭିତରେ ଯେ ଯାହାର କାମସାରି ଘରକୁ ବାହାରିବେ । ବାପା ବ୍ୟାଗ ନେଇ ବାହାରିଗଲେ ରିମଝିମକୁ ଖୋଜିବା ପାଇଁ । ସକାଳେ ଛୁଆଟା କଣ ଟିକେ ଖାଇଥିଲା । ବେଳ ଗଡି ଆସି ସୂର୍ଯ୍ୟ ମୁଣ୍ଡ ଉପରେ । ତାକୁ ନିଶ୍ଚୟ ଭୋକ ଲାଗିଥିବଣି । ସଅଳ ସ୍କୁଟର

ଷ୍ଟାର୍ଟ କରି ଗାଁ ଭିତରକୁ ବାହାରିପଡିଲେ ସେ । ଗୋଟିଏ ଚାଳିଆ ହୋଟେଲରୁ କିଛି ଗରମ ପକୋଡ଼ି ଆଉ ଲଙ୍କା ଛଣା କିଣି ରିମଝିମକୁ ଖୋଜିବା ପାଇଁ ବାହାରିବା ବେଳକୁ, ରିମଝିମ୍ ଆଉ ରେଣୁ ହାତ ଧରାଧରି ହୋଇ ତାଙ୍କରି ଆଡ଼କୁ ଆସୁଥାନ୍ତି । ବାପା ବ୍ୟସ୍ତ ହୋଇ କହିଲେ, 'ଏତେ ସମୟ ହେଲାଣି ମାଆ, ତୋତେ ଭୋକ ହବଣି, କୁଆଡେ ଯାଇଥିଲୁ ଯେ ? ମୁଁ କେତେବେଳୁ ତୋତେ ଖୋଜୁଛି ।'

ରିମଝିମ୍ ହସି ହସି କହିଲା ଯେ ତାକୁ ଜମା ଭୋକ ହଉନି । ରେଣୁ ସହିତ ସବୁ ଜାଗା ବୁଲି ଦେଖିବାରେ ତାର ପେଟ ଆଜି ପୂରିଯାଇଛି । ବାପା ରେଣୁକୁ ବି ସାଙ୍ଗରେ ଖାଇବାକୁ ଡାକିଲେ । ଘରୁ ଆଣିଥିବା ମା ହାତ ତିଆରି ଖାଇବା ସହିତ ପକୋଡ଼ି ଓ ଲଙ୍କା ମିଶେଇ ତିନିହେଁ ଖାଇଲେ । ରିମଝିମକୁ ବହୁତ ମଜା ଦେଉଥାଏ ଏହି ଅନୁଭୂତି । ବାପାଙ୍କର ଆହୁରି ଟିକେ କାମ ବାକି ରହିଯାଇଥିଲା । ସେ ରିମଝିମକୁ କହିଲେ ରେଣୁ ସହିତ ତା ଘରେ ବସି ଖେଳିବା ପାଇଁ, କାମ ସରିଲେ ସେ ତାକୁ ଡ଼ାକି ନେଇଆସିବେ । ରିମଝିମର ମନ ବହୁତ ଖୁସି, ଏମିତି ବି ଡାକ୍ତରଖାନା ର ଅଫିସରେ ବସିବା ପାଇଁ ତାର ଜମା ଇଚ୍ଛା ନ ଥିଲା । ଦୁଇ ବାନ୍ଧବୀ ହାତ ଧରାଧରି ହୋଇ ରେଣୁ ଘରକୁ ଖୁସିରେ ଡ଼ିଆଁ ମାରି ଚାଲିଗଲେ ।

ଘରେ ପହଞ୍ଚି ରେଣୁ, ମାଆଙ୍କୁ ରିମଝିମ ସହିତ ଚିହ୍ନା କରି ଦେଲା । ରିମଝିମ୍ ବାପାଙ୍କୁ ତ ଗାଁ'ଟା ସାରା ସମସ୍ତେ ଜାଣନ୍ତି । ଆଜି ତାଙ୍କ ଝିଅ ଆସିଛି ଜାଣି ରେଣୁ ମାଆ ଖୁସିରେ ଖାଇବା ତିଆରିରେ ଲାଗିପଡ଼ିଲେ । ରେଣୁ ଜୋର୍ କରି ରିମଝମକୁ ତାଙ୍କ ରୋଷେଇ ଘରକୁ ନେଇଗଲା । ସେଠି ତା ମାଆକୁ ଦେଖେଇଲା ତାର ସୁନ୍ଦର ପାଉଁଜି ହଳକ । ଆଉ ବାଧ କଲା ତା ପାଇଁ ବି ସେମିତି ହଳେ ଆଣିବା ପାଇଁ । ରେଣୁର ମାଆ କହିଲେ, ଯେ ଏ ଭଳି ପାଉଁଜି ତାଙ୍କ ଗାଁ ରେ ତ ମିଳିବା ଅସମ୍ଭବ । ମାଆ କଥା ଶୁଣି ରେଣୁର ମନ ମରିଗଲା । ତା ମଳିନ ଚେହରାକୁ ଦେଖି ରିମଝିମ୍ ଠିକ ଠଉରେଇ ପାରୁଥାଏ, ଯେ ପାଉଁଜି ହଳକ ପାଇଁ ତା ମନରେ ଅହେତୁକ ସରାଗ । ତା କଥା ଭାବି ସେ ନିରାଶ ହେଇଯାଉଥାଏ । ଏତିକିବେଳେ ବାପାଙ୍କ ସ୍କୁଟର ଆସିରହିବାର ଶବ୍ଦ ରିମଝିମ୍ ଜାଣିପାରିଲା । ରେଣୁ ଠାରୁ ବିଦାୟ ନେବାର ସମୟ ସତରେ ତାକୁ ଖୁବ ବ୍ୟଥିତ କରିଥିଲା । ରେଣୁ ବି ମୁହଁ ଶୁଖେଇ ତାକୁ ହାତ ହଲେଇ ବିଦାୟ ଦେଲା । ଶେଷଥରକ ପାଇଁ ରିମଝିମର ପାଉଁଜି ହଳକୁ ମନ ପୁରେଇ ଦେଖି ନେଉଥାଏ ସେ । କେଜାଣି ପୁଣି କେବେ ତାର ଦେଖାହବ ରିମଝିମ୍ ଆଉ ତା ସୁନ୍ଦର ପାଉଁଜି ହଳ ସହିତ !

ଶୀତଛୁଟି ସରିଯାଇଥିଲା । ସ୍କୁଲ୍ ଖୋଲିଲେ ବିଜ୍ଞାନମେଳା ପ୍ରସ୍ତୁତି ବିଷୟରେ କଣ କଣ ସବୁ କରିବ ଭାବି ଖୁସି ହେଉଥାଏ ରିମଝିମ୍ । ବେଳେବେଳେ ତାକୁ ରେଣୁ କଥା ଖୁବ ମନେପଡେ । ରେଣୁ କଥା ପଡ଼ିଲା ମାତ୍ରେ ସ୍ୱତଃ ମନେପଡେ ତାର ପାଉଁଜି ପ୍ରତି ଥିବା ଦୁର୍ବଳତା କଥା । ସ୍କୁଲ୍ ଖୋଲିବା ଦିନ ପ୍ରାର୍ଥନା ସମୟରେ ପ୍ରଧାନ ଶିକ୍ଷକ ଏକ ବିଶେଷ ଘୋଷଣା କଲେ, ଯାହା ସବୁ ପିଲାଙ୍କ ପାଇଁ ଆଶ୍ଚର୍ଯ୍ୟ ସହିତ ଖୁସି ଆଣିଦେଲା । ସାର୍ କହିଲେ ଯେ ଏଥର ବିଜ୍ଞାନମେଳା କେବଳ ସ୍କୁଲ ପିଲାଙ୍କୁ ନେଇ ନ

ହୋଇ ସେହି ବ୍ଲକ୍ ଭିତରେ ଆସୁଥିବା ସାତ ଗୋଟି ସ୍କୁଲ ପିଲାଙ୍କୁ ନେଇ ହବ । ବିଜ୍ଞାନମେଳା ସେହି ସ୍କୁଲରେ ହବ, ମାତ୍ର ଅନ୍ୟ ଗାଁରୁ ପିଲାମାନେ ତାଙ୍କ ସ୍କୁଲକୁ ଆସିବେ । ପ୍ରତି ପିଲା ଜଣେ ଲେଖାଏଁ ପିଲାଙ୍କୁ ନିଜ ଘରେ ଅତିଥି ରୂପେ ୩ ଦିନ ରଖିବାକୁ ହେବ । ସେଇ ୩ ଦିନ ସେ ଦୁଇଜଣ ମିଶି ଗୋଟିଏ ବିଷୟ ଚୟନ କରି ତା ଉପରେ ମେଳାରେ ବିଷଦ ବିବରଣୀ ଦେବେ । ଏଭଳି କରିବା ଦ୍ୱାରା ତାଙ୍କ ଭିତରେ ମିଳିମିଶି କାମ କରିବା ଗୁଣଟି ବୃଦ୍ଧି ପାଇବ ଏବଂ ଜଣେ ନୂଆ ସାଙ୍ଗ ସହିତ ୩ ଦିନ ରହିବା ଫଳରେ ପିଲାମାନେ ବନ୍ଧୁତା କରିବା ବିଷୟରେ ଅଧିକ ଜାଣିପାରିବେ । ସମସ୍ତଙ୍କୁ ସାରଙ୍କ କଥାଟି ବେଶ୍ ମନ ପାଇଲା । ସବୁ ପିଲା ଅପେକ୍ଷାରେ ରହିଲେ, କେବେ ସେ ଦିନ ଆସିବ !

ନିର୍ଦ୍ଧାରିତ ଦିନ ଆଖପାଖ ସାତୋଟି ଗାଁ ରୁ ସବୁ ପିଲା ଆସିଲେ । ରିମଝିମ୍ ପାଖକୁ କିଏ ଅତିଥି ହେଇ ଆସିବ, ସେ ତା ସହିତ ଭଲରେ ମିଶି ପାରିବ କି ନାହିଁ, ସେଇ ଆଶା ଓ ଆଶଙ୍କା ରେ ତା ମନ ବିଚଳିତ ହେଉଥାଏ । ପ୍ରଧାନ ଶିକ୍ଷକ ରିମଝିମକୁ ତାଙ୍କ ଅଫିସ୍ କୋଠରୀକୁ ଡାକିଲେ । ଏବେ ସେ ଭେଟିବ ତା ଅଜଣା ଅତିଥିକୁ । ଧୀରେ ଯାଇ ସେ ସାରଙ୍କୁ ଭିତରକୁ ଆସିବାର ଅନୁମତି ମାଗିଲା । ସାର୍ ଚିହ୍ନେଇଦେଲେ ତାକୁ ତା ନୂଆ ସାଙ୍ଗ ସହିତ । ହେଲେ ୟେ କଣ ଦେଖୁଛି ସେ, ତା ଆଗରେ ହସ ହସ ମୁହଁରେ ରେଣୁ ଛିଡାହେଇଛି । ରେଣୁକୁ ଆଗରେ ପାଇ ତା ଖୁସିର ସୀମା ରହିଲା ନାହିଁ । ସେ ତା ଆଖିକୁ ବିଶ୍ୱାସ କରି ପାରୁ ନ ଥାଏ । ଭାବୁଥାଏ ମୁଁ ରେଣୁକୁ କଣ ଏତେ ମନେ ପକଉଛି ଯେ ମୋତେ ଆଗରେ କେବଳ ସେ ହିଁ ଦେଖାଯାଉଛି ! ରେଣୁ ଧୀରେ ଆସି ତାକୁ ଛୁଇଁବା ପରେ ହିଁ ସେ ଜାଣିପାରିଲା ଯେ ସ୍ବପ୍ନ ନୁହେଁ ୟେ ସତ ! ଅଫିସରୁ ବାହାରି ଆସି ଦୁହେଁ ଦୁହିଁଙ୍କୁ କୁଣ୍ଢେଇ ପକେଇଲେ । ରିମଝିମ୍ କହିଲା, ଆଉ ଯିଏ ବି ଅସିଥାନ୍ତା ସେ ତାର ସାଙ୍ଗ ହୋଇଥାନ୍ତା ହେଲେ ରେଣୁକୁ ଆଗରେ ଦେଖି ସେ ସବୁଠାରୁ ଖୁସି ଅଛି । ଦୁଇ ସାଙ୍ଗ ଆଗାମୀ ବିଜ୍ଞାନମେଳା ପ୍ରସ୍ତୁତି ଉପରେ ଏବଂ ଏଇ ତିନି ଦିନ କେତେ ମଜା କରିବେ, ତାରି ଉପରେ ଗପି ଚାଲିଥିଲେ ।

ରିମଝିମ୍ ଘରକୁ ଆସି ମାଆଙ୍କୁ ରେଣୁ ସହିତ ଚିହ୍ନା କରେଇଦେଲା । ଗାଁରୁ ଆସିବା ପର ଠାରୁ ରିମଝିମ କେମିତି ସବୁବେଳେ ରେଣୁ କଥା କହୁଛି, ମାଆ କହିଲେ । ସମସ୍ତେ ମିଶି ଖୁବ ହସିଲେ । ରେଣୁ ଆସି ରିମଝିମ ଘରେ ରହିବା ଭଗବାନଙ୍କ ଗୋଟିଏ ସଂଯୋଗ ଏବଂ ଏହା ସେମାନଙ୍କ ଭିତରେ ଥିବା ବନ୍ଧୁତାକୁ ଆହୁରି ଦୃଢ଼ କରିବ ବୋଲି ମାଆ କହିବା ପରେ ଦୁହେଁ ହସି ମାଆଙ୍କ କଥାକୁ ସମର୍ଥନ କଲେ ।

ଚାହୁଁ ଚାହୁଁ ତିନି ଦିନ ଚାଲିଗଲା । ସ୍କୁଲରେ ମେଳା, ଘରକୁ ଆସିଲେ ଖଟି, ଗପ, ମଜାକଥାରେ କେମିତି ସମୟ ସରିଗଲା ଦୁହେଁ ଜାଣି ପାରିଲେ ନାହିଁ । ରେଣୁ ଆଉ ରିମଝିମ କରିଥିବା ବିଷୟଟି ବ୍ଲକ୍ ସ୍ତରରେ ପୁରସ୍କୃତ ମଧ୍ୟ ହେଲା । ଦୁହେଁ ମାନପତ୍ର ଏବଂ ଟ୍ରଫି ନେଇ ଆସି ଘରେ ଦେଖେଇଲେ । ଦୁହିଁଙ୍କ ଯୋଡିକୁ ବିଦ୍ୟାଳୟ ସମେତ ପୁରା ଗାଁ ରେ ସମସ୍ତେ ପ୍ରଶଂସା କରୁଥାନ୍ତି ।

ଆଜି ରେଣୁ ତା ଘରକୁ ଫେରିଯିବ । ପ୍ରଧାନ ଶିକ୍ଷକ କହିଛନ୍ତି ପୁଣିଥରେ ସେମାନେ ସ୍କୁଲରୁ ନିଜ ନିଜ ଅଭିଭାବକ ମାନଙ୍କ ସହିତ ଘରକୁ ଫେରିବେ । ରିମଝିମକୁ କାନ୍ଦ ମାଡୁଥାଏ । ରେଣୁ ସହିତ ବିତେଇଥିବା ସମୟକୁ ମନେ ପକେଇ ସେ ଉଦାସ ହେଇଯାଉଥାଏ । ମାଆ ରେଣୁ ପାଇ ବାଦାମ ଲଡୁ, ରାଶି କୋରା, ଆରିଷା, ମୁଢ଼ି ମୁଆଁ ତିଆରି କରି ସଜାଡ଼ି ଦେଇଥାନ୍ତି । ଛୁଟିଦିନ ଦେଖି ଉଭୟେ ପୁଣି ଭେଟ ହେବେ ବୋଲି ପରସ୍ପରକୁ ପ୍ରତିଶ୍ରୁତି ଦେଉଥାନ୍ତି । ଉଭୟେ ସ୍କୁଲରେ ପହଞ୍ଚି ସାର୍ କହିବା ଅନୁଯାୟୀ ପରସ୍ପରକୁ ମେଲାଣି ଦେଲେ । ଦୁହିଁଙ୍କ ମୁହଁ ଶୁଖିଲା, କେହି କାହାକୁ କଥା କହୁ ନ ଥାନ୍ତି । କଣ କଥା ହେବେ, ପାଟିରୁ ଶବ୍ଦ ବାହାରୁ ନାହିଁ । କେବଳ ଛଳଛଳ ଆଖିରେ ଦୁହେଁ ଦୁହିଁଙ୍କୁ ବିଦାୟ ଦେଲେ ।

ତିନିଦିନର ବିଜ୍ଞାନମେଳା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ପରେ ପିଲାମାନଙ୍କୁ ଗୋଟିଏ ଦିନର ବିରତି ଦିଆଯାଇଥିଲା । ରେଣୁ ଗଲା ପରେ ରିମଝିମ୍ ଗୁମ୍ ମାରି ଆସି ଖଟରେ ଶୋଇଥାଏ । ମାଆ ଜାଣିଲେ ତା ମନ ଭାରି ଦୁଃଖ, ତଥାପି ତାକୁ ବୁଝେଇବା ପାଇଁ କହିଲେ, 'କେତେବେଳୁ ତୁ ଆସି ଏମିତି ଚୁପ୍ ହୋଇ ବସିଛୁ । ମୁଁ ତ ଜାଣିପାରିଲି ନାହିଁ ତୋ ଆସିବା । ତୁ ଆସିଲାମାନେ ତୋ ପାଉଁଜି ଶବ୍ଦରେ ଘର ମୁଖରିତ ହୋଇଉଠେ, ଆଜି କେମିତି ଜଣା ପଡ଼ିଲା ନାହିଁ କିଛି?' ଏତକ କହି ମାଆ ରିମଝିମ୍ ପାଦକୁ ଅନେଇଲା ବେଳକୁ ତା ପାଦରେ ତା ପାଉଁଜି ହଳକ ନ ଦେଖି ଚମକି ପଡ଼ିଲେ । 'ହଜିଗଲା କି ମାଆ ତୋ ପାଉଁଜି ହଳକ, କାଇଁ ଦେଖୁନି ତ ତୋ ପାଦରେ ?' ମାଆ ପଚାରିଲେ ।

ଡରି ଡରି ରିମଝିମ୍ କହିଲା, 'ମାଆ ମୋତେ କ୍ଷମା କରିବେ, ମୁଁ ତମକୁ ନ କହି ଗୋଟିଏ କାମ କରିଛି ।' ମାଆ ତା ମୁଣ୍ଡ ଆଉଁଶି ତାକୁ ନିର୍ଭୟରେ ସବୁ କହିବା ପାଇଁ କହିଲେ ।

'ସବୁବେଳେ ରେଣୁ ପାଉଁଜି ହଳକ ବିଷୟରେ ପଚାରେ, କିନ୍ତୁ ଏଥର ଗଲାବେଳେ ସେ କିଛି କହିଲା ନି, କାରଣ ୟା ଭିତରେ ଆମେ ଦି ଜଣ ବହୁତ ଭଲ ସାଙ୍ଗ ହୋଇଯାଇଥିଲୁ । କାଳେ ମୁଁ କଣ ଭାବିବି ବୋଲି, ସେ ଭାବୁଥିବ । ହେଲେ ମୁଁ ଜାଣିଛି ତାର ସେ ପାଉଁଜି ପ୍ରତି କେତେ ସରାଗ ଥିଲା । ମୁଁ ତମକୁ ନ ପଚାରି ତାକୁ ଜୋର୍ କରି ମୋ ପାଉଁଜି ହଳକ ଦେଇଆସିଛି ମାଆ । ଜାଣିଛି ଜେଜେମା ଦେଇଥିଲେ ସେ ପାଉଁଜି, ଆଉ ଆଜି ଯାଏଁ ମୋ ପାଦ ଦୁଇଟି କେବେ ପାଉଁଜିଶୂନ୍ୟ ହୋଇନି । ବାପା ଜାଣିଲେ ରାଗିବେ, କିନ୍ତୁ ରେଣୁକୁ ମୋ ତରଫରୁ ୟା'ଠାରୁ ବଡ଼ ଉପହାର ବୋଧେ ଆଉ କିଛି ହୋଇ ନ ଥାନ୍ତା । ତମେ ବାପାଙ୍କୁ କହିବ ସେ ମୋତେ ରାଗିବେନି । '

ରିମଝିମ୍ କଥା ଶୁଣି ମାଆ ଆଶ୍ଚର୍ଯ୍ୟରେ ତାକୁ କୋଳେଇ ନେଲେ । ଏତେ ଅଳ୍ପ ବୟସରୁ ପିଲାଟା ଭିତରେ ଏତେ ସମ୍ବେଦନଶୀଳତା ଦେଖି ଗର୍ବ ଓ ଗୌରବରେ ତାଙ୍କୁ କୋଟିନିଧି ପାଇଲା ପରି ଲାଗୁଥାଏ । ତାକୁ ବୋଧ ଦେଉ ଦେଉ ସେ କହିଲେ, 'ତୋ ସାଙ୍ଗ ରେଣୁକୁ ପାଉଁଜି ଦେଇ ତୁ ତୋ

ବନ୍ଧୁତ୍ୱର ପରାକାଷ୍ଠା ଦେଇଛୁ । ବାପା ଏହି କଥାରେ ରାଗିବେନି ବରଂ ନିଜ ଦାୟିତ୍ୱବାନ ଝିଅ ପାଇଁ ଗର୍ବ ଅନୁଭବ କରିବେ । ତୁ ଜମା ବ୍ୟସ୍ତ ହ ନା ।' ମାଆଙ୍କ ଠାରୁ ଆଶ୍ୱାସନା ପାଇ ରିମଝିମକୁ ବହୁତ ହାଲୁକା ଅନୁଭବ ହେଲା । ସେ ନିଶ୍ଚିନ୍ତ ହୋଇ ମାଆଙ୍କ କୋଳରେ ହିଁ ଶୋଇପଡ଼ିଲା ।

ପରଦିନ ସକାଳେ ମାଆଙ୍କ ମମତାବୋଳା ସ୍ପର୍ଶରେ ତା ନିଦ ଭାଙ୍ଗିଲା । ନିଦରୁ ଉଠି ପାଉଁଜି ଶବ୍ଦ ଶୁଣି ସେ କବାଟ ଆଡେ ଅନେଇଲା । କ୍ଷଣିକ ପାଇଁ ତାକୁ ଲାଗିଲା, ରେଣୁ ଆସିଯାଇଛି କି ! ୟେ ତ ସେଇ ପାଉଁଜିର ଶବ୍ଦ ଭଳି ଲାଗୁଛି । ଖୁସିରେ ଗଦଗଦ ହୋଇ ସେ ମାଆ ଙ୍କୁ ପଚାରିଲା, "ମାଆ, ରେଣୁ, ରେଣୁ ଆସିଛି ବୋଧେ । ଦେଖ ସେଇ ପାଉଁଜିର ସ୍ୱର ! ଠିକ ସେତେବେଳେ ବାପା ହାତରେ ହଳେ ନୂଆ ପାଉଁଜି ଧରି ରିମଝିମ୍ ପାଖକୁ ଆସିଲେ । ସ୍ନେହରେ ତା ପିଠି ଥାପୁଡ଼େଇ କହିଲେ, 'ମୋ ସୁନା ଝିଅ ଏତେ ବଡ଼ କାମ କରିଛି, ତା ପାଇଁ ଏ ହେଉଛି ଏକ ଛୋଟ ଉପହାର !' ରିମଝିମ୍ ଖୁସିରେ ପାଉଁଜି ହଳକ ପାଦରେ ପିନ୍ଧୁ ପିନ୍ଧୁ କହିଲା, 'ବାପା ତୁମର ଏ ଉପହାର ମୋତେ ବହୁତ ଖୁସି ଦେଲା, କିନ୍ତୁ ସତ କହିବି ଯଦି ଏ ନୂଆ ପାଉଁଜିର ଶବ୍ଦ ଅପେକ୍ଷା ମୋ ସାଙ୍ଗ ରେଣୁର ଉପସ୍ଥିତି ମୋତେ ଆହୁରି ଅଧିକ ଖୁସି ଦେଇଥାନ୍ତା ।

ꝏꝏ

**ଶ୍ରୁତକିର୍ତ୍ତୀ ତ୍ରିପାଠୀ,** ଭୁବନେଶ୍ୱର, ପତ୍ରପତ୍ରିକାରେ ଗଳ୍ପ ଓ କବିତା ପ୍ରକାଶିତ । ସାହିତ୍ୟକୁ ଭଲ ପାଉଥିବା ଏକ ସରଳ ମଣିଷ ଭାବେ ନିଜକୁ ବିବେଚନା କରନ୍ତି । ନୂତନ ସୃଷ୍ଟି ମାଧ୍ୟମରେ ସମାଜରେ କିଛି ପରିବର୍ତ୍ତନ ପାଇଁ ଚେଷ୍ଟିତ । ଗଳ୍ପ, କବିତା, ପ୍ରବନ୍ଧ, ଶିଶୁ ସାହିତ୍ୟ ଲେଖନ୍ତି । ଗଳ୍ପ ସଂକଳନ: 'ରଙ୍ଗ ତୂଳୀର ଜୀବନ' ।

ꝏꝏ

ସୃଜନ
SRUJAN
The Creativity Journal

# ସୁପ୍ତ ସାବିତ୍ରୀ

**ସ୍ୱାଗତିକା ସେଠୀ**

ରାବଣ ସାଧୁର ଆବରଣ ତଳୁ ବାହାରି ଆସିଲା । ବିକଟାଳ ହସରେ ଛାତି ଥରାଇ ଦେଇ ତା' ବୀରପୁଙ୍ଗବ ହାତରେ ଦେବୀ ସୀତାଙ୍କ ସୁକୋମଳ ହାତକୁ ମୁଠାଇ ଧରିଲା । ତାଙ୍କୁ ପୁଷ୍ପକ ବିମାନରେ ବସାଇ ତା' ସ୍ୱର୍ଣ୍ଣପୁରୀ ଲଙ୍କାକୁ ନେଇଯିବ । ହାଃ... ଜାନକୀଙ୍କ ବିନତୀ, କରୁଣ ହୃଦୟ ବିଦାରକ କ୍ରନ୍ଦନ ଏ ପାଷାଣ ରାବଣକୁ ଦୋହଲାଇ ପାରିଲାନି । କିଏ ତାଙ୍କୁ ଏ ପାପି ରାବଣ କବଳରୁ ବଞ୍ଚେଇବ ? କିଏ ଶୁଣିବ ତାଙ୍କ ଗୁହାରି ? ଶ୍ରୀରାମ ଯେ ତାଙ୍କ ପାଇଁ ସୁବର୍ଣ୍ଣ ମୃଗ ସନ୍ଧାନରେ ଯାଇଛନ୍ତି । ଜାନକୀଙ୍କ ବିକଳ କାନ୍ଦଣା, "ହେ ବନଗିରି, ହେ ଲତା ଗିରି ମୋ କାନ୍ତ ଗଲେ ମୃଗ ମାରି । ହେ ବନ ଗିରି..."

ସାବି ଆଖିରେ ଆଖିଏ ଲୁହ । ତାକୁ ଆଉ କିଛି ଦିଶୁନଥିଲା । ଚଉତରା ଚାରିପଟେ ଟଙ୍ଗା ହୋଇଥିବା ଡେ ଲାଇଟ୍ ଆଲୁଅ ତା' ଲୁହଭର୍ତ୍ତି ଆଖିକୁ ଆହୁରି ଜଳକା କରି ଦେଉଥିଲା । ହୃଦୟ କୋରି ହୋଇ ଯାଇଥିଲା । 'ନାରଣ ଭାଇ କାହିଁକି ଆସି ଯାଉନି କେଜାଣି ଏବେ ସୀତାଙ୍କୁ ଉଦ୍ଧାର କରିବା ପାଇଁ?' ସାବିକୁ ନାରଣ ଭାଇ ଉପରେ ଭାରି ରାଗ ଲାଗୁଥିଲା । 'ଓଃ! ସୀତା କେତେ କଷ୍ଟ ପାଇବେ । ସେ ସୀତା ହୁଅନ୍ତୁ ଅବା ସାଧାରଣ ନାରୀଟିଏ, ନାରୀର ଭାଗ୍ୟ ଯେ ସବୁବେଳେ ନିଜ ଉଦ୍ଧାର ପାଇଁ କେଉଁ ଏକ ପୁରୁଷକୁ ଅନାଇ ରହିଥିବ ।'

"ଆଲୋ ସାବି, କ'ଣ ଘରକୁ ଯିବୁନି କି ? ଖୁଡି ପରା କେତେବେଳୁ ଡାକିଲେଣି ।" ମକର ଡାକରେ ସାବିର ଚେତା ପଶିଲା ।

ସତରେ ରାମଲୀଳା କେତେ ବେଳୁ ସରିଗଲାଣି । ଲାଇଟ୍ ଖୋଲା ହେଲାଣି, ଆକାଶରେ କୁଆଁତାରା ଦିଶିଲାଣି, ଲୋକେ ଘରମୁହାଁ ହେଲେଣି । ତର ତର ହୋଇ ସାବି ଯିବା ପାଇଁ ଉଠି ପଡିଲା । ସାବିର ସବୁବେଳେ ସେଇ ଏକା କଥା । ଏଇ କିଛି ବର୍ଷ ହେଲା ତା'ର କ'ଣ ହୋଇଛି କେଜାଣି ଯେବେ ମଧ୍ୟ ରାମଲୀଳା ଦେଖେ, ସୀତାହରଣଠାରେ ସେ ଅଟକି ଯାଏ । ଆଉ ଆଗକୁ ଯାଇ ପାରେନା, ସେଇଠି ସେ ବୈଦେହୀ ପାଲଟି ଯାଏ । କ'ଣ ହେବା କଥା, କ'ଣ ହୋଇ ପାରିଥା'ନ୍ତା, ଏଇସବୁ ଭାବନା ଜାଲରେ ଛନ୍ଦି ହୋଇଯାଏ । ଆଉ କେତେବେଳୁ ଶ୍ରୀରାମଙ୍କ ଲଙ୍କା ବିଜୟ ସରି ସୀତା ଉଦ୍ଧାର ମଧ୍ୟ ହୋଇ ଯାଏ ।

ପହଲି ରଜରେ ରାମଲୀଳାର ପ୍ରଥମ ଭାଗ ଶ୍ରୀରାମଙ୍କ ଲଙ୍କା ବିଜୟ, ସଂକ୍ରାନ୍ତି ଦିନ ଶେଷପାଳି ବୈଦେହୀଙ୍କ ପାତାଳୀ ଓ ଶେଷରଜ ଦିନ ଠିଆପାଲା । ଏଇ ଗ୍ରାମ୍ୟ ଜୀବନରେ ଯେଉଁ କେତୋଟି ପର୍ବପର୍ବାଣୀ ପାଳିତ ହୁଏ ସେସବୁ ଭିତରୁ କିଶୋରୀ ସାବିତ୍ରୀ ବା ସାବିକୁ ରଜ ପର୍ବ ସବୁଠାରୁ ବେଶି

ଆନନ୍ଦ ଦେଇଥାଏ । ଏଥିରେ ଝିଅବୋହୂଙ୍କୁ କାମ କରିବା ମନା । ଖାଲି ନୂଆଲୁଗା ପିନ୍ଧି, ସଜ ହୋଇ, ପିଠା, ପାନ ଖାଇ ଦୋଳି ଖେଳିବା କଥା । ଆଉ ଏଇ ଦୁଇବର୍ଷ ହେଲା ରଜ ସାବି ପାଇଁ ହୋଇ ଯାଇଛି ଆହୁରି ଆନନ୍ଦ ଦାୟକ ।

ସାବି ଛୋଟବେଳୁ ରାଧୁଆ ମଉସାଙ୍କୁ ରାମ ହେବାର ଦେଖି ଆସୁଥିଲା । ବୟସ ହେବାରୁ ରାଧୁଆ ମଉସା ଆଉ ରାମଙ୍କ ପରି ବାଣ ମାରି ପାରିଲେ ନାହିଁ । ସେଥି ପାଇଁ ଏଇ ଦୁଇ ବର୍ଷ ହେଲା ନାରଣ ଭାଇ ରାମ ହେଉଛି ।

ନାରଣର ବଳି ଜୁଆନ ଚେହେରା । ରାମ ହେଲାବେଳେ ସେ ଯେତେବେଳେ ମୁହଁରେ ରଙ୍ଗ ମାରି, ମୁଣ୍ଡରେ ଚିତା ଟାଣି, ଗାଲରେ ଜରି ଗୁଣ୍ଡ, ଆଖିରେ କଜଳ, ଓଠରେ ଅଳତା ଲଗାଇ ଡେ' ଲାଇଟ୍‌ରେ ଉଦ୍‌ଭାସିତ ମନ୍ଦିର ଚଉତରାରେ ଯେତେବେଳେ ପ୍ରବେଶ କରେ ସେତେବେଳେ ଗାଁରେ ଧର୍ନୁଧାରୀ ଶ୍ରୀରାମ ଅବା ଉଭା ହୁଅନ୍ତି । ଗାଁର ସମସ୍ତ ବୁଢା,  ମାଇପିଏ ଯୋଡହସ୍ତ ମୁଣ୍ଡରେ ଲଗାଇ ହୁଳହୁଳି ଦିଅନ୍ତି । ଆଉ ମନେ ପକାନ୍ତିନି ରାଧୁଆ ମଉସାର ସେ ରାମ ଅବତାରକୁ । ନାରଣ ଚକାମଡି ବସିପଡେ ଗାଁ ଲୋକଙ୍କ ହୃଦୟରେ ।

ସେ ସନ ରାମ ଅବତାରୀ ନାରଣ ଭାଇ ମାରିଚକୁ ଶର ବିନ୍ଧିଲା ବେଳେ ଶରବିଦ୍ଧ ହୋଇ ଯାଇଥିଲା ସାବି । ତା'ପରେ ଥରେ ଆମ୍ବତୋଟାରୁ ଫେରିବା ବାଟରେ ନାରଣ ଭାଇ ସହ ଦେଖା ହୋଇ ଯାଇଥିଲା । ନାରଣ ଭାଇ ତାକୁ କଣେଇ କଣେଇ ଦେଖୁଥିଲା । "ପକାନା ଆଉ ନଜର ଚୋରା, ଆରେ ଟୋକାଟା ଭାରି ଥୋବରା..." କହି ମକର ଲାଜରେ ଝାଉଁଳି ପଡିଥିବା ସାବିକୁ ଚିମୁଟି ପକାଇଥିଲା । ସେଦିନ ଦୁଇ ମକରଙ୍କ ହସ ଆମ୍ବତୋଟାକୁ ପଲ୍ଲବିତ କରି ଦେଇଥିଲା ।

ସାବି ଏବେ ଗାଁ ଆରମୁଣ୍ଡ କୂଅକୁ ପାଣି ଆଣିବାକୁ ଯାଉଛି । ବୋଉକୁ ଜଣାଇ ଦେଇଛି, 'ଏ କୂଅ ପାଣି ତଳକୁ ଖସି ଗଲାଣି । ସେପଟ କୂଅରେ ଭଲ ପାଣି ।' ଏଥର ନାରଣ ଭାଇ ସାଙ୍ଗେ ସାବିର ଦେଖା ହୋଇଯାଏ କୂଅମୂଳେ, ଆମ୍ବତୋଟାରେ, ମକର ଘରକୁ ଗଲା ବାଟରେ, ଏମିତି କେତେ କେଉଁଠି । ସମସ୍ତଙ୍କ ଆଖି ଅଢୁଆଳରେ ଚାଲେ ସାବି ଓ ନାରଣ ଭାଇର ଚୋରା ପିରତି ଆଖିରେ ଆଖିରେ । ସାବି ଆଖିରୁ ନିଦ ହଜି ଯାଏ । ତା' ପାଇଁ ଦିନ ରାତି ଏବେ ସବୁ ସମାନ । ଖୋଲା ଆଖିରେ ନାରଣ ଭାଇ, ଆଖି ବନ୍ଦ କଲେ ମଧ୍ୟ ସେଇ ନାରଣ ଭାଇ । ପୁନେଇଁ ଜହ୍ନ ତାକୁ ଜଳାଏ । ସେ ପାଲଟି ଯାଏ ବୈଦେହୀ ଓ ହୃଦୟ ତା'ର ଖୋଜି ବସେ ଶ୍ରୀରାମଙ୍କୁ । ପାଟିରୁ ଅଜାଣତରେ ବାହାରି ଆସେ, " ହେ ବନଗିରି, ହେ ଲତା ଗିରି ମୋ କାନ୍ତ..."

ସେଦିନ ଖରା ଢଳି ଆସୁଥିଲା । ଖଳାରେ ବସି ବୋଉ ତେଲ ଲଗାଇ ବେଶ ସୁନ୍ଦର କରି ସାବିର ବେଣୀ ଦୁଇଟିକୁ ଛନ୍ଦି ବାନ୍ଧି ଦେଉଥିବା ବେଳେ ସେ ଧରିଥିବା ଦର୍ପଣରେ ନିଜ ଛବି ଦେଖି ମୁଗ୍ଧ ହେଉଥିଲା । ପାଟିରୁ ତା'ର ବାହାରି ଆସିଲା, "ବୋଉ, ରାମଲୀଳାରେ ସେ ଅଗାଧୁ ଭାଇଟା ସୀତା

ହେଲେ ଜମା ଭଲ ଦିଶୁନି । ମୁଁ ସୀତା ହେଲେ ନାରଣ ଭାଇ ସହ ଭଲ ସାଜିବ ।" ବୋଉର ଆଖି ବଡ ବଡ ହୋଇ ଯାଇଥିଲା । ସାବି ହାତରୁ ଦର୍ପଣଟା ଛଡେଇ ନେଉ ନେଉ ତା' ପିଠିରେ ଆସ୍ତେ ବିଧାଟିଏ ଥୋଇଦେଲା । ଘର ଭିତରକୁ ଯାଉ ଯାଉ କହିଲା, "ମା' ଲୋ ଏ କି ଅଲକ୍ଷଣା କଥା ତୋ ମୁଣ୍ଡରେ? ମାଇକିନା ପିଲା, ଲୋକଙ୍କ ଆଗରେ ମୁହଁରେ ରଙ୍ଗ ଲଗାଇ ନାଟ କରିବ କହୁଛି! ହୋସିଆରି, କେବେ ଯେମିତି ମୁଁ ତୋ ତୁଣ୍ଡରୁ ଏକଥା ଆଉ କେବେ ନଶୁଣେ ।" ବୋଉ ତ ଘର ଭିତରକୁ ଚାଲିଗଲା, ହେଲେ ସେ ସୁନେଲୀ ଖରାରେ ସଦ୍ୟ ଗୋବର ଲିପା ଖଳାରୁ ବିଛାଇ ହୋଇ ପଡିଥିବା ସଜନା ଫୁଲକୁ ସାଉଁଟୁ ସାଉଁଟୁ ବୋଉର କଥାକୁ ବେପରବାୟ କରି ସାବିର ସ୍ୱପ୍ନ ମଧ ସୁନେଲି ହୋଇ ଯାଉଥିଲା ।

ସମସ୍ତେ ଦେଖନ୍ତି ସାବି ଥିବା ସତ୍ତ୍ୱେ କେଉଁ ଆଡେ ହଜି ଯାଇଛି । ପରେ ପରେ ଜଣା ପଡି ଯାଇଥିଲା ହଜିବା ଜାଗାର ଠିକଣା । ବୋଉଠାରୁ ଗାଳିମନ୍ଦ ଶୁଣିଲା । ତଳକୁ ମୁହଁ କରି ଖାଉଥିବା ବାପା ସେ ବାଡିଲା ବେଳେ ତା' ମୁହଁକୁ ଆଉ ଦେଖୁ ନଥିଲେ । କୂଅରୁ ପାଣି ଅଣା କ'ଣ, ପଦାକୁ ବାହାରିବା ଏବେ ତା' ପାଇଁ ନିଷିଦ୍ଧ । ସେ ଏବେ ବନ୍ଦିନୀ ତା' ନିଜ ଘରେ, ଅଶୋକ ବନରେ । ବୈଦେହୀର ହୃଦୟ ବିଳପି ଉଠେ, 'ହେ ବନଗିରି, ହେ ଲତା ଗିରି ମୋ କାନ୍ତ...' ସାବିର ବିଶ୍ୱାସ, ତା' ରାମ ତାକୁ ଉଦ୍ଧାର କରିବା ପାଇଁ ନିଶ୍ଚିତ ଆସିବେ । ମକର ଆସି ଦିନେ ଖବର ଦେଲା, "ନାରଣ ଭାଇ ଚାଲି ଯାଇଛି କଲିକତା ବଡ ଏକ ରାମଲୀଳାରେ ମିଶିବା ପାଇଁ, ପଇସା କମାଇବା ପାଇଁ । ଆଉ ଏସବୁ କରୁଛି ସାବିଲୋ ତତେ ପାଇବା ପାଇଁ ।" ସାବି ବିଶ୍ୱାସରେ ବଳ ପଶିଲା । ତା'ର ରାମ ବୈଦେହୀ ପାଇଁ ସେତୁ ବାନ୍ଧୁଛି ।

ଏ ସନ ରାମଲୀଳାରେ କପିଳ ଭାଇ ରାମ ହୋଇଛି । ସେ କାହୁଁ ତୀର ବିନ୍ଧି ପାରିବ ସାବିର ନାରଣ ଭାଇ ପରି? ରଜ ମଉଜ ସରିଲା । ସାବି ମନରେ ଉତ୍କଣ୍ଠା । ଅପେକ୍ଷା କରିଛି ରଜ ପରେ ତା' ନାରଣ ଭାଇର ଗାଁ ଫେରାକୁ । ବୈଦେହୀ ଆଖି ପାରିଛନ୍ତି ରାମ ତାଙ୍କୁ ଉଦ୍ଧାର କରିବେ ।

ଗାଁ ଲୋକଙ୍କ ମନରୁ ସାବି ଓ ନାରଣ ଭାଇର ଚୋରା ପିରତିକୁ ପୋଛିଦେଇ ଏ ଭିତରେ ତିନୋଟି ରଜ ଚାଲି ଗଲାଣି । ସାବିର କୂଅରୁ ପାଣି ଅଣାକୁ, ଆମ୍ବତୋଟା ଦେଇ ମକର ଘରକୁ ଯିବାକୁ, ପୋଖରୀ କୂଳରେ ବଶିବାକୁ ଆଉ ତା' ବୋଉ ଆକଟ କରୁନି । ଆଗରୁ ଯେମିତି ଥିଲା ସବୁ ସେମିତି ହୋଇ ଯାଇଛି । ହେଲେ ସାବି ପାଲଟି ଯାଇଛି ଅଶୋକ ବନର ସୀତା ।

ପାଣିଗରାକୁ ଅଣ୍ଟାରେ ଜାକି ସେଦିନ ସାବି ଘରକୁ ଫେରିବା ବେଳେ ଗାଁ ନାହକ ତାଙ୍କ ପିଣ୍ଡାରେ ବସି ଖଡିରେ ଗାରସବୁ ଟାଣୁଥିଲା । ବାପା ଓ କକା ଖଣ୍ଡେ ଦୂରରେ ବସି ସେ ଅବୁଝା ଗାରସବୁକୁ ଏକ ଲୟରେ ଅନାଇ ଥିଲେ । ତା'ର ବୋଉ ଏରୁଣ୍ଡି ବନ୍ଧ ପଛରେ କବାଟ କଣରେ ଠିଆ ହୋଇଥିଲା । ସାବିକୁ ଦେଖି ବାରିପଟେ ବୁଲି ଘରକୁ ଆସିବାକୁ ଇଶାରା କରିଥିଲା ।

ଲକ୍ଷ୍ମଣ ରେଖା ତ ହଜି ଯାଇଥିଲା ଗାଁ ନାହାକର ରେଖା ତଳେ, ତେଣୁ ସେ ସନ ଫଗୁଣରେ ସାବି ବିଭା ହୋଇ ମାମୁଁ ଘର ଗାଁ ଆର ପାଖ ଗାଁକୁ ଚାଲି ଯିବାକୁ ବାଧ ହୋଇଥିଲା । ଶଗଡରେ ଶାଶୁଘର ଗଲା ବେଳେ କେତେ ତୋଟାମାଳ, କେତେ ନଦୀଜଳ, କେତେ ଦୂର ପାହାଡ ପଡିଥିଲା । ସାବିର ହୃଦୟ ବିଳପି ଉଠିଲା, 'ହେ ବନଗିରି, ହେ ଲତା ଗିରି ମୋ କାନ୍ତ...'

ଶାଶୁ ଘର ଗାଁରେ ଆମ୍ବତୋଟା, ବଡ ପୋଖରୀ, କୂଅ ସବୁ ଥିଲା । ହେଲେ ସେଇଠି ତା' ନାରଣ ଭାଇର ଚିହ୍ନ ନଥିଲା । ସାବିର ନବବିବାହିତ ସ୍ୱାମୀ ତା' ପାଇଁ ଥିଲା ରାବଣ ଓ ସେ ନୂଆ ଏକ ଅଶୋକ ବନର ସୀତା ପାଲଟି ଯାଇଥିଲା । ତା' ହୃଦୟ ବିଳପି ଉଠୁଥିଲା, 'ହେ ବନଗିରି, ହେ ଲତା ଗିରି ମୋ କାନ୍ତ...'

ବାହାଘର ପ୍ରଥମ ରଜ ଭାର ଧରି ଶାଶୁ ଘରକୁ ସାବିର କକା ଆସିଥିଲେ ଓ ତାକୁ ବାପଘରକୁ ସାଙ୍ଗରେ ନେଇ ଆସିଥିଲେ । ବୋଉ ତା' ଶୁଖିଲା ମୁହଁ ଦେଖି ବାହୁନି ଥିଲା । ସାଇ ପଡୋଶୀ ତାକୁ ଶଙ୍ଖୋଳିବା ପାଇଁ ଆସିଥିଲେ । ତା' ପ୍ରିୟ ମକର ମଧ ଆସିଥିଲା । ବେଳ ଦେଖି ମକର ତା' କାନରେ ଫିସ୍ ଫିସ୍ କରି କେଇ ପଦ ଅମୃତ ବୋଳା କଥା କହି ଦେଇଥିଲା । ସାବିର ଶୁଖିଲା ମୁହଁ ଝଟକି ଉଠିଲା । ସତରେ ତା' ରାମ ତାକୁ ଉଦ୍ଧାର କରିବାକୁ ଆସିଛନ୍ତି । ମକର କହୁଥିଲା, 'ନାରଣ ଭାଇର ଚେହେରା ଏବେ କାଳେ ପୁରା ବଦଳି ଯାଇଛି । ଏବେ ସେ ସବୁଦିନ ପିନ୍ଧୁଛି ଭଳିକି ଭଳି ନୂଆ ଜାମା, ପୁରା ପ୍ୟାଣ୍ଟ । କାନ୍ଧରେ ତା'ର ରଙ୍ଗ ଗାମୁଛା, ଯେଉଁଟା କେବେ ଅଣ୍ଟା ଅବା ମୁଣ୍ଡରେ ଗୁଡା ହୋଇଥାଏ । ହାତରେ ତା'ର ଘଡି ଓ ସବୁବେଳେ କେତେ ଗୀତଗପ କହୁଥିବା ରେଡିଓ । ତା'ର ଏବେ ଢେର୍ ପଇସା । ନାରଣ ଭାଇଘର କାଳେ ତଳ ଡିହରେ ଆଉ ଚାରିମାଣ ଜମି କିଣିଲେଣି ।'

କେବଳ ସେଦିନ ରାତି ନୁହେଁ, ତା' ପର ଦୁଇ ରାତି ମଧ ସାବିର ଆଖିରେ ଆଖିରେ କଟିଥିଲା । ବଡବୋଉ ଖାଇବାକୁ ଡାକିଥିଲା । ସେଇ ସୁଯୋଗରେ ସେଦିନ ଆମ୍ବତୋଟାରେ ନାରଣ ଭାଇ ସହ ତା'ର ଭେଟ ହେବାର ବ୍ୟବସ୍ଥା ମକର କରି ଦେଇଥିଲା । ସତରେ ସାବିର ନାରଣ ଭାଇ କେତେ ବଦଳି ଯାଇଥିଲା । ତା'ର ନୂଆ ରୂପରେ ସେ ନିଆରା ଦିଶୁଥିଲା । ସାବିକୁ ସେ ଆଉ କଣେଇ କଣେଇ ଦେଖୁ ନଥିଲା । ଦେଖୁଥିଲା ଗାଢେଇ ଗାଢେଇ ଲୋଭିଲା ଆଖିରେ ତା' ନବବଧୂ ରୂପକୁ । ସାବି ଲାଜରେ ସଢି ଯାଇଥିଲା । ମକର ସେଠାରୁ କେତେବେଳୁ ଚାଲି ଯାଇଥିଲା ।

ନାରଣ ଭାଇ ସାବି ପାଖକୁ ଲାଗି ଆସି ଚାପା ଗଳାରେ କହିଲା, "ଆଲୋ ତୁ କ'ଣ ମୋତେ ଏ ପର୍ଯ୍ୟନ୍ତ ମନେ ରଖିଛୁ ?" ସାବିର ପାଟି ଫିଟି ନଥିଲା । ନାରଣ ଭାଇ ତା' ମନ କଥା ଠିକ୍ ବୁଝି ପାରିଛି । ତାକୁ ଝାମ୍ପ ମାରିଲା ପରି ତା' ବାହୁ ବନ୍ଧନରେ ବାନ୍ଧି ପକାଇ ନାରଣ ପଚାରିଲା, "ମୋ ସାଙ୍ଗେ କଲିକତା ଯିବୁ?" ଏ ଅତର୍କିତ ସ୍ପର୍ଶ ଓ ପ୍ରଶ୍ନ ସାବିକୁ ସ୍ଥାଣୁ କରି ଦେଇଥିଲା । କିଛି ଶବ୍ଦ ଶୁଣି ପ୍ରକୃତିସ୍ଥ ହେବା ବେଳକୁ ନାରଣ ଭାଇ ସାବି ଆଖି ଆଗରୁ ଅପସରି ଯାଇଥିଲା । ସାମ୍ନାରେ ଥିଲା ବଡବୋଉ ।

ସଦ୍ୟ ବିତି ଯାଇଥିବା ମୂହୁର୍ତ୍ତଗୁଡିକ ସ୍ୱପ୍ନ ନା ବାସ୍ତବ ସାବି ବୁଝିବାକୁ ଚେଷ୍ଟା କରୁଥିଲା ।

ନିର୍ଦ୍ଧାରିତ ନିଶବ୍ଦ ନିଶାର୍ଦ୍ଧ । ସମସ୍ତେ ଗଭୀର ନିଦ୍ରାରେ ଅଚେତନ । ଏଇ ନିଶବ୍ଦତା ମଧ୍ୟରେ ସାବି କେବଳ ତା'ର ଉଠୁଥିବା ପଡୁଥିବା ହୃଦୟର ସ୍ପନ୍ଦନ ଶୁଣି ପାରୁଥିଲା । ଖୁବ୍ ସନ୍ତର୍ପଣରେ ସେ ଘରୁ ଗୋଡ କାଢିଲା । ଚତୁର୍ଦ୍ଦଶୀ ଜହ୍ନ ଆଲୁଅରେ ସେ ତା' ମୁକ୍ତିର ପଥକୁ ବେଶ୍ ସ୍ପଷ୍ଟ ଦେଖି ପାରୁଥିଲା । ପୋଖରୀ ହୁଡାରେ ତା' ନାରଣ ଭାଇ ଠିଆ ହୋଇଥିଲା ।

ସତେ ଅବା ପୁଷ୍ପକ ବିମାନରେ ସାବିର ରାମ ତାକୁ ନୂଆ ଏକ ରାଜ୍ୟକୁ ଉଡାଇ ନେଇଗଲା । କି ସୁନ୍ଦର ଅନୁଭୂତି! ପ୍ରଥମ ଥର ପାଇଁ ରେଳ ଚଢା ଓ ତା' ପରେ ଏତେ ଗାଡି ମଟର, ମେଳା ପରି ଜନଗହଳ ସହର । ଚାରିଆଡେ ଏତେ ଆଲୁଅ ଯେ ରାତି ମଧ୍ୟ ଦିନର ଭ୍ରମ ଶୃଷ୍ଟି କରୁଥିଲା । ଏସବୁରେ ସାବିର ଆଖି ଜଳକା । ସେ ମନେ ମନେ ମକରକୁ କୃତଜ୍ଞତା ଜଣାଇଲା ।

ପରେ ସରୁ ସରୁ ଗଳିକନ୍ଦି ଦେଇ ନାରଣ ଭାଇ ସାବିକୁ ଏକ ଦୁଇ ମହଲା ଘର ଆଗରେ ନେଇ ପହଞ୍ଚାଇ ଦେଲା । ସାବିର ଆୟତ୍ତ ଆଖି ଆହୁରି ବିସ୍ଫୋରିତ ହୋଇଗଲା । କେତେ ଯେ ସ୍ତ୍ରୀ ଲୋକ, ଝିଅ ଚିକିମିକିଆ ଲୁଗା ପିନ୍ଧି, ଆଖିରେ କଜଳ, ମୁହଁରେ ରଙ୍ଗ, ଓଠରେ ଅଳତା ଲଗାଇ ବୁଲୁଥିଲେ । "ବଡ ସହର । ରାମଲୀଳା, ଭରତ ଲୀଳା ଏଇଠି ସବୁବେଳେ ଚାଲିଥାଏ । ତେଣୁ ଏତେସବୁ କଳାକାର ।" ନାରଣ ଭାଇ ସାବୁକୁ ବୁଝାଇ ଦେଲା । ସାବି ଜାଣିଥିଲା, ଯେତେ ଯିଏ ଥିଲେ ମଧ୍ୟ ସେ ହିଁ ହେବ ରାମଲୀଳାରେ ନାରଣ ଭାଇର ସୀତା ।

ପାହାଚ ଦେଇ ଉପରମହଲାକୁ ଗଲାବେଳେ ସାବିକୁ ଅସହଜ କରି କେତେ ଆଖି କେତେ ପ୍ରକାରେ ତାକୁ ପରଖି ନେଉଥିଲେ । କୋଠରୀର ତାଲା ଜଣେ ପୃଥଳକାୟ ମହିଳା ହସି ହସି ଖୋଲୁଥିଲେ । ନାରଣ ଭାଇ ଚିହ୍ନାଇ ଦେଇଥିଲା, "ଏ ହେଲେ ମାସୀ ମା' । ଏଠାରେ ଏହାଙ୍କ କଥା ମାନି ଚଳିବାକୁ ହୁଏ ।" ସାବି ସେ ମାସୀ ମା'ଙ୍କୁ ମୁଣ୍ଡିଆ ମାରିଥିଲା । ତା' ପରେ ତାଙ୍କ କୋଠରୀ ଦରଜା ନାରଣ ଭାଇ ଭିତର ଆଡୁ ବନ୍ଦ କରି ଦେଇଥିଲା ।

ଅଜଣା ମୂଲକ, ଅବୁଝା ଭାଷା, ଅଜବ ଚାଲିଚଳଣିକୁ ସାବି ବୁଝିବା ପୂର୍ବରୁ, ସେମାନେ ପହଞ୍ଚିବାର ଦୁଇ ଦିନ ପରେ ନାରଣ ଭାଇ ତାକୁ ସେଇ ମାସୀ ମା' ଜିମା ଦେଇ କେଉଁ ଏକ ରାମଲୀଳା ପାଇଁ ଗଲା ବୋଧେ । ସାବି ଏ ଅଜଣା ମୂଲକରେ ପୁଣି ଏକା ହୋଇଗଲା ।

କିଛିଦିନ ପରେ ମାସୀ ମା' କେଉଁ ଅଜଣା ଲୋକ ପାଖକୁ ସାବିକୁ ଯୋର୍ କରି ପଠାଇବାକୁ ଚଷ୍ଟୋ କରିଥିଲା । ସାବିର ପ୍ରତିରୋଧ, କାକୁତି ମିନତୀ, ହୃଦୟ ବିଦାରକ କାନ୍ଦ ସେଇ ନିବୁଜ କୋଠରୀର କାନ୍ଥରେ ଧକ୍କା ଖାଇ ପୁଣି ତା' ପାଖକୁ ଫେରି ଆସିଥିଲା ।

ସାବି ଶାଶୁଘରେ ଗୋଟେ ରାବଣ ଥିଲା, ତା' ସ୍ୱାମୀ । ହେଲେ ଏଠାରେ ଥିଲେ ଅନେକ ରାବଣ ।

କୁଆଡେ ଗଲା ତା'ର ରାମ? ତା' ଉଦ୍ଧାର ପାଇଁ କାହିଁକି ଆସି ଯାଉ ନଥିଲା? ତା' ହୃଦୟ ବିଳପି ଉଠୁଥିଲା, 'ହେ ବନଗିରି, ହେ ଲତା ଗିରି ମୋ କାନ୍ତ...'

ଏଠିକା ଭାଷା ସାବି ପାଇଁ ଦୁର୍ବୋଧ ଥିଲା । ସେ ମାସୀ ମା'ର କଥା ଓ ହାବ ଭାବରୁ ଠଉରାଇ ପାରିଥିଲା ଯେ ନାରଣ ଭାଇ ଆଉ ଫେରିବନି । ସେ ଏ ମାସୀ ମା' ପାଖରେ ବିକ୍ରି ହୋଇ ଯାଇଛି । ଶ୍ରୀରାମ ପ୍ରଜା ବତ୍ସଳତା ପାଇଁ ସୀତା ଦେବୀଙ୍କୁ ବାଲ୍ମିକୀଙ୍କ ଉପବନରେ ଛାଡି ଯାଇଥିଲେ । ହେଲେ ତା' ନାରଣ ଭାଇ କାହାର ମଙ୍ଗଳ ପାଇଁ ତାକୁ ଏ ସୁନାଗୋଛିରେ ଛାଡି ଦେଇଗଲା?

'ଆରେ ଏ ତ ନାରଣ ଭାଇର ହସ ।' ସାବି ସ୍ୱପ୍ନ ଦେଖିଲା ପରି ବିଳି ବିଳେଇ ଏଣେ ତେଣେ ଦରାଣ୍ଡି ହୋଇ ଖୋଜି ପକାଇଲା । ନା, ଏହା ସ୍ୱପ୍ନ ନୁହେଁ । ଏଇତ ନାରଣ ଭାଇ ସେଇଠି ମାସୀ ମା' ସାଙ୍ଗେ ଖୁସି ଗପରେ ପୁରା ମଜି ଯାଇଛି । ସାବିର ଚାପି ହୋଇ ରହିଥିବା କୋହସବୁ ଫୁଟି ଉଠିଲା । ସେ ତା' ନାରଣ ଭାଇ ଆଡକୁ ଦଉଡି ଗଲା । ସେତେବେଳକୁ ସେ ମାସୀ ମାଠାରୁ ବିଦାୟ ନେଉଥିଲା ।

ସାବିକୁ ତ ସେ କାହିଁ ଟିକିଏ ଖୋଜିଲାନି କିମ୍ବା ଦେଖା କଲାନି? କଟା କଦଳୀ ଗଛ ପରି କଚ୍ କରି ସାବି ସେଠାରେ କଚାଡି ହୋଇ ପଡିଲା । ଲୁହ ଭର୍ତ୍ତି ଆଖିରେ ଚାଲି ଯାଉଥିବା ନାରଣ ଭାଇର ଛବି ଝାପ୍‌ସା ଦିଶୁଥିଲା । ହେଲେ ତା' ଆଶଙ୍କାସବୁ ସ୍ପଷ୍ଟ ହୋଇ ଯାଇଥିଲା ।

***

ସେଦିନ ହଠାତ୍ ରାତି ଅଧରେ କୋଠାଟିରେ ହଇଚଇ ଖେଳି ଯାଇଥିଲା । ପୋଲିସ୍ ଆସି ମାସୀ ମା', ଗ୍ରାହକ ଓ ଅନ୍ୟ ଦେହଜିବୀଙ୍କ ସହିତ ସାବିକୁ ମଧ୍ୟ ଗାଡିରେ ବସାଇ ଫାଣ୍ଡିକୁ ନେଇ ଆସିଥିଲେ । କେତେ କ'ଣ ଲେଖାପଢା, ପଚରା ଉଚରା ଚାଲିଲା । କେତେ ଜଣଙ୍କ ପରେ ଗୋଟେ କୋଣରେ ଜାକିଜୁକି ହୋଇ ଠିଆ ହୋଇଥିବା ସାବିର ପାଳି ମଧ୍ୟ ଆସିଲା ।

ଏତିକି ଦିନ ଭିତରେ ସେ ଯେଉଁ କେତୋଟି ଅଜଣା ଭାଷାର ଶବ୍ଦ ଜାଣି ପାରିଥିଲା ସେଥିରୁ ସେ ବୁଝି ପାରିଲା, ସେମାନେ ତା' ନାଁ ଗାଁ, ଠିକଣା ଜାଣିବାକୁ ଚାହୁଁଛନ୍ତି । ସତେ ଅବା ତାକୁ ତା' ମୁକ୍ତିର ପଥ ମିଳିଗଲା । 'ବୋଧେ ଏଇ ପୋଲିସ୍ ବାବୁ ତା' ଉଦ୍ଧାର ପାଇଁ ଆଜି ରାମ ହୋଇ ଆସିଛନ୍ତ । ଏବେ ସେ ଏ ଲଙ୍କପୁରୀରୁ ମୁକ୍ତ ହୋଇ ଚାଲିଯିବ ତା' ଗାଁ, ବାପା ମା', ଭାଇବନ୍ଧୁ କୁଟୁମ୍ବଙ୍କ ପାଖକୁ । ଫେରିଯିବ ଗାଁକୁ !!! ଏତେ ସବୁ ପରେ ଏବେ ସେ ଗାଁକୁ ଫେରିଲେ ତାକୁ କ'ଣ ସମସ୍ତେ ପୁଣି ଆପଣେଇ ନେବେ? ବଞ୍ଚିବାର ନୂଆ ସୁଯୋଗଟିଏ ଦେବେ? ନା, ତା' ଭୁଲ୍ ପାଇଁ ପୁରା ପରିବାର ଟାହିଟାପରା, ଲାଞ୍ଛନା, ବାସନ୍ଦର ଶୀକର ହେବ । ସେ କ'ଣ ଏସବୁ ସହ୍ୟ କରି ପାରିବ ? ଧରଣୀ ମା' ସୀତା ଦେବୀଙ୍କ ଦୁଃଖ ସହ୍ୟ କରି ପାରି ନଥିଲେ । ସୀତାଙ୍କୁ ତାଙ୍କ କୋଳରେ ଆଶ୍ରୟ ଦେବା ପାଇଁ ଦୁଇ ଫାଳ ହୋଇ ଫାଟି ଯାଇଥିଲେ । ହେଲେ ସାବିକୁ କେଉଁ କୂଅ, ପୋଖରୀ କିମ୍ବା କୂଅ ଦଉଡି ଫାସରେ ଆଶ୍ରା ଖୋଜିବାକୁ ହେବ?'

ସାବି ତା' ନାଁ କହିଲା, "ସାବିତ୍ରୀ ।" 'ସାବିତ୍ରୀ!!! ସିଏ ତ ନିଜ ପ୍ରଚେଷ୍ଟାରେ ଯମ ରାଜାଙ୍କୁ ପରାସ୍ତ କରି ତାଙ୍କ ମୃତ ସ୍ୱାମୀଙ୍କୁ ଫେରାଇ ଆଣିଥିଲେ । ସେ ତ କାହିଁ କେଉଁ ରାମଙ୍କୁ ଅପେକ୍ଷା କରି ନଥିଲେ । ସେ ମଧ୍ୟ ଆଉ କେଉଁ ରାମଙ୍କୁ ତା' ଉଦ୍ଧାର ପାଇଁ ଅପେକ୍ଷା କରି ପାରିବ ନାହିଁ । ନିଜ ଉଦ୍ଧାର ନିଜେ କରିବ ।'

ଯୋର୍ କରି ମହିଳା କନଷ୍ଟେବଲଟା ସାବିର କାନ୍ଧକୁ ହଲାଇ ଦେଲା । ଭାବନାରୁ ବାସ୍ତବତାକୁ ସେ ଫେରି ଆସିଲା । ପୋଲିସ୍ ବାବୁ ତା' ବୟାନ୍ ନେବାକୁ ଅପେକ୍ଷା କରିଛନ୍ତି । ସାବି ପୁଣି ମୁହଁ ଖୋଲିଲା ।

ooo

**ସ୍ୱାଗତିକା ସେଠୀ ।** ସେ ବକୁଳ ବୃକ୍ଷରୁ ଶିଶୁମାନଙ୍କ ପାଇଁ ପ୍ରକାଶିତ ହେଉଥିବା ପୁସ୍ତକର ସମ୍ପାଦକ ଅଟନ୍ତି । ସେ ଗଳ୍ପ ଲେଖିବା ସହ ଫ୍ୟାଶନ, ପର୍ଯ୍ୟାଟନ ପରି ବିଷୟରେ ଆଲେଖ୍ୟ ମଧ୍ୟ ଲେଖିଥାନ୍ତି ।  ତାଙ୍କର ଗଳ୍ପ ଶଙ୍କଳନ 'କଲର୍ କଲର୍' ପ୍ରକାଶିତ ହୋଇ ସାରିଛି । ସେ ଜଣେ ଫ୍ୟାଶନ୍ ଡିଜାଇନର୍ । ହସ୍ତଶିଳ୍ପ ପାଇଁ ସେ ପ୍ରଡକ୍ଟ ଡିଜାଇଙ୍ଗ୍ ଶିକ୍ଷା ଦିଅନ୍ତି । ସ୍ୱାଗତିକା ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ । ସେ ସମ୍ପ୍ରତି ଭୁବନେଶ୍ୱରରେ ଅବସ୍ଥାନ କରୁଛନ୍ତି ।

ooo

# Something understood

**Ajay Upadhyaya**

Every dog owner knows the benefits of having a dog as a pet. The health benefits come to mind as an obvious first. Walking the dog almost religiously, come rain or shine, or snow, for that matter, imposes a minimum amount of physical activity, a tonic against the toxicity of our sedentary life. The emotional atmosphere at home is also livened up by the dog, who brings the whole family together. For me, there was an entirely unforeseen positive effect, our dog had, on our social life.

I was almost a stranger in the small English village, which has been our home for years, until we got our first dog. Of course, I could not go unnoticed, as we were the only family of colour in this exclusively white village. I accepted it, if not wholeheartedly, putting it down to the English reserve, which makes it hard for them to warm up to someone who looks different. As I began to walk him, the change in response from the villagers was noticeable. I struck up conversations with many villagers, during my walks, whom I had seen before but never had any interaction with. Many of such acquaintances probably knew me by the name of our dog.

Most people, I came across during such walks, were friendly; at least they would reciprocate my greeting, and some would engage in a brief conversation. But there was one exception.

I saw a lady, often, during my walks, who would not even acknowledge my presence. In the beginning, I was unsure, if she heard my greeting. So, I thought, I must give her the benefit of the doubt.

The next time our paths crossed, I made it a point to slow down whilst approaching her. I almost stopped briefly before making my greeting, “Good Morning”, articulating the words distinctly. But again, there was no response.

‘Did she hear me?’ I wondered.

However, there was no mistake in my mind as to whether she heard me or not. Even if she did not hear, she certainly saw me, uttering the words. I made allowances for the possibility that she was hard of hearing, but she

could not be blind as well, I thought.  She could not avoid reading my lips.

This was repeated again and again. I was convinced that she was deliberately avoiding me and had resolved not to talk to me.  I must admit, I was hurt by her indifference, however hard I tried, to rationalise her behaviour.

Days rolled into weeks and then into months.  In every encounter, her response was just the same, no different from the very first.

So, what else could it be; it must be a subtle from of racism.  She is white and I am brown and that is that.

I wish, I could let it rest at that. But I was smarting from my pricked pride. It lingered like an irritation from a speck of dust stuck in my eye, which I just couldn't get rid of.

One day, when I was in a contemplative mood, our paths crossed again and the old experience was repeated. It suddenly occurred to me: could she be mute?  This would be a perfectly logical explanation of her behaviour.  This mere possibility eased my sense of hurt and brought in a tinge of guilt for labelling her behaviour racist.

But, the next time, I saw her from a distance, I heard her talking with someone and that dispelled my theory of mutism, confirming my worst fear of racism as the sole explanation for her behaviour.

Gradually, with passage of time, my resentment receded, giving way to something halfway between curiosity and indifference. But, the hurt of being totally ignored did not leave me completely.

I saw her from time to time but I stopped greeting her and avoided crossing her path by changing my direction.

Soon, the whole saga became a footnote in this chapter of my life.

One day, I saw her again, but under very different circumstances.  I was in a pensive mood; our dog had been ill for a few weeks and the vet had made a diagnosis of cancer. There was no viable treatment for him and the prognosis was grim. He was also not his usual lively self and certainly not keen for his usual walks any more.

While I was about to cross her on the foot path, she stopped and looking at

our dog, said, “Is he not well?”

I was taken by surprise at this totally unexpected encounter. I was quite unprepared for a suitable response.

Before I could think of an appropriate answer, I blurted out,’ How did you know?’

“I guessed, something is not quite right with him. He is usually well ahead of you, as if he is taking you for a walk. But he seems sluggish and his eyes look sad.”

“Yes, you have got it right,” I said, debating in my own mind, about how much detail I should be giving her.

“I can see it on your face as well,” she came back.

“He has got cancer and it has spread already. And, he doe not have long to live….,” I could not continue as my voice was faltering.

She put her hand on my forearm and looked at my distraught face. I was consumed by the prospect of our dog’s imminent death. So, I was trying to avert my gaze out of sheer embarrassment. Her hand felt like the comforting caress of an angel to my bruised soul.

She looked at me silently for what seemed like an eternity. Before I gently moved my arm away, from the corner of my eyes and I caught her “I know how it feels” look.

I managed to regain my composure and we chatted for a few minutes more about our dog’s illness, diagnosis and treatment or rather lack of it, before we departed.

Just before she turned away to get back on her path, she said, “Perhaps, this is not the time to talk about me but I assure you, this too would pass. About a year ago, when this happened to my dog, the world around simply ceased to exist. Those couple of months, I was in a haze, oblivious to everything and everybody except my dog. But I pulled through and so would you…….”

As I slowly resumed my walk back home, with our dog, I remembered, how much I resented her for not returning my greetings, to conclude that she was being racist. How naive was I, taking language as the bedrock of

communication? It turned me blind to what she was dying to say all along, setting me up to project my prejudice on to her.

When struggling for the right word, eyes can fill some gaps left by the lips; for the unspeakable, words fall flat on their face but touch stands a chance.

On my way back, the thought of losing our dog, was still heavy on my mind, but I was feeling somewhat lighter. It hardly mattered as to what did the trick: cracking the puzzle of her baffling behaviour from the past or sharing my present pain through her touch.

∞∞

**Dr Ajay K Upadhyaya** is a retired Consultant Psychiatrist. He has taken up creative writing in last few years. Most of his poems and short stories have appeared in online journals. He lives in the United Kingdom.

∞∞

# ଫିରଙ୍ଗୀଙ୍କ ପାଇଁ ପଦେ...

**ଅଂଶୁମାନ ମିଶ୍ର**

'ଅତିଥି ଦେବ ତୁଲ୍ୟ' ଗୁରୁଜନଙ୍କଠୁ
ଶୁଣିଥିଲି ପିଲାଦିନେ
ଗୋରା ବେପାରୀ ଙ୍କ କୁଶାସନ କଥା
ଆଜି ପଡ଼ିଗଲା ମନେ

ସୁଖ ସମୃଦ୍ଧି ରେ ଭରି ରହିଥିଲା
ଭାରତ ହଜାର ବରଷ ଧରି
ଫଳ ଲୋଭେ ତାର ମୂଳ ତାଡ଼ିଦେଲ
ବେଇମାନିରେ କିଏ ତୁମ ସରି

ଭାଙ୍ଗିରୁଜି ଦେଲ ଗୁରୁକୁଳ ଆଶ୍ରମ
ଆମ ସଂସ୍କୃତିର ମୂଳଦୁଆ
ଜଗତେ କହିବୁଲ ଆମେ ଅଶିକ୍ଷିତ
ଜାଣିନୁ ଇଂରାଜୀ କଥା କୁହା

ମେଟ୍ରିକ୍ ସିଷ୍ଟମ ମାପଦଣ୍ଡ ପାଇଁ
ନିଅ ଶ୍ରେୟ ଛାତି ପିଟି
ପଠାଣି ସାମନ୍ତ ମାପିଥିଲେ ପର୍ବତ
ଧରି କି ଦୁଇ ଖଣ୍ଡି କାଠି

ପୁଅ ଶିଖୁଥିଲା ବାପର ବେଉସା
ଆତ୍ମନିର୍ଭର ହେବା ପାଇଁ
କଳା କୋଟ ସ୍ୱପ୍ନ ବିକିକି ଯାଇଛ
ଘରେ କଳାକନା ବୁଲେଇ

ରାଣୀଙ୍କ ଆଦେଶେ ଜାଳି ପୋଡ଼ିଦେଲ
ଆମ କାବ୍ୟ, ଗ୍ରନ୍ଥ ଆଉ ପୋଥି

ପୁନଃ ଆବିଷ୍କାର ନାମ ଦେଇ କର
ପେଟେଣ୍ଟ ଫାଇଲ ନୀତି

ଅନ୍ତରୀକ୍ଷ କୁ ରକେଟ ପଠାଇ
ଏବେ ଯାହା ଗଲା ଜାଣି
ଆମରି ଜ୍ୟୋତିଷ କହି ଯାଇଥିଲେ
ତାରାଙ୍କ ଗତିକୁ ଗଣି

କଳଙ୍କିତ ସେହି ଇତିହାସ ହୋଇ
ରହିଛି ଅଭୁଲା ସ୍ମୃତି
ବିଶ୍ୱ ବିଜୟୀ ହେବୁ ଦିନେ ନିଶ୍ଚେ
ଦେଖିବ ହେ ତୁମେ ସାଥୀ

ꝏꝏ

**ଅଂଶୁମାନ ମିଶ୍ର,** ମିଲୱାକୀ, ଆମେରିକା । ବୃତ୍ତିରେ ସଫ୍ଟଓୟାର ଇଞ୍ଜିନିଅରିଂ ସଂସ୍ଥାରେ ମାନେଜର । ବନ୍ଧୁପ୍ରିୟ ଓ ମେଳାପୀ, ସେମାନଙ୍କ ସହ ସମୟ କାଟିବାକୁ ଭଲ ପାଆନ୍ତି । କିଛି କଥା ମନକୁ ଆନ୍ଦୋଳିତ କଲେ, ତାହାକୁ ସେ ବ୍ୟଙ୍ଗ କବିତା ମାଧ୍ୟମରେ ବ୍ୟକ୍ତ କରନ୍ତି ।

ꝏꝏ

# ଅଭିଷେକ

**ଶରତ ଚନ୍ଦ୍ର ରଥ**

ରୁପାର ଦୁଦୁରା  ସୁନାର କେତକୀ
ମହମହ ବାସେ ଯହିଁ
ସେଇଠାକୁ ମୁଁ ଯେ ଯିବାକୁ ଚାହୁଁଛି
ଚାଲ ଯିବା ପ୍ରିୟ ସହି  ।୦।

ତୁମେ ଚାଲିଥିବ ପାଖରେ ପାଖରେ
କାୟା ସଙ୍ଗେ ଛାୟା ପରି
କୃଷ୍ଣ ଚୁଡ଼ାର ଅଧରୁ ତୁମର
ହସ ପଡୁଥିବ ଝରି
ସୁନାମୁଖୀ ସୂର୍ଯ୍ୟମୁଖୀ ଝାଉଁଳିବ ତୁମ ରୂପ ଶୋଭା ଚାହିଁ  ।୧।

ଭଙ୍ଗା ତରଙ୍ଗର ଚାଲିରୁ ତୁମର
ଫୁଟୁଥିବ ପ୍ରୀତି ରେଖା
ପାଦର ନୁପୂର ଶବଦରେ ତାର
ବାଣ୍ଟୁଥିବ ଗୀତ ଲେଖା
ଚାହାଣି ତୁମର କାହାଣୀ ସୁନ୍ଦର  ଯାଉଥିବ କହିକହି  ।୨।

କୁଞ୍ଚିତ କେଶରୁ ବହିଯାଉଥିବ
ଯମୁନାର ଜଳଧାରା
ଗୁନ୍ଥା ହୋଇଥିବ ସେ ବେଣୀ କୁଞ୍ଜରେ
ରଜନୀଗନ୍ଧାର ଝରା
ଝରିପଡୁଥିବ ଫୁଲରୁ ପାଖୁଡା ମଧୁମାଳା ବିଞ୍ଛିଦେଇ  ।୩।

ତୁମ ଧୀର ଧୀର ମଧୁର କଥାରେ
ଝରଣା ଲାଜେଇ ଯିବ
ଆକାଶ ଆସିବ ନଇଁ ଧୀରେ ଧୀରେ
ଦେଖି ତୁମ ଦିବ୍ୟ ଭାବ
ମରତ ମାଟିକୁ ଆସିବ ସରଗ ଶୁଭ ଅଭିଷେକ ପାଇଁ  ।୪।
୦୦୦

# ଅଭିମାନ

**ଶରତ ଚନ୍ଦ୍ର ରଥ**

ଶୀତ ପରେପରେ ବସନ୍ତ ଆସିବ
ଏକଥା ବୁଝେନି ମନ
ବୁଝୁଥାନ୍ତା ଯେବେ ଏଇକଥା ଟିକ
କରନ୍ତା କି ଅଭିମାନ ? ।୦।

ଝରିପଡ଼େ ପରା ପାଦପ ପତର
ନବ କିଶଳୟ ପାଇଁ
ମନ କିନ୍ତୁ କହେ ଝଡିଲେ ପତର
ଆଉ ତ ଆସିବ ନାହିଁ
ପ୍ରତିଟି ଗୋଧୂଳି କହିଦେଇ ଯାଏ ପ୍ରଭାତର ଆଗମନ ।୧।

ନଈ ବହୁଥାଏ ଆଗକୁ ଆଗକୁ
ନୂଆ ନୂଆ ପାଣି ନେଇ
ପୁରୁଣାର ପାଖେ ନୂଆ ରହିଥାଏ
ସତେକି ଦେହର ଛାଇ
ତୁଠ ପଥରର କାନେ କହିଯାଏ ଆସୁଛିରେ ନୂଆ ଦିନ ।୨।

ଏକ ପକ୍ଷୀ ଗାଏ ଆନ ଶୁଣୁଥାଏ
ରାଗ ଆଶାବରୀ ସ୍ୱର
ଜଣେ ଖାଉଥିଲେ ଆନ ପେଟ ପୁରେ
ଗୋଟିଏ ଗଛରେ ଘର
ସେ ସ୍ୱରରେ ଥାଏ ଦୂର ଦିଗନ୍ତର ସୁଧାଝରା ଆବାହନ ।୩।

୦୦୦

# କାଶତଣ୍ଡୀ

## ଶରତ ଚନ୍ଦ୍ର ରଥ

ମୁଁ ତ କାଶତଣ୍ଡୀ ଫୁଲଟିଏ
ଶରତ ଆକାଶ ସାମିଆନା ତଳେ
ଝୁଲିଝୁଲି ଗୀତ ଗାଏ ।୦।

ସୁବାସ ପବନ କାହିଁ ଦୂରୁ ଆସି
ମତେ ଦିଏ ଛୁଇଁ ମିଠାମିଠା ହସି
ଲାଜରେ ଭିଜି ମୁଁ ପବନକୁ କହେ ସତେ ତୁମେ ବଡ଼ ଇଏ ।୧।

ଏ ମରତ ମାଟି ପୂଜା ମୋର ପୁଣ୍ୟ
ତାର ପ୍ରେମ ଗାନେ ମୋ ମନ ମଗନ
ନୀଳପରି ଦେଶ ବିଳାସୀ ନୁହେଁ ମୁଁ, ମରତକୁ ଭଲପାଏ ।୨।

ମାଟିର ଚରଣେ କରେ ମୁଁ ପ୍ରଣାମ
ମାଧୁରୀମା ଢାଳି ମୋ ଜୀବନ ଧନ୍ୟ
ଏଇ ମାଟି ମୋର ସରଗରୁ ବଡ଼ ତାର ଯଶ ମୁହିଁ ଗାଏ ।୩।

ଠଠଠ

**ଡ଼ଃ ଶରତ ଚନ୍ଦ୍ର ରଥ,** ଏମ.ଏ, ଏମ.ଫିଲ, ପିଏଚ.ଡ଼ି. (ବିଭାଗୀୟ ତଥା ଭକ୍ତକବି ସ୍ମୃତି ସ୍ୱର୍ଣ୍ଣ ପଦକ ଦ୍ୱୟର ବିଜେତା), ପ୍ରଫେସର ଏବଂ ବିଭାଗୀୟ ମୁଖ୍ୟ (ଅବସର ପ୍ରାପ୍ତ), ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର । ଓଡ଼ିଆ ସାହିତ୍ୟର ସାରସ୍ୱତ୍ୱ ସାଧକ, ଗବେଷକ, ଲବ୍ଧ ପ୍ରତିଷ୍ଠ ଗୀତିକବି, ସ୍ତମ୍ଭକାର, ସାହିତ୍ୟ ସମାଲୋଚକ ଏବଂ ବକ୍ତା । ଶ୍ରୀଅରବିନ୍ଦ ଦର୍ଶନ ଶାସ୍ତ୍ରର ସଂକଳକ । ତିରିଶରୁ ଅଧିକ ପୁସ୍ତକର ରଚୟିତା ଏବଂ 'ଶରତ ଗୀତି ସମଗ୍ର' ଓ ଶରତ 'କଥା ସମଗ୍ର' ଗ୍ରନ୍ଥାବଳୀ ଦ୍ୱୟର ସ୍ରଷ୍ଟା । ବିଂଶାଧିକ ସାହିତ୍ୟ ସମ୍ମାନର ଅଧିକାରୀ । ଭୁବନେଶ୍ୱରରେ ଅବସ୍ଥାପିତ ।

ଠଠଠ

# ଅପ୍ରାପ୍ତି

**ଯଶୋବନ୍ତ ସେଠୀ**

ତମେ ମତେ କେବେ ଖୋଜିଛ ନା
ମତେ ଜଣା ନାହିଁ
ମୁଁ କିନ୍ତୁ ତମକୁ ଅନେକ ଖୋଜିଛି
ଠିକ୍ ଖୋଜାଖୋଜି ବେଳରେ ।
ତମକୁ ଭବିଷ୍ୟତ ବନେଇ ମୁଁ ଇତିହାସ ହୋଇଛି
ଅନ୍ତରରୁ ଅନ୍ତରୀକ୍ଷ ଯାଏଁ ବାରମ୍ବାର ଚାଲିଚାଲି
ନୂଆ ପାଦଚଲା ରାସ୍ତା ଫିଟେଇଛି ।

ଇତିହାସ, ଭୂଗୋଳ, ଜ୍ୟାମିତି
ଗ୍ରହ, ଉପଗ୍ରହ, ସଭାସମିତି
ମନ୍ଦିର, ଦଧିନଉତି, ହାତୀଛତି, ସବୁଠି
ଖୋଜିଛି,
ଆୟୁଷମାନଙ୍କୁ ପିଇବାକୁ
ପୋଷ ପୋଷ ରକ୍ତ ମୁଁ ଦେଇଛି ।

ମୋ ଖୋଜିବା ସଭିଏଁ ଦେଖିଛନ୍ତି
କିନ୍ତୁ କେହି ଜାଣନ୍ତିନି କାହାକୁ ଖୋଜୁଛି ।

ତମର ନାମ, ଠିକଣା କାହାକୁ ଦେଇନି
କେବେ, କିନ୍ତୁ
ଖୋଜୁଖୋଜୁ ଅନେକ ଦୁର୍ବୋଧ ଭାଷା ମୁଁ ଶିଖିଛି
ଅପହଞ୍ଚ ଜାଗା, ଗଳି, କନ୍ଦି ଆବିଷ୍କାର କରିପାରିଛି
ଅନେକ ଅପୂଜ୍ୟ ଦେବତାଙ୍କୁ ପୂଜିବାର
ମନ୍ତ୍ର ଆପଣେଇଛି ।

ଲାଜରେ ମୁଁ କେମିତି ବା କାହାକୁ କହନ୍ତି
ତମେ ହିଁ ମୋ ଖୋଜିବାର ଇତି !
ଏମାନେ ତ ସବୁ ଧନ, ଦୌଲତ
ଅତିବେଶିରେ ପାରିଜାତ, ଐରାବତ
ଖୋଜାଖୋଜିରେ ବ୍ୟସ୍ତ ।

ସେମାନେ କିଆଁ ଜାଣନ୍ତେ ମୋର ଏ ଖୋଜାଖୋଜି
କେବଳ ତମ ପର୍ଯ୍ୟନ୍ତ,
ଯାହାର ଆରମ୍ଭ ଅଛି, ନାହିଁ କେବେ ଅନ୍ତ ।

ꝏꝏ

**ଯଶୋବନ୍ତ ସେଠୀ** । ଦୁର୍ଗାପୁର, କପ୍ତିପଦା, ମୟୂରଭଞ୍ଜ । ଉଭୟ କବିତା ଓ ଗଳ୍ପ ଲେଖନ୍ତି । ତିନୋଟି କବିତା ସଂକଳନ (ନିଃଶବ୍ଦ ଚିତ୍କାର, ନୀଳାଭ ଦିଗନ୍ତ ଓ ଅସ୍ତଲଗ୍ନା) ଏବଂ ଦୁଇଟି ଗଳ୍ପ ସଂକଳନ (ରାମ ବସନ୍ତ ଓ ଅସ୍ତରାଗ)ର ସ୍ରଷ୍ଟା । ସମ୍ପ୍ରତି ଭୁବନେଶ୍ୱର ପୋଲିସ କମିଶନରେଟରେ ଏ.ସି.ପି. (ନିରାପତ୍ତା) ଭାବରେ କାର୍ଯ୍ୟରତ ।

ꝏꝏ

# ପ୍ରଣୟିନୀ

## ହିମାଦ୍ରୀ ତନୟା ମିଶ୍ର

ମାନସ ଭୂମିରେ ଘୁର୍ଣ୍ଣିଝଡ଼ ଯେବେ
ଆଶଙ୍କା ତ୍ରସ୍ତ ହୋଇଛି
ବ୍ୟସ୍ତ ବିପର୍ଯ୍ୟସ୍ତ ଜୀବନଟା ଯଦି
ଶାନ୍ତ ହେବାର ମୁଁ ଦେଖିଛି ...
ଆକାଂକ୍ଷିତ ଆଖି ନିଷ୍ପାପ ହୃଦୟେ
ତୁମକୁ ହିଁ ଖୋଜି ପାଇଛି
ଶାଣିତ ଜିଜ୍ଞାସା ଧୂମରେଖା ହୋଇ
ଭସ୍ମୀଭୂତେ ସତେ ଯାଇଛି ...
ପ୍ରଣୟିନୀ ମୁଁ ରୂପଲୋକରେ
ଅସଂଖ୍ୟ ରାତି ମୁଁ କାଟିଛି
ଅଳକାପୁରୀର ଇନ୍ଦ୍ରିୟ ବନ୍ଧନେ
କେବଳ ତୁମକୁ ଭାବିଛି ....
ଆକାଶ ଛାତିରେ ମେଘକୁ ଦେଖି ମୁଁ
ତୁମ କଥା କେତେ କହିଛି
କୁନି ଚଢ଼େଇର ହଳିଲା ଡେଣାରେ
ସତେକି ଜୀବନ ଜୀଇଁଛି ...
ଆସନ୍ତାକାଲି ମୁଁ ଦେଖିନି ଯଦିଓ
ମୁକ୍ତିକୁ ଭଲ ପାଇଛି
ସ୍ୱର୍ଗର କଳ୍ପନା କରିନାହିଁ କେବେ
ଶାନ୍ତି ଟିକକ ଖୋଜିଛି ....
ନିବିଡ଼ ନିରାଶାର ଅନ୍ତ ପରେ ମୁଁ
ପୂର୍ଣ୍ଣତା ତୁମଠି ଚାହିଁଛି
ତୁମ ସହ ମିଶି ଜୀବନ ଚିତ୍ରକୁ
ନୀରବେ ନିଖୁଣେ ଆଙ୍କିଛି ...

କେବେ ମୁଁ ଲେଖିନି ମ୍ଲାନ କାଳିମାରେ
ପ୍ରତୀକ୍ଷାର ଅନୁଭୂତି
କେବେ ମୁଁ ଗାଇନି ତୁମ ବିରହରେ
କରୁଣ ରାଗିଣୀ ଗୀତି ...
ଯିବି ଯଦି କେବେ ନ ଫେରିବି ଆଉ
ମୃତ୍ୟୁ କୋଳରୁ ଲେଉଟି
ପ୍ରବାସ ପଥରେ ଚାଲିଗଲା ବେଳେ
ପବନେ ତୁମକୁ ଛୁଇଁବି ...
ଲାଲ ଟୁକୁଟୁକୁ ଅଳତା ପାଦରେ
ତୁମଠୁ ବିଦାୟ ନେବି
ମେଞ୍ଚାଏ ବାସ୍ନାରେ ବିଭୋର କରିବି
ଶେଷଥର ମନ ଭରି ...
ଶୁଭୁଥିବ କାନେ ଦୂର ବଂଶୀ ସ୍ୱନ
ଆଉ ସବୁ ଥିବ ରହି
ପ୍ରଶାନ୍ତି ମନରେ ଅମୃତବେଳାରେ
ଅପେକ୍ଷାର ଅନ୍ତ କରି ...

ꝏꝏ

**ଡ. ହିମାଦ୍ରୀ ତନୟା ମିଶ୍ର ।** ଅଧ୍ୟାପିକା, ଉତ୍କଳ ସଂଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର ।

ꝏꝏ

## ମା'

**ମୋନାଲିସା ଜେନା**

ପାନିଆ, ପୁରୁଣା ଚଟି, କଂକଣ ତୁମର
ସ୍ମୃତିର ସଂଧାନ ପାଇଁ
ପାଥେୟ ଯଥେଷ୍ଟ
ପାସୋରିପାରେ କି କେବେ ଗୋଟାଏ ମୁହୂର୍ତ୍ତ ?
ତୁମ ଛଡ଼ା ଦୁନିଆରେ କେହି ନାହିଁ ମୋର ।
ତଥାପି ମୁଁ ହେବିନାହିଁ ଛାଇଟିଏ ତୁମରି ଛାଂଚର
ତୁମେ ଯା' ହେବାର ଥିଲା
ହେବି ମୁଁ ହୁଏତ !

ତୁମ ସ୍ୱପ୍ନ ପୂରଣର କ୍ଷମତା ମୋ କାହିଁ ?
ତୁମେ ଯେ ଭୁଲିଥିଲ ,
ଖୋଦ୍ ତୁମେ ଅଲୋକସାମାନ୍ୟା !
ଏବେ ମୋର ପ୍ରଜାପତିଡେଣା,
ନିଃଶ୍ବାସରେ ବିହ୍ବଳ ବସନ୍ତ
ଉଡ଼ିବାକୁ ଚାହୁଥିଲ
ତୁମେ ମୋ ସାଥିରେ
କିଏ ବା ପାସୋରିଯିବ ଅନାୟାସେ ତୁମକୁ ସତରେ ?

ପ୍ରଥମ ପ୍ରଣୟ ପରି ତୁମର ଏ ଅବାଧ ସନ୍ତାନ
ପୃଥିବୀ ଘୂରିବ ଚାହେଁ,
ପଦେପଦେ ଦଳିଦଳି
ଦୁଃସହ ଦୁଃଶୋଭନୀୟ
ମତର ମତ୍ତତା !

ତୁମେ ମୋର ଜଳନ୍ତା ପାଉଁଶ ମୁଠେ
ବୋବା ହୋଇଯାଇଥିବା ଯାବତୀୟ ଅପ୍ରେମ ଭିତରେ
ଲହଲହ ନିଆଁ ଆଉ ଲୁଣିଲୁହ ଥୋପାମାନ
ଛାଡ଼ିଯିବା ପରେ ।
ତୁମକୁ ପକାଏ ମନେ ସେଇ ମିଠା
ହସଖଣ୍ଡିକରେ
ତୁମେ କେବେ ନଥିଲ ତ ଅଗ୍ନିକଣା -
ଯା' ମୁଁ ଏବେ ଏବେ ।

ꝏꝏ

**ମୋନାଲିସା ଜେନା ।** ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା ।

ꝏꝏ

# I just want you to return home

**Nilamadhab Kar**

I just want you to return home
Safe, unscathed

Don't take chances,
Don't believe anyone

All that is happening in the world
Can happen to you
Be scared

It's jungle out there
Scarier than the one you know
In the guise of humans
Here animals roam
They maim and kill
To maim and kill, just for fun

There is a disaster lurking around
Any moment, anywhere
No one is safe …

Probably there are
Some good souls,
Deeds and prayers
But they are all meaningless
At the time you need them

Be strong, be prepared
Take precaution
Be ready to do whatever it takes,
Even kill, it's better than being killed

With all the preparations
Chances, hopes, and prayers …
One may still fail
There is nothing fool proof

But be prepared, as
Anything can happen still

All that matters is …,
If you are home,
Safe, unscathed

Hopeless, given-up, despondent
However it may sound
It’s true and I’m scared

I just want you to return home
Safe, unscathed

∞∞

**Nilamadhab Kar** writes about the contrasts in human understandings in relationships, expressing mostly through poems. His literarary activities include editing journals and translating works of Odia to English and vice versa. He has three poetry anthologies; his literary articles have been published in magazines and anthologies in USA, UK and India. He is a psychiatrist by profession.

∞∞

## ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ
## Srujan: The Creativity Journal

### Information about the journal

**ସୃଜନ : ଦି କ୍ରିଏଟିଭିଟି ଜର୍ଣ୍ଣାଲ [**The Srujan: The Creativity Journal (SCJ)] is an endeavour to showcase creative excellence from Odisha and promote it worldwide. This will include Poetry, Short Stories, Paintings, Photography, Dance, Sculpting and any other creative outputs. It is an attempt to put together the choicest creative articles in Odia Literature and creativity in other artistic expressions linked to Odisha for an international readership; with an aim of propagating, promoting Odia literature and creativity worldwide.

**Articles**

Articles of creative writing (poems, short stories, paintings, sculpting, dance, photographs, and other art forms etc.) related to Odisha are included in this International Journal.

It is designed to be a multilingual journal. Translations from different languages to Odia and from Odia to other languages (with written permissions from original copy right holder) are also accepted.

Articles from authors connected to Odisha who are writing in other languages are also welcome (preferably in English).

Journal also encourages readers to suggest a good piece of creative writing or art of an author or creator to be included in this journal.

**Periodicity**

At the moment it is thrice a year: **April, August and December**. The frequency may increase. There is provision of special issues occasionally.

### Instruction to authors

**Type of articles**

**Poems:** Upto 3 short poems can be submitted. Shorter poems with less than 20 lines are better.

**Short stories:** Only one short story at a time.

**Painting:** One or more paintings can be presented, along with a write up about the paintings, title, and theme, method of painting and about the painter. High quality JPEG files are needed.

**Photographs:** Artistic photographs can be submitted, one or more at a time, along with a write up about them. Photographs of creative sculptures can also be submitted. Photographs should be in high resolution JPEG files.

**Photographs of dance / Dancer / with explanations**

**Photographs of sculptures / sculpting**

**Biography of famous creators in history:** Article on a creative person, detailing their creative achievements, and background can be submitted with relevant photographs. These articles are expected to be no more than 500 words.

## Publication Ethics

It is important that the authors need to adhere to the publication ethics. If plagiarism or any other unethical practice is brought the notice of the editorial board, a process will be followed and the article will be retracted and the readers will be informed. Readers are encouraged to report plagiarism or any unethical practice to the editorial board. Authors will remain responsible for any conflicts about their submission. Editorial board or the publishers will not have any liability.

## Submission of articles

**Articles are submitted by email**. srujan.journal@gmail.com Communication regarding outcome of the article (acceptance or rejection) will be communicated in a reasonable time frame or within 3-6 months. The scope of additional communication is limited, considering that the project is supported by volunteers.

## Selection process

Some articles are invited. All other submitted articles are subjected to a review process (mostly double-blind / anonymous without the identities of authors or reviewers disclosed). Following review, based on the reviewers' feedback, articles are selected for publication. Editors facilitate the overall process. Articles with objectionable content that may hurt the sentiments are rejected. Articles without adequate info on the 'author instructions' will not be processed further. Please check for spelling mistakes, typographical issues before submission. Editors' decisions are final.

## Copyright

Authors retain the copyright. The articles are published under suitable CreativeCommons License. Authors can submit their articles published in

the past, if they hold the copyright, or have written permission from the previous publisher to republish. In the latter case the authors need to provide the written permission from the original copyright holder.

### Preparation of the manuscript

Articles should be prepared in MS Word, any editable Font (Unicode font, e.g Kalinga). Please check spellings, and avoid objectionable content.
Save the file in **your name and the type of article** (e.g. Ramnath Lenka - Poem)

## Please provide these details

1. Author name* [if you use a pseudonym, please provide actual name, address and phone number]
2. Address: Current place of residence, State/Country*
3. Author biography (around 100 words) Example style: Name Surname, Artistry, usual work, … etc. …],* Please make it in one paragraph, to be written in third person.
4. Email*
   *[Please note: Articles sent from your email will be considered as your confirmation that it is your original article, and you will be solely responsible for any dispute or copyright violation.]*
5. Phone/WhatsApp (*not to be published*)
6. The details previous publication (if any) of submitted article: name of the magazine/newspaper where published, Year (date). *If published earlier, please ensure that, if needed, you have authority to republish or have written permission from the original publisher / copyright holder to republish.*
7. Title of the article
8. Content of the article
9. If submitting photographs of paintings, sculptures or artistic photography, etc., these should be given in high resolution JPEG files separately. JPEG file names should have the name of the author/contributor.

**The Institute of Insight, UK**
**[A non-profit organisation]**

The Institute of Insight is a non-profit organisation with an objective to advance education, promote health and creativity to improve quality of life by providing opportunities for lifelong learning, training, appropriate services, research, and publications for the benefit of general public and professionals worldwide.

The Institute is working in partnership with **Quality of Life Research and Development Foundation (QoLReF)** and **Geriatric Care and Research organisation (GeriCaRe)** which are academic and charitable organisations supported by resource persons worldwide.

The Institute of Insight is currently supporting various public education initiatives, research related works and publications. It is contributing to the Healthy Ageing Conference a public education event in India, for elderly people and their caregivers. It sponsors publication of Journal of Geriatric Care and Research, Srujan, The Creativity Journal, which are freely available to general public and professionals.